

Reliance fresh
Reliance SMART
Reliance Growth is Life
ଆମ ମୂଲ୍ୟ ₹27.50
ବଜାର ମୂଲ୍ୟ ₹40
ବାନାନା ରୋବଷ୍ଟା 1 kg
ଆମ ମୂଲ୍ୟ ₹49
ବଜାର ମୂଲ୍ୟ ₹60
ମୋସମ୍ବି 1 kg
ଘରକୁ ଆଣନ୍ତୁ
ପୂଜା
ଘରକୁ ଆଣନ୍ତୁ
ଖୁସି
ଆମ ମୂଲ୍ୟ ₹89
ବଜାର ମୂଲ୍ୟ ₹120
ସେଓ ସିମ୍ଲା 1 kg
20% ଛାଡ଼ *ସ.ଖୁ.MRP
ଧୂପକାଠି ଓ ପୂଜା ସାମଗ୍ରୀ
ଗୋଲ୍ଡ ୱିନର୍ ରିଫାଇନ୍ଡ ସନ୍‌ଫ୍ଲାୱାର୍ ଅଏଲ୍ 5 ℓ + ଫର୍ଚ୍ଚୁନ୍ ରୋଜାନା ବାସମତୀ ଚାଉଳ 5 kg + ଗୁଡ୍ ଲାଇଫ୍ ଚିନି 5 kg
ସମଷ୍ଟିଗତ ସ.ଖୁ.ମୂ. ₹1405
₹1029
ସଞ୍ଚୟ ₹376
ଖୋଲା ଚିନି 1 kg
ବଜାର ମୂଲ୍ୟ ₹41
ଆମ ମୂଲ୍ୟ ₹39
ଖୋଲା ହରଡ଼ ଡାଲି ଭାଲ୍ୟୁ 1 kg
ବଜାର ମୂଲ୍ୟ ₹67
ଆମ ମୂଲ୍ୟ ₹65
ଡବଲ୍ ହିରନ୍ ସୋରିଷ ତେଲ 1 ℓ
MRP ₹145
ସଞ୍ଚୟ ₹42
ଆମ ମୂଲ୍ୟ ₹103
ଏଚ୍‌ଏମ୍‌ଟି କୋଲମ୍ ରାଇସ୍ 10 kg
MRP ₹550
ସଞ୍ଚୟ ₹91
ଆମ ମୂଲ୍ୟ ₹459
ଆଶୀର୍ବାଦ ଗୋଟା ଗହମ ଅଟା 5 kg
MRP ₹190
ସଞ୍ଚୟ ₹25
ଆମ ମୂଲ୍ୟ ₹165
ରିଲାଏନ୍ସ ସିଲେକ୍ଟ ବେସନ / ସୁଜି/ ମଇଦା 500 g / 1 kg
MRP ₹38 ତେଣିକି
BUY1 GET1
ଗୁଡ୍ ଲାଇଫ୍ ଆଲମଣ୍ଡ 500 g
MRP ₹461
ସଞ୍ଚୟ ₹72
ଆମ ମୂଲ୍ୟ ₹389
ଓମ୍‌ଫେଡ୍ ଘିଅ 1 ℓ
MRP ₹515
ସଞ୍ଚୟ ₹30
ଆମ ମୂଲ୍ୟ ₹485
ମ' ର ଡେଇରୀ ମିଠା ' ହି 400 g
MRP ₹55
ଆମ ମୂଲ୍ୟ ₹49
ସଞ୍ଚୟ ₹6
ବ୍ରିଟାନିଆ ଚୀଜ୍ ସ୍ଲାଇସ୍ ପ୍ଲେନ୍ 200 g
MRP ₹145
ଆମ ମୂଲ୍ୟ ₹119
ସଞ୍ଚୟ ₹26
ବ୍ରିଟାନିଆ 273 g / ପାର୍ଲେ ରସ୍କ 300 g
MRP ₹40
25% ଛାଡ଼
ହଲ୍‌ଦିରାମ୍'ସ ପ୍ରଭୁଜୀ ଭୁଜିଆ 1 kg
MRP ₹230
ଆମ ମୂଲ୍ୟ ₹170
ସଞ୍ଚୟ ₹60
ସନ୍‌ଫିଷ୍ଟ ଫାର୍ମଲାଇଟ୍ ଡାଇଜେଷ୍ଟିଭ୍ ବିସ୍କିଟସ 100 g
MRP ₹25
BUY1 GET1
Exclusive Offer for RelianceOne Members
ବ୍ରିଟାନିଆ ଗୁଡ୍‌ଡେ କାଶ୍ୟୁ ବିସ୍କୁଟ 200 g
MRP ₹37 ତେଣିକି
ସଞ୍ଚୟ ₹15*
*2ଟି ୟୁନିଟ କିଣିଲେ
କିସାନ୍ ଫ୍ରେଶ୍ ଟମାଟୋ କେଚପ୍ 950 g
MRP ₹125
ଆମ ମୂଲ୍ୟ ₹99
ସଞ୍ଚୟ ₹26
ମାଜା 1.2 ℓ
MRP ₹70
ଆମ ମୂଲ୍ୟ ₹52
ସଞ୍ଚୟ ₹18
ତାଜ ମହଲ ଚାହା 500 g
MRP ₹225
ଆମ ମୂଲ୍ୟ ₹195
ସଞ୍ଚୟ ₹30
ଟ୍ରପିକାନା / ବି ନାଚୁରାଲ୍‌ଜୁସ୍ 1 ℓ (ବଛା ବଛା ପ୍ରକାର)
MRP ପ୍ରତ୍ୟେକ ସର୍ବାଧିକ ₹99 ତେଣିକି
BUY2 GET1
କଲଗେଟ୍ ଡେଣ୍ଟାଲ୍ କ୍ରୀମ୍ 200 g + 200 g + 100 g ମାଗଣା / କୋଲଗେଟ ମାକ୍ସ ଫ୍ରେଶ୍ ସେଭର୍ ପ୍ୟାକ୍ 300 g
MRP ₹164 ତେଣିକି
ଆମ ମୂଲ୍ୟ ₹139 ତେଣିକି
ସଞ୍ଚୟ ₹25
ପେଅରସ୍ ପ୍ୟୋର୍ ଆଣ୍ଡ ଜେଣ୍ଟଲ୍ ସୋପ୍ 125 g x 3 ୟୁନିଟ
MRP ₹164
ଆମ ମୂଲ୍ୟ ₹124
ସଞ୍ଚୟ ₹40
(କିଡେନ୍ ପ୍ୟାକ୍‌ରେ)
Exclusive Offer for RelianceOne Members
ହେଡ୍ ଆଣ୍ଡ ଶୋଲ୍‌ଡର୍‌ସ / ପାଣ୍ଟିନ୍‌ଶାମ୍ପୁ / ସନ୍‌ସିଲ୍କ ଶାମ୍ପୁ 675 ml (ବଛା ବଛା ପ୍ରକାର)
MRP ₹370 ତେଣିକି
BUY1 GET1
ଟାଇଡ୍ ଲକ୍ଷ୍ମୀ ପାଉଡର 4 kg + 1 kg ମାଗଣା* (ବଛା ବଛା ପ୍ରକାର)
MRP ₹439
ଆମ ମୂଲ୍ୟ ₹379
ସଞ୍ଚୟ ₹60
*1 kg ପ୍ୟାକ୍ ଭିତରେ
ଷ୍ଟେଫ୍ରୀ ଡ୍ରାଇମାକ୍ସ ଅଲ୍‌ଟ୍ରା ଥିନ୍ ଅଲ୍ ନାଇଟ୍ 28 ଟିକିଆ
MRP ₹330
ଆମ ମୂଲ୍ୟ ₹240
ସଞ୍ଚୟ ₹90
Reliance Smart-ଭୁବନେଶ୍ୱର – ମାଷ୍ଟର୍ କ୍ୟାଣ୍ଟିନ, ରେଳ ଷ୍ଟେସନ ପାଖରେ, ଚୋର୍ଦ୍ଧା ବାୟପାସ୍, କାର୍ଗିଲ ଏନ୍‌କ୍ଲେଭ୍ ସାମ୍ନାରେ, ଯାଜପୁର ରୋଡ୍, ଷ୍ଟୋର୍ ସମୟ : ସପ୍ତାହର 7 ଦିନ ଖୋଲା ସକାଳ 08.00 ରୁ ରାତି 10.00 ପର୍ଯ୍ୟନ୍ତ
ଡାଏଲ୍ କରନ୍ତୁ ନିଃଶୁଳ୍କ ନମ୍ବର 1800-103-2022 ପାଖ ରିଲାଏନ୍ସ ଫ୍ରେଶ୍ ଷ୍ଟୋର୍‌ସ ଠିକଣା ଜାଣିବାକୁ
20 % Cashback freecharge
T&C Apply : Offer valid on minimum bill of ₹250 Maximum cashback upto ₹50, valid twice per user
FLAT ₹100 Paytm Cashback
T&C Apply : On completing 4 transactions of ₹599 each in a month. Valid Once Per User. Starting From 1st October 2018
MobiKwik SAVE 15%
sodexo Now accepted on Food items*.

ଭୁଲରେ ବି ନିଜକୁ ପ୍ରଚାର କରିବାକୁ ଯାଆନାହିଁ ବା ନିଜକୁ ପ୍ରଚାର କରିବାକୁ କାହାକୁ ଅନୁରୋଧ କରନାହିଁ। ତା' ହେଲେ ସମସ୍ତେ ତୁମକୁ ଘୃଣା କରିବେ। ଆଉ ତୁମଠାରୁ ଦୂରେଇଯିବେ।
- ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଆବାସ ଯୋଜନାରେ ନାମ ନ ଥିବାରୁ ଅନଶନ

**ଦଶରଥପୁର,୨୮।୯(ଡିଏନ୍ଏ):** ଦଶରଥପୁର ବ୍ଲକ ଅସନପୁର ପଞ୍ଚାୟତ ରଙ୍ଗସ ରାଜସ୍ୱ ମୌଜା (କଣ୍ଟାବଣିଆ ଗ୍ରାମ)ର ନିତ୍ୟାନନ୍ଦ ଦାସ ଆବାସ ଯୋଜନାରେ ଗୃହ ପାଇବା ପାଇଁ ଆବେଦନ କରିଥିଲେ ମଧ ତାଙ୍କ ନାମ ତାଲିକାରେ ନ ଥିବା ଯୋଗୁ ସେ ଶୁକ୍ରବାର ପୂର୍ବାହ୍ଣରେ ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ନିତ୍ୟାନନ୍ଦ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିଲେ ହେଁ ତାଙ୍କୁ ତାଲିକାରୁ ବାଦ ଦିଆଯାଇଥିବାରୁ ତାଙ୍କ ଅନଶନକୁ ସମର୍ଥନ ଜଣାଇ ଗ୍ରାମର ବଳରାମ ଦାସ, ନୃସିଂହ ମଲ୍ଲିକ, ଚୌଧୁରୀ ମଲ୍ଲିକ, ଚିନ୍ତାମଣି ଶତପଥୀ, ଭୀମସେନ ମଲ୍ଲିକ, ହୁରି ମଲ୍ଲିକଙ୍କ ସହ କେତେକ ବ୍ୟକ୍ତି ତାଙ୍କ ସହ ଅନଶନରେ ବସିଥିଲେ। ତେବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନବୀନ ସାମଲ, ସରପଞ୍ଚ ଦିବାକର ସାମଲ, ସମିତି ସଭ୍ୟ ନୀଳମାଧବ ନାୟକ ଅନଶନସ୍ଥଳକୁ ଆସି ତଦନ୍ତ କରାଯାଇ ଗୃହ ପ୍ରଦାନ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ପରେ ନିତ୍ୟାନନ୍ଦ ଅନଶନ ପ୍ରତ୍ୟାହୃତ ହୋଇଥିଲା।

### ୩ ବାଲି ବୋଝେଇ ଟ୍ରାକ୍ଟର ଜବତ, ୭୫ହଜାର ଟଙ୍କା ଜରିମାନା ଆଦାୟ

**ରସୁଲପୁର,୨୮।୯(ଡିଏନଏ):** ରସୁଲପୁର ତହସିଲ ଅଧୀନ ଜାବରା ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ବେଆଇନ ବାଲି ଉଠାଇ ଯାଉଥିବା ୩ଟି ଟ୍ରାକ୍ଟରକୁ ତହସିଲ ପକ୍ଷରୁ ଶୁକ୍ରବାର ଜବତ କରାଯିବା ସହ ତହସିଲଦାର ପ୍ରତାପ ଚନ୍ଦ୍ର ରାଉତ ୭୫ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ତିନୋଟି ଯାକ ଟ୍ରାକ୍ଟର ଯାଜପୁର ରୋଡ ଅଞ୍ଚଳର ବୋଲି ଜଣାପଡିଛି। ବେଆଇନ ବାଲି ଉଠାଣ ସମ୍ପର୍କରେ ଖବର ପାଇ ତହସିଲଦାରଙ୍କ ପକ୍ଷରୁ କୁଆଖିଆ ପୋଲିସ ସହାୟତାରେ ବାଲି ଘାଟକୁ ଘେରାବନ୍ଦି କରାଯାଇଥିଲା। ସବୁ ରାସ୍ତାକୁ ସିଲ୍ କରି ଦିଆଯାଇଥିବାରୁ ବାଲି ବୋଝେଇ ଟ୍ରାକ୍ଟରଗୁଡିକ ଖସି ପଳାଇବାରେ ସକ୍ଷମ ହୋଇପାରି ନ ଥିଲେ। ତହସିଲଦାର ଜବତ କରିଥିବା ଟ୍ରାକ୍ଟର ମଧ୍ୟରୁ ୨ଟିକୁ କୁଆଖିଆ ଥାନାକୁ ଆଣିଥିଲେ। ଗୋଟିଏର ଯାନ୍ତ୍ରିକ ତ୍ରୁଟି ଥିବାରୁ ତାହା ଆସି ନ ପାରି ଘଟଣାସ୍ଥଳରେ ରହିଯାଇଥିଲା।

### ଆନ୍ତଃରାଜ୍ୟ ବ୍ୟାଟେରି ଚୋର ଗିରଫ

**ବିରଜାକ୍ଷେତ୍ର,୨୮।୯(ଡି.ଏନ୍.ଏ):** ୪ ଆନ୍ତଃରାଜ୍ୟ ବ୍ୟାଟେରି ଚୋରକୁ ଯାଜପୁର ପୋଲିସ ଶୁକ୍ରବାର ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ଭଦ୍ରକ ବନ୍ତର ଜ୍ୟୋତିରଞ୍ଜନ ନାୟକ(୨୫), କେନ୍ଦୁଝର ନନ୍ଦିପଦାର ସିପୁନ ଓଝା(୨୦), ହରେକୃଷ୍ଣ ସାହା(୨୪), ଭଦ୍ରକ ଜିଲା ଧାମନଗରର ସେକ୍ ହନିଫ୍(୨୨)। ଚଳିତମାସ ୨୩ତାରିଖ ବିଞ୍ଝାରପୁର ଥାନା ଡିହକୁଳାରେ ଥିବା ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି ହୋଇଥିଲା। ଏନେଇ ବିଞ୍ଝାରପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ବିଞ୍ଝାରପୁର ଥାନା ପୋଲିସ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ତଦନ୍ତ ଚଳାଇଥିଲା। ୨୪ତାରିଖ ଯାଜପୁର ଥାନା ଅନ୍ତର୍ଗତ ମହାବୀର ଛକରେ ଥିବା ମୋବାଇଲ ଟାୱାରରୁ ବ୍ୟାଟେରୀ ଚୋରି କରି ଦୁର୍ବୃତ୍ତମାନେ ପଳାଇ ଯାଇଥିଲେ। କିନ୍ତୁ ଦୁର୍ବୃତ୍ତମାନେ ବ୍ୟବହାର କରୁଥିବା ଏକ କାର୍ (ଓଡ଼ି-୨୨ଏଫ୍-୨୦୦) ବିଷୟରେ ଯାଜପୁର ଥାନା ସୁରାକ ପାଇ ତଦନ୍ତ କରି ଏହା ଭଦ୍ରକ ଜିଲା ବନ୍ତରର ଜଣେ ବ୍ୟକ୍ତିଙ୍କ ଗାଡ଼ି ବୋଲି ଜଣାପଡ଼ିଥିଲା। ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରି ଥାନାକୁ ଆଣିବା ପରେ ତାଙ୍କ ସହ ଅନ୍ୟ ୩ଜଣ ସମ୍ପୃକ୍ତ ହୋଇ ବିଭିନ୍ନ ଜିଲାରୁ ବ୍ୟାଟେରି ଚୋରି କରୁଥିବା ପୋଲିସ ଜାଣିବା ପରେ ସେମାନଙ୍କୁ ଗିରଫ କରିଛି। ଏମାନଙ୍କ ନାମରେ ବିଞ୍ଝାରପୁର, ମଙ୍ଗଳପୁର, ଯାଜପୁର ଟାଉନ, ଯାଜପୁର ସଦର, ବନ୍ତ, ଭଦ୍ରକ ସଦର, ଧାମନଗର ଓ କଳିଙ୍ଗନଗର ଥାନାରେ ଚୋରୀ କେସ୍ ନେଇ ମାମଲା ରୁଜୁ ହୋଇଛି। ସେମାନଙ୍କୁ ୨୨୭/୧୮ ମାମଲାରେ କୋର୍ଟଚାଲାଣ କରାଯାଇଛି।

■ ନିଷ୍କାସନ ହୋଇପାରୁନି ବର୍ଷାଜଳ

# ଦୁର୍ଦ୍ଦଶାରେ କୁମ୍ଭକାର ପରିବାର

**ରସୁଲପୁର,୨୮।୯(ଡିଏନଏ)**

**ନରସିଂହପୁର ପଞ୍ଚାୟତ**
- ■ପାଣି ଘେରରେ ୧୦ କୁମ୍ଭକାର ପରିବାର
- ■ସମାଧାନ ପାଇଁ ମନ ବଳାଉନି ପ୍ରଶାସନ
- ■ବୃତ୍ତି ହରାଇବାକୁ ବସିଛନ୍ତି କୁମ୍ଭକାର

କୌଳିକ ବୃତ୍ତି ହଜିବାକୁ ବସିଥିବା ବେଳେ ଏହାର ପୁନରୁଦ୍ଧାର ପାଇଁ ସରକାରୀସ୍ତରରେ ବ୍ୟାପକ ପ୍ରୟାସ କରାଯାଉଛି। ତେବେ କୁମ୍ଭକାର ପରିବାର ମାସାଧିକ କାଳ ନିଜ କୌଳିକ ବୃତ୍ତିରୁ ବିରତ ରହିଛନ୍ତି। ଏଥିପାଇଁ କୃତ୍ରିମ ବନ୍ୟାକୁ ଦାୟୀ କରାଯାଉଛି। ପ୍ରଶାସନିକ ଉଦାସୀନତା ଯୋଗୁ କୁମ୍ଭକାର ପରିବାର କୌଳିକ ବୃତ୍ତି ହରାଇବା ଭଳି ସ୍ଥିତି ଉପୁଜିଛି। କ୍ଷତିଗ୍ରସ୍ତ ପରିବାରକୁ ଭୋକ ଉପାସରେ କାଳତିପାତ କରିବାକୁ ପଡୁଛି। ଏଭଳି ସ୍ଥିତି ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ଗୌରଶ୍ୟାମ ପାଟଣା ରାଜସ୍ୱ ଗ୍ରାମର ୧୨ନମ୍ବର ୱାର୍ଡରେ ବସବାସ କରୁଥିବା କୁମ୍ଭକାର ପରିବାର ଲୋକଙ୍କ କ୍ଷେତ୍ରରେ ଦେଖାଯାଇଛି। ଏହି ପରିବାର ଲୋକଙ୍କ ଜୀବନଜୀବିକା ବିପନ୍ନ ହୋଇପଡିଛି। ବର୍ଷାଜଳ ଘେରରେ ୧୦ ପରିବାରଙ୍କ ହାଣ୍ଡି ମାଠିଆ ଗଢା ହେଉଥିବା ଗୃହ, ସେଗୁଡିକୁ ପୋଡିବାରେ ବ୍ୟବହାର କରୁଥିବା ଶାଳଗୁଡିକରେ ବର୍ଷାଜଳ ପଶି ଯାଇଛି। ଏ ଦିଗରେ ପ୍ରଶାସନ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ଅଭିଯୋଗ ପରେ ବି କୁମ୍ଭକାର ପରିବାରଙ୍କର ସମସ୍ୟା ସମାଧାନ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ସ୍ଥାନୀୟ ସରପଞ୍ଚ ଏ ଦିଗରେ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି ବୋଲି କ୍ଷତିଗ୍ରସ୍ତ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଉକ୍ତ ସମସ୍ୟାକୁ ସରପଞ୍ଚ ମଧ ଗମ୍ଭୀରତାର ସହ ନେଉ ନାହାନ୍ତି। କ୍ଷତିଗ୍ରସ୍ତ ପରିବାର ସରକାରୀ ଜାଗାକୁ ଅବରୋଧ କରିଛନ୍ତି। ସରପଞ୍ଚ ପ୍ରଭାସିନ ନାୟକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ କ୍ଷତିଗ୍ରସ୍ତ ପରିବାରକୁ ପରାମର୍ଶ ଦେଇଛନ୍ତି। ପ୍ରକାଶ ଯେ, କୁମ୍ଭକାର ପରିବାରଗୁଡିକ ସ୍ଥାୟୀ ଭାବେ ଶତାଧିକ ବର୍ଷଧରି ଏଠାରେ ବସବାସ କରୁଛନ୍ତି। ସେମାନଙ୍କ କୌଳିକ ବୃତ୍ତି ବଞ୍ଚାଇବା ପାଇଁ କଞ୍ଚା ମାଟିରେ ହାଣ୍ଡି, ଦୀପ, ସରା, ମାଟି କଳସ ଇତ୍ୟାଦି ଶାଳରେ ପୋଡି ହାଟ ବଜାରରେ ବିକ୍ରି କରି ପେଟ ପୋଷିଥାନ୍ତି। ମାତ୍ର ବର୍ଷା ଜଳ ସେମାନଙ୍କ ଜୀବିକାକୁ ଧୋଇ ଦେଇଛି। ଏହି ୱାର୍ଡରେ ଜମି ରହୁଥିବା ବର୍ଷା ଜଳ ଦୀର୍ଘଦିନ ଧରି ନିଷ୍କାସନ ହୋଇପାରୁ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ପରିବାର ଲୋକେ ମୁଖ୍ୟ ରାସ୍ତାକୁ ଆସିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ପାଣି ଯୋଗୁ ପିଲାଙ୍କ ପାଠପଢାରେ ବାଧା ସୃଷ୍ଟି ହୋଇଛି। ବର୍ଷା ଛାଡି ଯାଇଥିଲେ ସୁଦ୍ଧା ଏବେ ବି ଘର ଚାରିପଟେ ଆଣ୍ଠୁଏ ଲେଖାଏ ପାଣି ଜମି ରହିଛି। ଲୋକମାନେ ଜଳବନ୍ଦୀରେ ରହିଛନ୍ତି। ବର୍ଷା ଜଳ ନିଷ୍କାସନ ପାଇଁ ସ୍ଥାୟୀ ସମାଧାନ ନିମିତ୍ତ କ୍ଷତିଗ୍ରସ୍ତ ପରିବାରର ଭୀମସେନ ସାହୁ, ଶ୍ୟାମସୁନ୍ଦର ସାହୁ, ରବିନ୍ଦ୍ରନାଥ ସାହୁ , ଦାମୋଦର ସାହୁ , ପୂର୍ଣ୍ଣ ଚନ୍ଦ୍ର ସାହୁ , ରମେଶ ସାହୁ , ଅଜୟ ସାହୁ ଯାଜପୁର ଜିଲାପାଳ, ଉପଜିଲାପାଳ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ, ରସୁଲପୁର ବ୍ଲକ ବିଡିଓ ଏବଂ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ଅଭିଯୋଗକୁ ସପ୍ତାହ ବିତିଥିଲେ ସୁଦ୍ଧା ଜିଲା ଏବଂ ବ୍ଲକ ପ୍ରଶାସନ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।



### ନାବାଳକଙ୍କ ଆତ୍ମହତ୍ୟା

**ରସୁଲପୁର,୨୮।୯(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମ ଶବର ସାହି ନିକଟସ୍ଥ ଏକ ଆମ୍ବଗଛରେ ଜଣେ ନାବାଳକଙ୍କ ମୃତଦେହ ଶୁକ୍ରବାର ଅପରାହ୍ଣରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତ ନାବାଳକ ହେଲେ ଭାସ୍କର ମହାକୁଡଙ୍କ ପୁଅ ଅଭିରାମ(୧୫)। ସେ ଶୁକ୍ରବାର ସକାଳୁ ଘରେ ନ ଥିବା ଦେଖି ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଅପରାହ୍ଣ ପ୍ରାୟ ୧୨ଟା ୩୦ମିନିଟ୍ ସମୟରେ ଭାସ୍କର ତାଙ୍କ ପୁଅ ଘରଠାରୁ କିଛି ଦୂରରେ ଥିବା ଏକ ଆମ୍ବ ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ପରିବାର ଓ ଗ୍ରାମବାସୀଙ୍କୁ ଜଣାଇବା ସହିତ ତାଙ୍କୁ ତଳକୁ ଆଣି ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ମହିଳାଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

**ରସୁଲପୁର,୨୮।୯(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ଭଗିରଥପୁର ଗାଁରେ ଗୁରୁବାର ବିଳମ୍ବିତ ରାତିରେ କାର୍ତ୍ତିକ ବେହେରାଙ୍କ ସ୍ତ୍ରୀ ସୁମିତ୍ରା (୩୦) ଶୋଇବା ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା ପଛର କାରଣ ଏବେ ବି ଅସ୍ପଷ୍ଟ ରହିଛି। କୁଆଖିଆ ଥାନା ପୋଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି। ଝିଅ ବାପଘର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଘଟଣାଦିନ ରାତିରେ ମୃତ ମହିଳାଙ୍କ ବାପା ଯାଜପୁର ଜିଲା ମଙ୍ଗଳପୁର ଥାନା ଜାଫରପୁର ଗାଁର ବାବାଜୀ ବେହେରା ଝିଅ ଘରେ ଉପସ୍ଥିତ ଥିଲେ। ସେ ଦ୍ୱିତୀୟା ଭାର ନେଇ ୨ଦିନ ତଳେ ଝିଅ ଘରକୁ ଆସି ରହିଥିଲେ। ଘଟଣା ସମ୍ପର୍କରେ ମୃତ ମହିଳାଙ୍କ ପୁତୁରା ରମେଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କୁଆଖିଆ ଥାନାରେ ଏକ ମାମଲା (ନଂ ୮/୧୮) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏସଆଇ ମଧୁମିତା ମହାନ୍ତି ଘଟଣାର ତଦନ୍ତ କରୁଛନ୍ତି।

## ଜମିପଟ୍ଟା ପ୍ରଦାନ ଦାବି



ପଟ୍ଟା ପ୍ରଦାନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

**ବିରଜାକ୍ଷେତ୍ର,୨୮।୯(ଡି.ଏନ୍.ଏ)**

ଘରବାଡ଼ି ଓ ଜମିପଟ୍ଟା ନ ଥିବାରୁ ସରକାରୀ କାର୍ଯ୍ୟ ପାଇଁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଗ୍ରାମବାସୀମାନେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ଜମିପଟ୍ଟା ପାଇଁ ଦାବି କରିଛନ୍ତି। ଦଶରଥପୁର ବ୍ଲକ ଚିତାଳୋ, ବିହାରୀ, ରାହାସୋଇ, ଅକରପଡ଼ା ଗ୍ରାମପଞ୍ଚାୟତରେ ଦୀର୍ଘଦିନ ହେବ ଦଳିତ ପରିବାର ବାସ କରିଆସୁଛନ୍ତି। ଏମାନେ ଦୀର୍ଘଦିନ ଧରି ବାସ କରିଆସୁଥିଲେ ମଧ ପଞ୍ଚାୟତ କିମ୍ବା ଜିଲା ପ୍ରଶାସନ ସେମାନଙ୍କୁ ଜମିପଟ୍ଟା ପ୍ରଦାନ କରୁନାହାନ୍ତି।ଫଳରେ ସେମାନଙ୍କ ପିଲାମାନେ ସ୍କୁଲରେ ନାମ ଲେଖାଇବାରେ ଅସୁବିଧାର ସମ୍ମୁଖୀନ ହେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନ ମିଳିବା ସହ ବିଭିନ୍ନ ସରକାରୀ କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୦୦ ବର୍ଷଧରି ସେମାନେ ଉକ୍ତ ପଞ୍ଚାୟତରେ ବାସ କରୁଥିଲେ ମଧ ସେମାନଙ୍କୁ ପ୍ରଶାସନ ଏପର୍ଯ୍ୟନ୍ତ ଜମିପଟ୍ଟା ପ୍ରଦାନ କରିନାହିଁ। ଜମିପଟ୍ଟା ନିମନ୍ତେ ଏହି ପରିବାରଗୁଡ଼ିକ ତହସିଲ ପ୍ରଶାସନକୁ ପଟ୍ଟା ପାଇଁ ନିବେଦନ କରୁଥିଲେ ମଧ ତହସିଲ ପ୍ରଶାସନ କର୍ଣ୍ଣପାତ କରୁନାହିଁ। ଶେଷରେ ବାଧହୋଇ ମାନସ ଯେନା, ଟୁନା ଦାସ, ଟୁନା ମଲିକ, ଧୋଇ ସାହୁ, ସଇନ ଯେନାଙ୍କ ସମେତ ଶତାଧିକ ଗ୍ରାମବାସୀ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିବା ସହ ଜମିପଟ୍ଟା ପାଇଁ ଦାବି କରିଛନ୍ତି।

## ବେନିୟମ, ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଅଭିଯୋଗ

**ବିରଜାକ୍ଷେତ୍ର,୨୮।୯(ଡି.ଏନ୍.ଏ)**

ଯାଜପୁର ବ୍ଲକ ବିଚିତ୍ରପୁର ପଞ୍ଚାୟତରେ ହୋଇଥିବା ବିଭିନ୍ନ ବେନିୟମ ଓ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ହୋଇଥିବାରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ଲକ କଂଗ୍ରେସ କମିଟି ସଭାପତି ବିଳାସ ଚନ୍ଦ୍ର ରାଉତରାୟ ଜିଲାପାଳଙ୍କଠାରେ ଦାବି କରିଛନ୍ତି। ବିଚିତ୍ରପୁର ପଞ୍ଚାୟତର ବାଣପୁର ଗ୍ରାମରେ ସରକାରୀ ଖୁଚୁରା ଖାଉଟୀ ବିକ୍ରୟକେନ୍ଦ୍ର ଦାୟିତ୍ୱରେ ଥିବା ରିଟେଲର ଇନ୍ଦିରା ଆବାସ ଯୋଜନାରେ ହିତାଧିକାରୀଭାବେ କାର୍ଯ୍ୟାଦେଶ ପାଇ ସମ୍ପୂର୍ଣ୍ଣ ଅର୍ଥ ଉଠାଇବା, ଯାଜପୁର ପଞ୍ଚାୟତ ସମିତି ଛକଠାରୁ ସର୍ବଶିକ୍ଷା କାର୍ଯ୍ୟାଳୟଠାରୁ ବୈଦ୍ୟରାଜପୁରକୁ ଯାଇଥିବା ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗରେ ଥିଲେ ମଧ ଏହି ରାସ୍ତାରେ କାମ ନ କରି ଅନ୍ୟ ଜାଗାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନାମରେ କାମ କରି କୋଟି କୋଟି ଟଙ୍କା ହଡ଼ପ କରିବା, କୁମ୍ଭାର ସାହି ଗ୍ରାମ୍ୟ ରାସ୍ତାର ସମୀକ୍ଷା କରିବା, କଳାବିକାଶ କେନ୍ଦ୍ର କେଉଁଠାରେ ପ୍ରତିଷ୍ଠା କରାଯାଇଛି ତାହାର ତଦନ୍ତ ହେବା ଏବଂ ପଞ୍ଚାୟତରେ ହୋଇଥିବା ବିଭିନ୍ନ ବେନିୟମ ଓ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ବିରୋଧରେ ତଦନ୍ତ କରିବା ପାଇଁ କଂଗ୍ରେସ ସଭାପତି ରାଉତରାୟ ଦାବି କରିଛନ୍ତି। ଯଦି ଜିଲା ପ୍ରଶାସନ ଏହି ବେଆଇନ ଓ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ବିରୋଧରେ ତଦନ୍ତ ନ କରନ୍ତି ଆଗାମୀ ଦିନରେ ବ୍ଲକ କଂଗ୍ରେସ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ରାଉତରାୟ ସୂଚନା ଦେଇଛନ୍ତି।

■ ଡାକ ସେବାରେ ତ୍ରୁଟି, ଉଚ୍ଚଶିକ୍ଷାରୁ ଛାତ୍ରୀ ବଞ୍ଚିତ

## ୫୦ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଖାଉଟି ଅଦାଲତଙ୍କ ନିର୍ଦ୍ଦେଶ

**ବିରଜାକ୍ଷେତ୍ର,୨୮।୯(ଡି.ଏନ୍.ଏ)**

ଡାକ ବିଭାଗର ଅବହେଳା ଯୋଗୁ ଯାଜପୁର ଅଞ୍ଚଳର ଜଣେ ଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବା ଅଭିଯୋଗର ଶୁଣାଣି କରି ଯାଜପୁର ଖାଉଟି ଅଦାଲତ ୫୦ ହଜାର ଟଙ୍କାର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଯାଜପୁର ଥାନା ଅନ୍ତର୍ଗତ ଖଣ୍ଡରା ଗ୍ରାମର ଅଶୋକ ପତିଙ୍କ ଝିଅ ଶୁଭସ୍ମିତା ଯୁକ୍ତ ୨ ପାସ କରିବା ପରେ ୨୦୧୭-୧୮ ବର୍ଷରେ ବିଏସ୍ସି ନର୍ସିଂ ପଢ଼ିବା ପାଇଁ ଆବେଦନ କରିଥିଲେ। ମେରିଟ୍ ଲିଷ୍ଟରେ ତାଙ୍କର ର୍ୟାଙ୍କ ୪୩୪ ଥିବାବେଳେ ତାଙ୍କୁ ମନୋନିତ କରାଯାଇ ବେଶିକ୍ ବିଏସ୍ସି ନର୍ସିଂ ସିଲେକ୍ସନ୍ କମିଟି ଓଡ଼ିଶା ପକ୍ଷରୁ ୧।୧୧।୨୦୧୭ରୁ ୩।୧୧।୨୦୧୭ ସୁଦ୍ଧା କାଉନ୍ସିଲିଂରେ ଯୋଗଦେବା ପାଇଁ କଲ୍ ଲେଟର୍ ଡାକଯୋଗେ ପଠାଇଥିଲେ। ଏହି ଚିଠି ୨୫।୧୦।୨୦୧୭ରିଖ ପଠାଯାଇଥିବା ବେଳେ ଛାତ୍ରୀଙ୍କ ଠିକଣା ମୁତାବକ ସ୍ଥାନୀୟ ଦେବୀଦ୍ୱାର ପୋଷ୍ଟଅଫିସ୍‌ରେ ୨୮।୧୦।୧୭ରେ ପହଞ୍ଚିଥିଲା। ତେବେ ଦେବୀଦ୍ୱାର ପୋଷ୍ଟଅଫିସ୍‌ରୁ ଛାତ୍ରୀଙ୍କ ଘର ମାତ୍ର ୨ କି.ମି. ହୋଇଥିଲେ ହେଁ ଛାତ୍ରୀ ଜଣଙ୍କୁ ଏହି ଚିଠିଟି ତାଙ୍କୁ ୨୧।୧୧।୨୦୧୭ରେ ମିଳିଥିଲା। ସେତେବେଳକୁ ଛାତ୍ରୀ ଜଣଙ୍କ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇସାରିଥିଲେ। ବାଧ ହୋଇ ସମ୍ପୃକ୍ତା ଛାତ୍ରୀ ମାନସିକ ନିର୍ଯାତନା ଏବଂ ପାଠପଢ଼ାରୁ ବଞ୍ଚିତ ଦର୍ଶାଇ ନ୍ୟାୟ ପାଇଁ ଯାଜପୁର ଖାଉଟି ବିବାଦ ମିମାଂସା ପୀଠର ଦ୍ୱାରସ୍ଥ ହୋଇ ଏକ ମାମଲା (ନଂ ୮୨/୨୦୧୭) ରୁଜୁ କରିଥିଲେ। ତେବେ ୧୫।୯।୨୦୧୮ରେ ଅଦାଲତ ଏହି ମାମଲାର ଚୁଡାନ୍ତ ଶୁଣାଣି କରି ଡ଼ାକ ବିଭାଗର ସୁପରିଟେଣ୍ଡେଣ୍ଟ, ମିରଚାନ୍ଦପୁର ପୋଷ୍ଟମାଷ୍ଟର, ଚିତାଳୋ ପୋଷ୍ଟଅଫିସ୍ ଓ ଦେବୀଦ୍ୱାର ପୋଷ୍ଟ ମାଷ୍ଟରଙ୍କର ସେବାରେ ତ୍ରୁଟି ଦର୍ଶାଇ ଆସନ୍ତା ୨ମାସ ମଧ୍ୟରେ ୫୦ହଜାର ଟଙ୍କା ସମ୍ପୃକ୍ତା ଛାତ୍ରୀଙ୍କୁ କ୍ଷତିପୂରଣ ରାଶି ଭରଣ କରିବା ପାଇଁ ରାୟ ପ୍ରକାଶ କରିଥିବା ଜଣାପଡିଛି।

■ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି

## ୬ ମାସରେ ଖର୍ଚ୍ଚ ହୋଇଛି ୧.୯୧କୋଟି

**ରସୁଲପୁର,୨୮।୯(ଡିଏନଏ)**

ରସୁଲପୁର ବ୍ଲକର ସମ୍ମିଳନୀ କକ୍ଷରେ ଶୁକ୍ରବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ର ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନଶୁଣାଣି କମିଟି ଅଧକ୍ଷ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ବ୍ଲକର ଅତିରିକ୍ତ ପ୍ରକଳ୍ପ ଅଧିକାରୀ ବିଷ୍ଣୁଦତ୍ତ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ବ୍ଲକ ଅଧୀନ ୨୮ଟି ପଞ୍ଚାୟତରେ ୨୦୧୭-୧୮ ଆର୍ଥିକ ବର୍ଷର ଶେଷ ୬ମାସ ମଧ୍ୟରେ ଏମ୍‌ଜିଏନ୍‌ଆରଇଜିଏସ୍ ପାଣ୍ଠିରୁ ୧.୯୧କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଏହିକାର୍ଯ୍ୟରେ ନିୟୋଜିତ ସମସ୍ତ ଶ୍ରମିକ ପରିବାର ମଧ୍ୟରୁ ୭୧ଟି ପରିବାରକୁ ୧୦୦ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଛି ବୋଲି ଜନଶୁଣାଣିରେ ପ୍ରକାଶିତ ତଥ୍ୟରୁ ଜଣାପଡିଛି ।
ଚଳିତ ଆର୍ଥକ ବର୍ଷ ପାଇଁ ୧ ଅକ୍ଟୋବର୨୦୧୭ରୁ ୩୧ମାର୍ଚ୍ଚ ୨୦୧୮ ମଧ୍ୟରେ ହୋଇଥିବା ଖର୍ଚ୍ଚ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏଥିସକାଶେ ବିଭିନ୍ନ ପଞ୍ଚାୟତରେ ୨୦ଜଣ ଗ୍ରାମ୍ୟ ସମ୍ବଳ ବ୍ୟକ୍ତି ପ୍ରତ୍ୟେକ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ହୋଇଥିବା କାର୍ଯ୍ୟକୁ ସପ୍ତାହକାଳ ସାମାଜିକ ସମୀକ୍ଷା କରିଥିଲେ। ପଞ୍ଚାୟତସ୍ତରୀୟ ସମୀକ୍ଷା ବୈଠକ ତଥ୍ୟକୁ ଗ୍ରାମସଭାରେ ଉପସ୍ଥାପନ କରାଯାଇଥିଲା। ବ୍ଲକର ସମସ୍ତ ପଞ୍ଚାୟତରେ ୨୩,୫୧୨ଟି ପରିବାରକୁ ଜବକାର୍ଡ ପ୍ରଦାନ କରାଯାଇଥିଲା। ସେଥିରୁ ୬,୭୯୧ଟି ଅଣକୁଶଳୀ ଶ୍ରମିକ ପରିବାର କାର୍ଯ୍ୟ ପାଇଁ ଆବେଦନ କରିଥିଲେ। ସମସ୍ତ ପରିବାରକୁ ବ୍ଲକ ଓ ପଞ୍ଚାୟତ ପକ୍ଷରୁ କାର୍ଯ୍ୟ ପ୍ରଦାନ କରାଯାଇଥିଲା। ନିୟୋଜିତ ପରିବାରକୁ ନେଇ ୧ଲକ୍ଷ ୪ହଜାର ୬ଟି କାର୍ଯ୍ୟଦିବସ ସୃଷ୍ଟି କରାଯାଇଥିଲା। ପଞ୍ଚାୟତର ଗ୍ରାମୀଣ ଗୃହ ନିର୍ମାଣ, ବ୍ୟକ୍ତିଗତ ପାଇଖାନା, କମ୍ପୋଷ୍ଟ ପିଟ୍, ଫାର୍ମପଣ୍ଡ, ଗଭୀର ନଳକୂପ, ଖେଳପଡିଆର ଉନ୍ନତିକରଣ, ଅଙ୍ଗନୱାଡି ଗୃହ, ଗ୍ରାମ୍ୟ ସଂଯୋଗୀକରଣ ରାସ୍ତା, ପୋଖରୀ ଉନ୍ନତିକରଣ ଭଳି ଜନକଲ୍ୟାଣକାରୀ କାର୍ଯ୍ୟରେ ଅର୍ଥ ଖର୍ଚ୍ଚ କରାଯାଇଥିଲା । ବ୍ଲକ ଅଞ୍ଚଳର ୩୦୭୪ଟି ପ୍ରକଳ୍ପ ହାତକୁ ନିଆଯାଇଛି। ସେଥିରୁ ୧୯୩୪ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାର ସୂଚନା ମିଳିଛି। ସମୀକ୍ଷା ବୈଠକରେ ଜିଲା ସାମାଜିକ ସମୀକ୍ଷକ ସତ୍ୟନାରାୟଣ ବେହେରା ସମୀକ୍ଷା ରିପୋର୍ଟ ଉପସ୍ଥାପନ କରିଥିଲେ। ବିଭନ୍ନ ପଞ୍ଚାୟତରୁ ଯୋଗଦେଇଥିବା ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଗ୍ରାମ୍ୟ ସମ୍ବଳ ଅଧିକାରୀ, ଗ୍ରାମ୍ୟ ରୋଜଗାର ସେବକ, କନିଷ୍ଠ ଅଧିକାରୀ, ଗ୍ରାମ ପଞ୍ଚାୟତ ବୈଷୟିକ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଜିଲା ପରିଷଦ ସଭ୍ୟ ଚତୁର୍ଭୂଜ ଦ୍ୱିବେଦୀ, ସମିତିସଭ୍ୟ ଚୈତନ୍ୟ ନାୟକ, ସରପଞ୍ଚ ଅକ୍ଷୟ ମଲିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଭାରପ୍ରାପ୍ତ ବିଡିଓ ଅସିତ୍ କୁମାର ପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ନମିତା ହାଁସଦା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଯତିନ୍ଦ୍ର ସାହୁ, ଯୁବନେତା ପ୍ରକାଶ ସାମଲ ପ୍ରମୁଖ ଯୋଗଦେଇଥିଲେ। ନିର୍ବାହୀ ଅଧିକାରୀ ପଞ୍ଚାୟତ ବିବରଣୀ ପାଠ କରିଥିଲେ। ଗ୍ରାମ୍ୟ ସମ୍ବଳ ବ୍ୟକ୍ତିମାନେ ସାମାଜିକ ସମୀକ୍ଷାର ଆପତ୍ତି ଅଭିଯୋଗ ଉପସ୍ଥାପନ କରିଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି କମିଟ ସଦସ୍ୟ ପ୍ରହ୍ଲାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

## ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଅଭିଯାନ








ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା 'ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଇଛନ୍ତି ଚଢ଼େଇଧରାସ୍ଥିତ ଜଗନ୍ନାଥଜୀଉ ମହାବିଦ୍ୟାଳୟ, ବରୀ ବ୍ଲକ ବାଇଁସିରିଆସ୍ଥିତ ମଣିଭଦ୍ରା ନୋଡ଼ାଲ ସ୍କୁଲ, ରାଉତସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ।



ପ୍ରକୃତ କାର୍ଯ୍ୟବ୍ୟସ୍ତ ଲୋକ ଏତେ ବ୍ୟସ୍ତ ଯେ, ସେ କେତେ ବ୍ୟସ୍ତ ତାହା କହିବାକୁ ଅକ୍ଷମ ହୋଇପଡ଼େ।
- ରିଚାର୍ଡ ଆର୍ମର



# ଛାତ୍ର ସଂସଦ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ

**ଦଶରଥପୁର,୨୮।୯(ଡିଏନ୍ଏ)**

## ସାଧୁଗୌଡେଶ୍ୱର ମହାବିଦ୍ୟାଳୟ




- ଚଳଚଞ୍ଚଳ କଲେଜ ପରିସର
- ଆଶାୟୀ ପ୍ରାର୍ଥୀଙ୍କ ପ୍ରଚାର ଆରମ୍ଭ
- ମିଳିତ ମଞ୍ଚକୁ କଂଗ୍ରେସ, ଭାଜପାର ସମର୍ଥନ

ରାଜ୍ୟ ସରକାରଙ୍କ ଘୋଷଣାକ୍ରମେ ଅକ୍ଟୋବର ୧୨ ତାରିଖରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବାବେଳେ ଏପର୍ଯ୍ୟନ୍ତ ମହାବିଦ୍ୟାଳୟକୁ ସରକାରଙ୍କ ପକ୍ଷରୁ ଚିଠି ଆସିନାହିଁ । ହେଲେ ଦଶରଥପୁର ବ୍ଲକର ଏସ୍‌ଜି(ସାଧୁଗୌଡ଼େଶ୍ୱର) କଲେଜରେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ନିଜ ନିଜର ପ୍ରାର୍ଥୀ ଚୟନ କରିସାରିଲେଣି। । ନିର୍ବାଚନ ପାଇଁ କଲେଜ ପକ୍ଷରୁ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ଆଶାୟୀ ପ୍ରାର୍ଥୀମାନେ ପ୍ରଚାର ପ୍ରସାର ଆରମ୍ଭ କରିଦେଇଛନ୍ତି। କଲେଜ ପରିସର ବେଶ୍ ଚଳଚଞ୍ଚଳ ହୋଇଉଠିଛି। ଏଠାରେ ପ୍ରାୟ ୩ ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଗତ ଦୁଇ ବର୍ଷ ହେବ ଉକ୍ତ କଲେଜରେ ନିର୍ବାଚନର ସମସ୍ତ ପ୍ରକ୍ରିୟା କରାଯାଇ ଶେଷ ମୁହୂର୍ତ୍ତରେ ଗଣ୍ଡଗୋଳ ଯୋଗୁ ନିର୍ବାଚନ ବାତିଲ୍ ହେଇଥିବା ଜଣାଯାଇଛି। ତେଣୁ ଚଳିତ ବର୍ଷ ଏପରି ସମସ୍ୟା ଦେଖାଯିବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଛାତ୍ର ସଂସଦ ନିର୍ବାଚନରେ ଛାତ୍ର କଂଗ୍ରେସ ଓ ଭାଜପା ପୁଣିଥରେ ମିଳିତ ମଞ୍ଚକୁ ସମର୍ଥନ ଜଣାଇଥିବାବେଳେ ମିଳିତ ମଞ୍ଚ ୨୦୧୪ ଏବଂ ୧୫ ବିଜୟର ପୁନରାବୃତ୍ତି କରି ବିଜେଡିକୁ ଚ୍ୟାଲେଞ୍ଜ ଦେଇଥିବା ମିଳିତ ମଞ୍ଚ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଯାଜପୁର ନିର୍ବାଚନମଣ୍ଡଳୀରେ ରହୁଥିବା ଏହି କଲେଜର ପରିଚାଳନା କମିଟି ସଭାପତି ହେଉଛନ୍ତି ବିଧାୟକ ପ୍ରଣବ ପ୍ରକାଶ ଦାସ। ୨୦୧୪ ଓ ୧୫ ଛାତ୍ର ସଂସଦ ନିର୍ବାଚନରେ ମିଳିତ ମଞ୍ଚର ପ୍ରାର୍ଥୀ ମହାବିଦ୍ୟାଳୟରେ ସଭାପତି ଓ ସମ୍ପାଦକ ଆସନକୁ ଅକ୍ତିଆର କରିବା ଫଳରେ ବିଜେଡି ନେତୃବୃନ୍ଦ ଓ କର୍ମୀଙ୍କୁ ଶକ୍ତ ଝଟ୍‌କା ଲାଗିଥିଲା। ଚଳିତବର୍ଷ ସଭାପତି ଆସନ ପାଇଁ ବର୍ତ୍ତମାନ ସୁଦ୍ଧା ୨ ଝିଅ ଓ ୩ ପୁଅ ଏବଂ ସମ୍ପାଦକ ଆସନ ଲାଗି ଜଣେ ମାତ୍ର ଆଶାୟୀ ପ୍ରାର୍ଥୀ ପ୍ରଚାର କରୁଛନ୍ତି । ଅନ୍ୟପକ୍ଷରେ ୨୦୧୯ରେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ଦଳ ଛାତ୍ର ସଂସଦ ନିର୍ବାଚନରେ ନିଜ ପ୍ରାର୍ଥୀକୁ ଜିତାଇବା ପାଇଁ ରଣନୀତି ପ୍ରସ୍ତୁତ କରିଦେଇଛି। ସେହିପରି ଛାତ୍ର ସଂସଦ ନିର୍ବାଚନ ଜିତିବା ବିଧାୟକ ଦାସଙ୍କ ପାଇଁ ସମ୍ମାନର ପ୍ରଶ୍ନ ବୋଲି ରାଜନୈତିକ ସମୀକ୍ଷକମାନେ ମତପୋଷଣ କରିଛନ୍ତି । ୨୦୧୪ ନିର୍ବାଚନଠାରୁ କଂଗ୍ରେସ କିମ୍ବା ଭାଜପା ନିଜ ପକ୍ଷରୁ ସ୍ୱତନ୍ତ୍ର ଭାବେ ପ୍ରାର୍ଥୀ ଦେଉ ନ ଥିବାବେଳେ ମିଳିତ ମଞ୍ଚକୁ ସମର୍ଥନ କରିଆସୁଛନ୍ତି । ଏଥର ମଧ୍ୟ ମିଳିତ ମଞ୍ଚକୁ ସମର୍ଥନ ଜଣାଇଛନ୍ତି ବୋଲି କଂଗ୍ରେସର ୨ ଜୋନ୍ ସଭାପତି ଇନ୍ଦ୍ରଜିତ୍ ଦାସ ଓ ବିମଳ ମଲ୍ଲିକ୍ ସୂଚନା ଦେଇଛନ୍ତି । ଛାତ୍ର ବିଜେଡିର ପ୍ୟାନେଲ ସମ୍ପର୍କରେ ଯାଜପୁର ଜିଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କୁ ପଚାରିବାରେ, ଏସ୍‌ଜି କଲେଜ ଛାତ୍ର ସଂସଦ ନିର୍ବାଚନ ପାଇଁ ଦଳର ନିଷ୍ପତ୍ତିରେ ପ୍ରାର୍ଥୀ ଚୟନ କରାଯାଇଛି । ଖୁବ୍‌ଶୀଘ୍ର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ । ବିଜେଡିର ଏକତରଫା ବିଜୟ ସୁନିଶ୍ଚିତ ବୋଲି ସେ କହିଛନ୍ତି । ନିର୍ବାଚନ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଦୈତାରି ରାଉତଙ୍କୁ ପଚାରିବାରେ, ନିର୍ବାଚନ ନିମନ୍ତେ ଆମ ପାଖକୁ ଏଯାବତ୍ ସରକାରୀ ଚିଠି ଆସି ନ ଥିବା ପ୍ରକାଶ କରିଛନ୍ତି ।

# ପ୍ରହସନ ପାଲଟିଛି ଆଲୋକୀକରଣ

**କାଳିଆପାଣି, ୨୮।୯(ଡି.ଏନ୍.ଏ.)**

ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ଟାଟା କମ୍ପାନୀର ଗ୍ରାମ୍ୟ ଉନ୍ନୟନ ବିକାଶ ସଂସ୍ଥା (ଟିଏସ୍ଆରଡ଼ିଏସ୍ )ପକ୍ଷରୁ କରାଯାଇଥିବା ଆଲୋକୀକରଣ ପ୍ରହସନ ପାଲଟିଛି । ଏହାକୁ ନେଇ ନିକଟସ୍ଥ ପ୍ରଭାବିତ ଗ୍ରାମଗୁଡ଼ିକରେ ଅସନ୍ତୋଷ ପ୍ରକାଶ ପାଇଛି । ଖଣି ଦ୍ୱାରା ପ୍ରଭାବିତ ଭିମଟାଙ୍ଗର,କଲରଙ୍ଗୀ ଅତା, ରାଁସୋଳ, କୁସୁମଡ଼ିହା, କାକୁଡ଼ିଆ, ଭାଲୁକିପାତଳା, ଗରାମିଆଁ, ରଙ୍ଗମାଟିଆ, ଘାଗିଆସାହୀ, ବିର୍ସାନଗର,କାଟେପୁର୍ଣ୍ଣିନଗର ହର୍ଷିଂ, ପୁରିଆଝର ପ୍ରଭୃତି ଗ୍ରାମରେ ସଂସ୍ଥା ପକ୍ଷରୁ ସୋଲାର ଲାଇଟ ଲଗାଯାଇଥିଲା। ଏ ନେଇ ପ୍ରତି ସୋଲାର ଲାଇଟ ପାଇଁ ଗ୍ରାମବାସୀଙ୍କୁଠାରୁ ୧ହଜାର ଟଙ୍କା ଅଗ୍ରୀମ ଆଦାୟ କରାଯାଇଥିଲା। ପ୍ରତିବର୍ଷ ୨ରୁ ୩ଟି ଗ୍ରାମରେ ଆଲୋକୀକରଣ କରାଯାଇଥିବା ବେଳେ ୬ମାସ ପରେ ସୋଲାର ଲାଇଟଗୁଡ଼ିକ ବନ୍ଦ ହୋଇଯାଉଛି। ମରାମତି ପାଇଁ ଦାବିପତ୍ର ଦେଲେ ଅଗ୍ରୀମ ଅର୍ଥ ଦେବାକୁ ୟୁନିଟ ପକ୍ଷରୁ ଦାବି କରାଯାଉଥିବା ଅଭିଯୋଗ ହେଉଛି। କମ୍ପାନୀ ପକ୍ଷରୁ ନିୟୋଜିତ ଏନ୍‌ଜିଓ ସଂସ୍ଥା ଆଲୋକୀକରଣ ନାମରେ ଅର୍ଥ ହରିଲୁଟ କରୁଥିବା ଗ୍ରାମବାସୀ କହିଛନ୍ତି। ରାଁସୋଳ ଗ୍ରାମର ଯୁବ ସମାଜସେବୀ ଦିଲୀପ କୁମାର ମହାନ୍ତ ୟୁନିଟମୁଖ୍ୟଙ୍କୁ ଅଭିଯୋଗ କରିବାରୁ ଯାଇଥିବାବେଳେ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା କହିଛନ୍ତି। ୟୁନିଟ ମୁଖ୍ୟ ରବୀନ କୁମାର ସିଂଙ୍କୁ ପଚାରିବାରୁ କମ୍ପାନୀ ନିଜସ୍ୱ ନିୟମ ଅନୁସାରେ କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

# ବିଜୁ ଯୁବ ବାହିନୀ ପକ୍ଷରୁ ଚାରାରୋପଣ

**ଢ଼ୁବୁରୀ, ୨୮।୯(ଡି.ଏନ୍.ଏ.)**

ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ଗୁରୁବାର ହାଇସ୍କୁଲ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୯ନଂ ଜୋନ୍‌ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ରାଉତ, ସରପଞ୍ଚ ଚକ୍ରଧର ତାମସଏ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ୫ ଶହରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ସଭାପତି ଅବକାଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷକ ନିରଞ୍ଜନ କୁମାର ମିଶ୍ର, ବସନ୍ତ କୁମାର ବାରିକ, ବାବୁଲି ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାଳିଜଙ୍ଗା ପଞ୍ଚାୟତ ବିଜୁ ଯୁବବାହିନୀ ଉପସଭାପତି ବୁଡାନ ସିଂ ଗଇପେଇ, ସଞ୍ଜୟ କୁମାର ମହାନ୍ତ, ଜୟପ୍ରସାଦ ସାହୁଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ନଦୀରେ ବୁଡ଼ି ବୃଦ୍ଧା ମୃତ

**ଚଣ୍ଡିଖୋଲ,୨୮।୯(ଡି.ଏନ.ଏ):** ବଡ଼ଚଣା ବ୍ଲକ ବଡ଼ଘୁମୁରୀ ଗ୍ରାମର ଜଣେ ମହିଳା ଶୁକ୍ରବାର ସ୍ଥାନୀୟ ନଦୀକୁ ଶୌଚ ହେବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ନଦୀରେ ବୁଡ଼ି ଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସନ୍ଧ୍ୟାରେ ନଦୀକୂଳରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ଜୟନାରାୟଣ ମହାରଣାଙ୍କ ସ୍ତ୍ରୀ ଶଶିଦେବୀ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ନଦୀଶଯ୍ୟାରେ ଖୋଜାଖୋଜି କରିବା ସହ ଚଣ୍ଡିଖୋଲ ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ଖୋଜାଖୋଜି କରିଥିଲେ ମଧ ଶଶିଦେବୀଙ୍କ ପତ୍ତା ମିଳି ନଥିଲା।

### ଜାତୀୟ ସେବା ସଂଯୋଜକ ସମ୍ବର୍ଦ୍ଧିତ

**ବିଞ୍ଝାରପୁର,୨୮।୯(ଡି.ଏନ.ଏ):** ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ ଅବସରେ ବିଞ୍ଝାରପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବ୍ରଜସୁନ୍ଦର ଜୁନିୟର କଲେଜର ଜାତୀୟ ସେବା ସଂଯୋଜକ ଦେବେନ୍ଦ୍ର କୁମାର ପତିଙ୍କୁ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବା ଜଣାପଡିଛି । ସୋମବାର ଜାତୀୟ ସେବା ପ୍ରତିଷ୍ଠା ଅବସରରେ ଭୁବନେଶ୍ୱରଠାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଉତ୍ସବରେ ଉଚ୍ଚଶିକ୍ଷାମନ୍ତ୍ରୀ ଅନନ୍ତ ଦାସ ବ୍ରଜସୁନ୍ଦର ଜୁନିୟର କଲେଜର ଜାତୀୟ ସେବା ସଂଯୋଜକ ପତିଙ୍କୁ ତାଙ୍କର ଜାତୀୟ ସେବା ଯୋଜନାରେ ଉଲ୍ଲେଖନୀୟ ଅବଦାନପାଇଁ ସମ୍ବର୍ଦ୍ଧିତ କରିଥିଲେ। ଏହା ଜଣାପଡିବା ପରେ ବିଞ୍ଝାରପୁର ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଥିବାବେଳେ ବ୍ରଜସୁନ୍ଦର ଜୁନିୟର କଲେଜ ଅଧକ୍ଷ ଉମାକାନ୍ତ ସାମଲ, ଅଧାପକ ବିଜୟ ମହାନ୍ତି, ପ୍ରସନ୍ନ ବାରିକ, ଶରତ ସାହୁ, ନିରଞ୍ଜନ ପାତ୍ର, ମୁକୁନ୍ଦ୍ ମଲ୍ଲିକ, ଦେବବ୍ରତ ମିଶ୍ର, ଦେବସ୍ମିତା ଦାସ, ସ୍ମୃତି ଲେଙ୍କା, ସୁରେଶ ମହାନ୍ତ, ବିଜୟାନନ୍ଦ ଦାସ ପ୍ରମୁଖ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛନ୍ତି।

### ଶିକ୍ଷୟିତ୍ରୀଙ୍କ ବିୟୋଗରେ ଶୋକ

**ବିଞ୍ଝାରପୁର,୨୮।୯(ଡି.ଏନ.ଏ):** ବିଞ୍ଝାରପୁର ଶିକ୍ଷାମଣ୍ଡଳର ଉତ୍ତଙ୍ଗରାସ୍ଥିତ ଷଡଙ୍ଗୀସାହି ପ୍ରାଥମିକ ପ୍ରକଳ୍ପ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୈଳବାଳା ସାମଲ(୪୨)ଙ୍କ ବୁଧବାର ବିଳମ୍ବିତ ରାତିରେ କଟକସ୍ଥିତ ବଡ଼ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ବିୟୋଗ ହୋଇଛି। ତାଙ୍କର ବିୟୋଗରେ ବିଞ୍ଝାରପୁର ଶିକ୍ଷକମହଲରେ ଗଭୀର ଶୋକ ଖେଳିଯାଇଛି । ଗୁରୁବାର ଅପରାହ୍ନରେ ଶିକ୍ଷୟିତ୍ରୀ ସାମଲଙ୍କ ମୃତ ଶରୀର ଉତ୍ତଙ୍ଗ ଗ୍ରାପର ସାଇଁକୂଳସ୍ଥିତ ବାସ ଭବନରେ ପହଞ୍ଚିବା ପରେ ତାଙ୍କୁ ଶେଷ ଦର୍ଶନ ପାଇଁ ବିଞ୍ଝାରପୁର ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବିନାରାୟଣ ମହାନ୍ତି, ଜିଲା ପ୍ରାଥମିକ ସଂଘର ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସାମଲ,ଏନ୍‌ପିଏସ୍ ସଭାପତି କ୍ଷୀରୋଦ ଚନ୍ଦ୍ର ମଲ୍ଲିକ, ପୂର୍ବତନ ବିଞ୍ଝାରପୁର ପ୍ରାଥମିକ ସଂଘର ସଭାପତି ବିଜୟ କୁମାର ନାୟକ, ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନ ଜଣାଇବା ସହିତ ଗଭୀର ଶୋକ ପ୍ରକଟ କରିଥିଲେ।

### ଜିଲା ଭାଜପା ଯୁବମୋର୍ଚ୍ଚାର ସମ୍ବର୍ଦ୍ଧନା ସଭା

**ଧର୍ମଶାଳା, ୨୮।୯(ଡି.ଏନ୍.ଏ.):** ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏକ ମଣ୍ଡଳୀସ୍ତରୀୟ ଯୁବମୋର୍ଚ୍ଚା କର୍ମଶାଳା ଗୁରୁବାର ଜିଲା ଯୁବମୋର୍ଚ୍ଚା ସଭାପତି ଆଲେକଜାଣ୍ଡାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଯୁବମୋର୍ଚ୍ଚା ପ୍ରଭାରୀ ତଥା ସମ୍ପାଦକ ଦୀପକ କୁମାର ଗୋଚ୍ଛାୟତ ଯୋଗଦେଇ ରାଜ୍ୟ ସରକାରଙ୍କ ଦୁର୍ନୀତି ସମ୍ପର୍କରେ ସମାଲୋଚନା କରିବା ସହ ସାଧାରଣ ଲୋକଙ୍କୁ ଏସମ୍ପର୍କରେ ସଚ୍ଚେତନ କରାଇବାକୁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଧର୍ମଶାଳା ଭାଜପା ନେତା ରମେଶ ଚନ୍ଦ୍ର ପରିଡ଼ା ୩୪ନମ୍ବର ଜୋନ ଜିଲାପରିଷଦ ସଭ୍ୟ ରଶ୍ମି ରଞ୍ଜନ ନାୟକ ଯୋଗଦେଇଥିଲେ। ନବନିଯୁକ୍ତ ଯାଜପୁର ଜିଲା ଯୁବ ମୋର୍ଚ୍ଚାର ସଭାପତି ଆଲେକଜାଣ୍ଡାର ଦାସଙ୍କୁ ଜାରକା ନିକଟସ୍ଥ ଗୌତମବୁଦ୍ଧ ଛକଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯାଇ ସଭାସ୍ଥଳକୁ ଅଣାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆବାସ ଯୋଜନାରୁ ବଞ୍ଚିତ ୨ ପରିବାର

**ଦଶରଥପୁର,୨୮।୯(ଡିଏନ୍ଏ)**


ଆବାସ ଯୋଜନାରୁ ବଞ୍ଚିତ ପରିବାର।

ଶରଥପୁର ବ୍ଲକ ଛତିଶା ପଞ୍ଚାୟତ ଅନ୍ତର୍ଗତ ଛଦଳା ଗ୍ରାମର ଗିରିଧାରୀ ବେହେରା ଓ କରୁଣାକର ବାରିକ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ସମ୍ପୃକ୍ତ ୨ ପରିବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ପକ୍କାଘର ଖଣ୍ଡେ ପାଇବାକୁ ସରପଞ୍ଚ ଏବଂ ସମିତିସଭ୍ୟଙ୍କଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନକୁ ଦୌଡିଦୌଡି ନୟାନ୍ତ ହୋଇଛନ୍ତି। ହେଲେ କୌଣସି ସୁଫଳ ମିଳିନାହିଁ। ୨ ପୁଅ, ଝିଅ ଓ ସ୍ତ୍ରୀଙ୍କୁ ଧରି ଗିରିଧାରୀ ନୁଆଁଣିଆ ଚାଳଘରେ ଜୀବନ ଅତିବାହିତ କରୁଛନ୍ତି। ହେଲେ ଘର ଦେବାପାଇଁ ପଞ୍ଚାୟତ ପ୍ରତିନିଧି୧୫ ହଜାର ଟଙ୍କା ଉତ୍କୋଚ ମାଗୁଥିବା ଗିରିଧାରୀଙ୍କ ପୁଅ କହିଛନ୍ତି। ବାରମ୍ବାର ବିଡିଓଙ୍କୁ ଭେଟିବା ପରେ ୨ ମାସ ତଳେ ଗିରିଧାରୀ ପକ୍କାଘର ପାଇବାକୁ ଯୋଗ୍ୟ କି ନୁହେଁ, ଏହାର ତଦନ୍ତ ପାଇଁ ବିଡିଓ ବ୍ଲକ୍ ତରଫରୁ ଜଣେ ସରକାରୀ ଅଧିକାରୀଙ୍କୁ ତଦନ୍ତ ପାଇଁ ପଠାଇଥିଲେ । ଇତିମଧ୍ୟରେ ତଦନ୍ତର ୨ ମାସ ବିତିଯାଇଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଇନାହିଁ। ସେହିପରି ଉକ୍ତ ଗ୍ରାମର କରୁଣାକର ବାରିକଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ପକ୍କାଘର ଯୋଗାଇଦେବାକୁ ଉକ୍ତ ପଞ୍ଚାୟତର ଜନପ୍ରତିନିଧି ଆଗୁଆ ୧୦ ହଜାର ଟଙ୍କା ଉତ୍କୋଚ ଦାବି କରିଥିବା କରୁଣାକରଙ୍କ ସ୍ତ୍ରୀ ଜେମାମଣି ଓ ପୁଅ ସୌମ୍ୟରଞ୍ଜନ ପ୍ରକାଶ କରିଛନ୍ତି। ଲଘୁଚାପ ବର୍ଷାରେ ଗୁରୁବାର କରୁଣାକରଙ୍କ ଘରର କାନ୍ଥ ପଡିଯାଇଥିବା ଦେଖାଯାଇଛି । ଏ ସମ୍ପର୍କରେ ସରପଞ୍ଚଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ।

## ■ ନାବାଳିକାଙ୍କ ଅପହରଣ ଘଟଣା
# ଅଭିଯୁକ୍ତଙ୍କୁ ସହାୟତା, ବାପା କୋର୍ଟ ଚାଲାଣ

**କୋରେଇ,୨୮।୯(ସ୍ୱ.ପ୍ର.)**

ନାବାଳିକାଙ୍କ ଅପହରଣକାରୀଙ୍କୁ ସହାୟତା ଅଭିଯୋଗରେ ପାଣିକୋଇଲି ପୋଲିସ ଶୁକ୍ରବାର ଜଣଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ କୋରେଇ ଥାନା ଅନ୍ତର୍ଗତ ତାହାରପୁର ପଞ୍ଚାୟତ ଅଧଗାଁ ଗ୍ରାମର ଅନାମ ମଲିକ(୬୦)। ଅନାମଙ୍କ ପୁଅ ସୁକାନ୍ତ ନାବାଳିକାଙ୍କୁ ଅପହରଣ କରି ଗତ ଜାନୁୟାରୀରୁ ଜେଲ୍‌ରେ ଥିଲେ। ତାଙ୍କୁ ବାପା ଅନାମ ଅପହରଣରେ ସହଯୋଗ କରିଥିବା ଜଣାପଡ଼ିଛି।ପ୍ରକାଶ ଯେ, ୨୦୧୭ ଡିସେମ୍ବର ୯ ତାରିଖରେ ପାଣିକୋଇଲି ଥାନା ହାଟସାହି ଗୋଳେଇପୁର ଗ୍ରାମର ଜଣେ ନାବାଳିକା ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା(୨୦୫/୧୭) ରୁଜୁ କରି ତଦନ୍ତ ଜାରି ରଖିଥିଲା। ମୋବାଇଲ ଟ୍ରାକିଂକୁ ଆଧାର କରି କୋରେଇ ଥାନା ସହଯୋଗରେ ପାଣିକୋଇଲି ପୋଲିସ କୋରେଇ ଥାନା ଅନ୍ତର୍ଗତ ଅଧଗାଁ ଗ୍ରାମରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ନାବାଳିକା ଉକ୍ତ ଗ୍ରାମର ସୁକାନ୍ତଙ୍କୁ ବିବାହ କରିଥିବା ପୋଲିସକୁ କହିଥିଲେ। ପୋଲିସ ସୁକାନ୍ତ ଓରଫ ବିଜୟ ଓରଫ ମଣିଆ ଏବଂ ନାବାଳିକାଙ୍କୁ ଗୋଟିଏ ଘରୁ ଉଦ୍ଧାର କରିବା ପରେ ସୁକାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନାବାଳିକା ଜଣକ ଏବେ ନିଜ ଘର ଛାଡ଼ି ସୁକାନ୍ତଙ୍କ ଘରେ ରହୁଛନ୍ତି। ଏଥିସହ ସ୍ୱାମୀ ଓ ଶ୍ୱଶୁରଙ୍କୁ ଜେଲ୍‌ରୁ ବାହାର କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

# ବିଶ୍ୱଧର୍ମ ମହାସଭା ସ୍ମୃତି ଉତ୍ସବ

**ଚଣ୍ଡିଖୋଲ, ୨୮।୯(ଡି.ଏନ୍.ଏ.)**

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଖିଳ ଭାରତ ବିବେକାନନ୍ଦ ଯୁବ ମହାମଣ୍ଡଳ ପକ୍ଷରୁ ଗୁରୁବାର ସ୍ୱାମୀ ବିବେକାନନ୍ଦଙ୍କ ୧୨୫ତମ ବିଶ୍ୱଧର୍ମ ମହାସଭା ସ୍ମୃତି ଉତ୍ସବ ପାଳିତ ହୋଇଯାଇଛି। ଏହି ଦିନ ଚିକାଗୋଠରେ ବିଶ୍ୱଧର୍ମ ମହାସଭାରେ ବିବେକାନନ୍ଦ ଯୋଗଦେଇ ବିଶ୍ୱଧର୍ମ ପ୍ରଚାର କରିଥିଲେ। ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ କେଦାରନାଥ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ମହାମଣ୍ଡଳ ଓଡ଼ିଶା ଶାଖାର ସଭାପତି ମନୋଜ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଯୁବ ମହାମଣ୍ଡଳ ସମ୍ପାଦକ ବିଶ୍ୱ ରଞ୍ଜନ ଶତପଥୀ, ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ଅନିଲ ଚନ୍ଦ୍ର ସାମଲ ଯୋଗଦେଇଥିଲେ। ଅଧାପିକା ଇନ୍ଦୁମତି ଦାଶ ଅତିଥି ପରିଚୟ ପ୍ରଦାନ, ଦିଲୀପ ନାୟକ ଓ ବିଜୟ କେତନ ସାମଲ ଉତ୍ସବ ପରିଚାଳନା କରିଥିଲେ। ସଲିଳ ରାଜନନ୍ଦନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କ ଫଟୋ ଉଠାଇବା, ଚୋରି ଅଭିଯୋଗରେ ଯୁବକ ଗିରଫ

**କୋରେଇ,୨୮।୯(ସ୍ୱ.ପ୍ର)**

କୋରେଇସ୍ଥିତ ଏକ ସାନିଟାରୀ ଦୋକାନରୁ ଜିନିଷ କିଣୁଥିବା କୈଳାଶ ମଳିକ ଜଣେ ମହିଳାଙ୍କ ଫଟୋ ଉଠାଇବା ସହିତ ତାଙ୍କ ଘରେ ପଶି ଟଣାଓଟରା କରି ସୁନା ଚେନ ଛଡ଼ାଇ ନେଇଥିଲେ। ଏ ସମ୍ପର୍କରେ କାହାକୁ କହିଲେ ଜୀବନରୁମାରିଦେବାକୁଧମକ ଦେଇଥିବା ନେଇ କୋରେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା (୨୦୩/୧୮) ରୁଜୁ କରି କୈଳାଶଙ୍କୁ ଗିରଫ କରିଛି।

# ପଲିଥିନ୍, ପ୍ଲାଷ୍ଟିକ୍‌ମୁକ୍ତ ସହର ପାଇଁ ସଚେତନତା ସଭା

**ଯାଜପୁରରୋଡ,୨୮।୯(ନି.ପ୍ର.)**

ଯାଜପୁରରୋଡ ବ୍ୟାସଦେବ ଟାଉନ୍ ହଲଠାରେ ଶୁକ୍ରବାର ପଲିଥିନ୍ ଓ ପ୍ଲାଷ୍ଟିକ୍ ମୁକ୍ତ ସହର ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଜିତ୍ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, କୋରେଇ ବିଧାୟକ ଆକାଶ ଦାସନାୟକ, ଯାଜପୁରରୋଡ ଏସଡିପିଓ କେଦାର ନାଥ ସାହୁ, ଯୁବନେତା ଆଲେକ୍‌ଜାଣ୍ଡାର ଦାସ, ଗାୟତ୍ରୀ ମହାନ୍ତି, ସୌଭାଗ୍ୟ ପରିଡା ଓ ଉପନଗରପାଳ ସୁବାସ ଚନ୍ଦ୍ର ବଳ ପ୍ରମୁଖ ଯୋଗଦେଇ ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ପଲିଥିନ୍ ଓ ପ୍ଲାଷ୍ଟିକ୍ ହଟାଅ ସ୍ଲୋଗାନ ଦେଇ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସହର ପରିକ୍ରମା କରିଥିଲେ । ପୌରାଧ୍ୟକ୍ଷା ସବିତା ରାଉତ, ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଲିଟୁ ସାହୁ ଧନ୍ୟବାଦ ଦେଇଥିଲେ।

# ଜଗନ୍ନାଥ ଚେତନା ପ୍ରଚାର

**ଧର୍ମଶାଳା, ୨୮।୯(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀସ୍ଥିତ ଦିବ୍ୟଚେତନା ସଂଘ ପକ୍ଷରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଜଗନ୍ନାଥ ଚେତନା ପ୍ରଚାର କରାଯିବ। ଏ ନେଇ ଗୁରୁବାର ଜାରକାଠାରେ ଦିବ୍ୟଚେତନା ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଅଭୟାନନ୍ଦ ସାରଦା ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ସମାଜରେ ସାମାଜିକ ସଂସ୍କାର, ଜଗନ୍ନାଥ ଧର୍ମଧାରଣା ଜାଗ୍ରତ କରିବା ସହିତ ମାର୍ଗଦର୍ଶନ କରାଇବା ପାଇଁ ସଂଘର ସଦସ୍ୟମାନେ କାର୍ଯ୍ୟ କରୁଛନ୍ତି ବୋଲି ସାରଦା କହିଥିଲେ। ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଏହାର ଶୁଭାରମ୍ଭ କରାଯାଇ ବେତଣ୍ଡାମଠସ୍ଥିତ ଜଗନ୍ନାଥ ମନ୍ଦିର ଓ ଗୋପାଳପୁରଠାରେ ସାରଦା ଜଗନ୍ନାଥ ଚେତନା ସମ୍ପର୍କରେ ପ୍ରବଚନ କରାଯାଇଛି। ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡା, ବୁଦ୍ଧିଜୀବୀ ଫୋରମ ସଭାପତି ସୁନାକର ସାହୁ, ପଣ୍ଡିତ ବ୍ରଜକିଶୋର ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଯାଜପୁରରେ ଭିଭିପାଟ ଦ୍ୱାରା ଛାୟା ମତଦାନ

**ଯାଜପୁର ଅଫିସ,୨୮।୯**

ଆସନ୍ତା ସାଧାରଣ ନିର୍ବାଚନରେ ଇଭିଏମ ସହ ଭିଭିପ୍ୟାଟ ମେଶିନର ବ୍ୟବହାର କରାଯିବ। ଏହାର ଉପଯୋଗ ସମ୍ପର୍କରେ ଭାରତର ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଏକ ମକ୍ ପୋଲ ବା ଛାୟା ମତଦାନ ଅନୁଷ୍ଠିତ ହୋଇଛି। ଆଗାମୀ ନିର୍ବାଚନରେ ସାମୁହିକ ଭାବେ ସମସ୍ତ ବୁଥ୍‌ରେ ଭିଭିପ୍ୟାଟର ବ୍ୟବହାର କରାଯିବ। ତାହା ଯେପରି ଭୋଟରମାନଙ୍କୁ ସହଜ ହେବ ସେ ସମ୍ପର୍କରେ ବ୍ୟବସ୍ଥା କରାଯିବ। ତେବେ ବର୍ତ୍ତମାନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଏ ସମ୍ପର୍କରେ ବ୍ୟାପକ ଅବଗତ କରାଯାଇଛି ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ବୁଧବାର ପୂର୍ବାହ୍ନରେ ଏନ୍.ସି. କଲେଜଠାରେ ନିର୍ବାଚନ କମିଶନରଙ୍କ ସ୍ୱୀକୃତିପ୍ରାପ୍ତ ଇଞ୍ଜିନିୟରଙ୍କ ଉପସ୍ଥିତିରେ ଏହି ଛାୟା ମତଦାନ ଓ ଗଣତି ଅନୁଷ୍ଠିତ ହୋଇଥିଲା। ରାଜନୈତିକ ଦଳର ପ୍ରତିନିଧିମାନେ ନିଜେ ମତଦାନ କରିବା ସହ ଭିଭିପାଟକୁ ନୀରିକ୍ଷଣ କରିଥିଲେ। ପରେ ଗଣତି କରାଯାଇ ଭିଭିପ୍ୟାଟ, ଭୋଟିଂ ମେଶିନର ମତଦାନ ସହ ସମାନତା ଦେଖାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଯାଜପୁର ଅତିରିକ୍ତ ଜିଲାପାଳ ମିହିରପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ନିର୍ବାଚନ ଡେପୁଟି କଲେକ୍ଟର କାଜଲ ପ୍ରଧାନ, ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସିପିଆଇ ପ୍ରତିନିଧି ପ୍ରଫୁଲ୍ଲ ନାୟକ, ସିପିଏମର ମଳୟ ପଣ୍ଡା, ଜାତୀୟ କଂଗ୍ରେସର ଦୁର୍ଯ୍ୟୋଧନ ବେହେରା, ଭାଜପାର ସୁଦୀପ୍ତ ପଣ୍ଡା, ବିଏସ୍‌ପିର ଭୀମସେନ ବେହେରା ଓ ବିଜେଡିର ପ୍ରତିନିଧି ରମଣୀ ରଞ୍ଜନ ରାଉତରାୟ ଯୋଗ ଦେଇଥିଲେ। ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତି, ଧର୍ମଶାଳା ବିଡିଓ ଅମ୍ବିକାପ୍ରସାଦ ଦାଶ, ବଡଚଣା ବିଡିଓ ଅଜିତ ନାରାୟଣ ଗିରି, ଦଶରଥପୁର ବିଡିଓ ନାରାୟଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୫ ଦିନିଆ ଯୋଗ ଶିବିର ଉଦ୍‌ଯାପିତ

**ଯାଜପୁରରୋଡ଼,୨୮।୯(ନି.ପ୍ର)**

ଯାଜପୁରରୋଡ଼ ଆମ ପୋଲିସ ପକ୍ଷରୁ ବୁଧବାର ଯାଜପୁରରୋଡ଼ ଥାନା ପରିସରରେ ହୋଇଥିବା ପାଞ୍ଚ ଦିନିଆ ଯୋଗ ଶିବିର ଉଦ୍‌ଯାପିତ ହୋଇଯାଇଛି। ସାମାଜିକ କର୍ମୀ ସୁରେଶ ହୋତାଙ୍କ ନେତୃତ୍ୱରେ ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଥାନାଧିକାରୀ ଅମିତାଭ ମହାପାତ୍ର ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଉପେନ୍ଦ୍ରନାଥ ବେହୁରିଆ, ସମ୍ପାଦକ ଚନ୍ଦ୍ରମଣି ସାମଲ, ଚିନ୍ତାମଣି ପାଢୀ ଯୋଗପ୍ରେମୀଙ୍କୁ ଉତ୍ସାହିତ କରିଥିଲେ। ଶାରୀରିକ ଓ ମାନସିକସ୍ତରରେ ସୁସ୍ଥ ରହିବାକୁ ହେଲେ ପ୍ରତ୍ୟେକ ଦିନ ଯୋଗଭ୍ୟାସ କରିବା ଉଚିତ୍ ବୋଲି ମୁଖ୍ୟ ଅତିଥି କହିଥିଲେ। ଯୋଗଗୁରୁ ବଟକୃଷ୍ଣ ପ୍ରଧାନ, ଧର୍ମଶାଳାର ଯୋଗଗୁରୁ ପ୍ରମୋଦ କୁମାର ମଲିକ ଏବଂ ଧ୍ରୁବଚରଣ କର ଯୋଗ ଶିବିରରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରକୁ ଯୋଗ ଶିକ୍ଷୟିତ୍ରୀ ବ୍ରଜେଶ୍ୱରୀ ସିଂହ, ବିଭିଷଣ ନାୟକ ଏବଂ ଅଶାନ୍ତି ସାମଲ ପରିଚାଳନା କରିଥିଲେ। ଯାଜପୁରରୋଡ଼ର ଥାନା କର୍ମଚାରୀ ବୀରକିଶୋର ସାହୁ, ହେମନ୍ତ କୁମାର ମଲିକ, ରାହାସବିହାରୀ ପ୍ରଧାନ, ମାନଗୋବିନ୍ଦ ପଣ୍ଡା, ଶତ୍ରୁଘ୍ନ ପୁହାଣ, ସୁସ୍ମିତା ହୁର, ଲୋକନାଥ ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗାଭ୍ୟାସ କରିଥିଲେ। ଉପସଭାପତି ଅଲେଖଚରଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ।


ଯୋଗ ଶିବିର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ପାନୀୟ ଜଳ ସୁବିଧାରୁ ବଞ୍ଚିତ ଛାତ୍ରୀଛାତ୍ର

**ବରୀ, ୨୮।୯(ସ୍ୱ.ପ୍ର)**

## ଝଁପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ



- ବିଦ୍ୟାଳୟ ପରିସରରେ ନାହିଁ ନଳକୂପ
- ନିକଟସ୍ଥ ଗ୍ରାମ ନଳକୂପ ଉପରେ ନିର୍ଭରଶୀଳ ଛାତ୍ରୀଛାତ୍ର
- ପାଚେରି ନ ଥିବାରୁ ଗୋରୁଙ୍କ ଅବାଧ ପ୍ରବେଶ
- ବିଦ୍ୟାଳୟ ପରିସରରେ ନଳକୂପ ଖନନ ଦାବି

ବରୀ ବ୍ଲକ ଅଧୀନ ସ୍ୱାଇଁଖଣ୍ଡ ପଞ୍ଚାୟତ ଝଁପଡା ଗ୍ରାମର ଝଁପଡା ଉଚ୍ଚ ପ୍ରାଥମିକ ଓ ନିମ୍ନମୌଳିକ ବିଦ୍ୟାଳୟ ଏବେ ସମସ୍ୟା ଘେରରେ ରହିଛି। ବିଦ୍ୟାଳୟ ପରିସରରେ ବିଶୁଦ୍ଧ ପାନୀୟ ଜଳ ସୁବିଧା ନ ଥିବାରୁ ଛାତ୍ରୀଛାତ୍ରମାନେ ନାନା ହଇରାଣ ହେଉଛନ୍ତି। ଝଅଁପଡ଼ା ଓ ସ୍ୱାଇଁଖଣ୍ଡ ଗାଁରୁ ପାନୀୟ ଜଳ ଆଣିବାକୁ ପଡୁଛି। ପାଚେରି ନ ଥିବାରୁ ଅବାଧରେ ଗୋରୁ ପ୍ରବେଶ କରୁଛନ୍ତି। ଉଭୟ ବିଦ୍ୟାଳୟରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଆବଶ୍ୟକ ଅନୁଯାୟୀ ଶିକ୍ଷୟିତ୍ରୀଶିକ୍ଷକ ନ ଥିବାରୁ ପାଠପଢା ବ୍ୟାଘାତ ହେଉଛି। ତେବେ ଏ ନେଇ ବରୀ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ବୁଧବାର ବରୀ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରା ପରିଦର୍ଶନରେ ଆସି ସମସ୍ୟାକୁ ଅନୁଭବ କରିଥିବା ବେହେରା କହିଛନ୍ତି। ପ୍ରଧାନଶିକ୍ଷକ ବିଭୁତି ଭୂଷଣ ଜେନାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ସବୁଜିମା ପରିବେଶ ସୃଷ୍ଟି କରାଯାଇଛି। ଏହାକୁ ସୁରକ୍ଷା ଦେବା ପାଇଁ ପାଚେରି ନିର୍ମାଣ ଜରୁରୀ ହୋଇପଡିଛି। ଦୈନିକ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ସଂଖ୍ୟା ଶତପ୍ରତିଶ୍ରତ ରହୁଥିଲା ବେଳେ ଶିକ୍ଷାଦାନ ପାଇଁ ଆହୁରି ୩ ଶିକ୍ଷୟିତ୍ରୀଶିକ୍ଷକଙ୍କ ଆବଶ୍ୟକତା ରହିଛି। ଉଭୟ ବିଦ୍ୟାଳୟ ଦ୍ୱୟରେ ପ୍ରଥମରୁ ଅଷ୍ଟମ ଯାଏ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏମାନଙ୍କ ପାଇଁ ବିଦ୍ୟାଳୟ ପରିସରରେ ଏକ ନଳକୂପ ଖନନ ପାଇଁ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଶିକ୍ଷାଧିକାରୀ ବେହେରାଙ୍କୁ ପଚାରିବାରୁ ତୁରନ୍ତ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରାଯିବ ବୋଲି କହିଛନ୍ତି।



ଭବିଷ୍ୟତ ପାଇଁ କେଉଁଟା ଶୁଭଦାୟକ ତାହା ଅତୀତ ବିଷୟରେ ହାସଲ କରିଥିବା ଜ୍ଞାନ ହିଁ କହିପାରିବା।
- କନ୍‌ଫୁସିୟସ



## ସଂକ୍ଷେପରେ

### ବାସୁଦେବ ବାଳିକା ଉଚ୍ଚ ବିଦ୍ୟାଳୟକୁ ନୋଡାଲ ବିଦ୍ୟାଳୟ କରିବାକୁ ଦାବି

ନାଉଗାଁ,୨୮।୯(ସ୍ୱ.ପ୍ର.): ନାଉଗାଁ ବ୍ଲକ ବାସୁଦେବ ବାଳିକା ଉଚ୍ଚ ବିଦ୍ୟାଳୟକୁ ନୋଡାଲ ବିଦ୍ୟାଳୟ କରିବା ଦାବି ନେଇ ଶୁକ୍ରବାର ଘୋଡାଂଶ କାଳିମଣ୍ଡପ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଘୋଡାଂଶ, କୋଟମାଳିପୁର, ଦାନ୍ତୁଆଳ, ତେତାପାଟଣା, ପାଇକସାହି ଆଦି ଗ୍ରାମର ଲୋକଙ୍କ ସହ ଶିକ୍ଷା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ବିଦ୍ୟାଳୟ ଏକ ଉଚ୍ଚ ବିଦ୍ୟାଳୟ ହୋଇଥିବାବେଳେ ବର୍ତ୍ତମାନ ତାହାକୁ ସ୍ଥାନାନ୍ତର କରିବାକୁ ଯୋଜନା ହେଉଛି। ଏହି ବିଦ୍ୟାଳୟ ନିକଟରେ ଶିଶୁ ମନ୍ଦିର ସମେତ ୩ ଟି ବିଦ୍ୟାଳୟ ରହିଛି। ଫଳରେ ବିଦ୍ୟାଳୟର ପିଲା ସଂଖ୍ୟା କମିବାରେ ଲାଗିଛି। ଏହି ବିଦ୍ୟାଳୟ ପରିସରରେ ୧ମରୁ ୮ମ ପର୍ଯ୍ୟନ୍ତ ୨ଟି ବିଦ୍ୟାଳୟ ରହିଛି। ତେଣୁ ଉକ୍ତ ୩ ବିଦ୍ୟାଳୟକୁ ମିଶାଇ ଏକ ନୋଡାଲ ବିଦ୍ୟାଳୟ କରାଯିବାକୁ ପ୍ରଶାସନକୁ ଜଣାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ କ୍ଷେତ୍ରମୋହନ ମହାନ୍ତି, ଶିବ ପ୍ରସାଦ ମହାରଣା, ରବି ପଟ୍ଟନାୟକ, ନିକୁଞ୍ଜ ନାୟକ, ସତ୍ୟବ୍ରତ ନାୟକ, ପ୍ରକାଶ ମହାନ୍ତି, କୈଳାସ ସ୍ୱାଇଁ, ଶିଶିର କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ।

### ଔଷଧ ଦୋକାନ ବନ୍ଦ, ଲୋକେ ହଇରାଣ

ନାଉଗାଁ,୨୮।୯(ସ୍ୱ.ପ୍ର.): ଇ-ଫାର୍ମାସୀ ଓ ଅନଲାଇନ ଔଷଧ ବିକ୍ରିକୁ ବିରୋଧ କରି ଅଖିଳ ଭାରତ ଔଷଧ ବ୍ୟବସାୟୀ ମହାସଂଘ ପକ୍ଷରୁ ଶୁକ୍ରବାର ଦେଶର ସମସ୍ତ ଔଷଧ ଦୋକାନ ବନ୍ଦ କରିବାକୁ ଡାକରା ଦିଆଯାଇଥିଲା। ଏଥିପାଇଁ ଶୁକ୍ରବାର ନାଉଗାଁ ବ୍ଲକର ସମସ୍ତ ଔଷଧ ଦୋକାନ ବନ୍ଦ ରହିଥିଲା। ଏଥିପାଇଁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସରକାର ଉକ୍ତ ସମସ୍ୟାର ସମାଧାନ ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମସ୍ତ ଦୋକାନ ବନ୍ଦ ରହିବ ବୋଲି ସଂଘ ଚେତାବନୀ ଦେଇଛି।

### ରାଢଙ୍ଗରେ ଭାଗବତ ବଢ଼ା ଉତ୍ସବ ପାଳନ



ରଘୁନାଥପୁର, ୨୮।୯(ଡି.ଏନ.ଏ.): ରଘୁନାଥପୁର ବ୍ଲକ ରାଢଙ୍ଗ ତ୍ରିନାଥ ଛକଠାରେ ପଞ୍ଚାୟତସ୍ତରୀୟ ଭାଗବତ ବଢ଼ା ଉତ୍ସବ ପାଳନ କରାଯାଇଛି। ଦୀର୍ଘ ଅଠର ବର୍ଷ ଧରି ଅଭାବ ଅନାଟନରେ ରହି ମଧ ସାମ୍ପ୍ରତିକ ଅବକ୍ଷୟ ଅଭିମୁଖେ ଥିବା ଆଧାତ୍ମିକ ଚେତନାକୁ ନିରବଚ୍ଛିନ୍ନ ଭାବେ ଚଳାଇ ଆସିଛନ୍ତି ଭାଗବତ ବିଶ୍ୱାସୀ ଭକ୍ତମାନେ। ଚତୁର୍ଭୁଜ ରାଉତ ଓ ଶିଶିର ଜେନାଙ୍କ ଉଦ୍ୟମରେ ସନ୍ଧ୍ୟା ସମୟରେ ଭାଗବତ ପଠନ କରାଯାଏ। ତେବେ ବସିବା ପାଇଁ ଭାଗବତ ଟୁଙ୍ଗିର ଅଭାବ ରହିଥିବାରୁ ଅନେକ ସମୟରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ସରକାରୀ ସ୍ତରରେ ସହାୟତା ମିଳିଲେ ସାମାଜିକତା ସୃଷ୍ଟି କରିବା ଦିଗରେ ଏହା ପ୍ରଭାବଶାଳୀ ହୋଇପାରିବ ବୋଲି ଭାଗବତ ପ୍ରେମୀ ବସନ୍ତ ସ୍ୱାଇଁ, ରାମଚନ୍ଦ୍ର ନାୟକ, ବୃନ୍ଦାବନ ରାଉତ, ବିପିନି ପାଳ, ଚିତ୍ତରଞ୍ଜନ ନାୟକ, ଜଳନ୍ଧର ରାଉତଙ୍କ ସମେତ ଅନେକ ବ୍ୟକ୍ତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଭାଜପାର ପରିବେଶ ସ୍ୱଚ୍ଛତା କାର୍ଯ୍ୟକ୍ରମ

ବାଲିଆ,୨୮।୯: ପରିବେଶ ସଫା ରଖିଲେ ଜୀବନ ଜାପନ ପ୍ରଣାଳି ବେଶ ନିରାଡମ୍ବର ହୋଇଥାଏ ବୋଲି ଶୁକ୍ରବାର ବିରିଡି ବ୍ଲକ ଅଲାଣ୍ଡୋ ହାଟଠାରେ ହାଜିପୁର ଭାଜପା ମଣ୍ଡଳ ତରଫରୁ ଆୟୋଜିତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ହାଜିପୁର ମଣ୍ଡଳ ସଭାପତି ଶିଶିର କୁମାର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଦାସ, ଜିଲା ଉପସଭାପତି ସୁଧାକର ସ୍ୱାଇଁ, ହାଜିପୁର ମଣ୍ଡଳ ସଧାରଣ ସମ୍ପାଦକ ବିଭୁପ୍ରସାଦ ଦାଶ, କୃଷକ ମୋର୍ଚ୍ଚା ସଭାପତି ସୁଦର୍ଶନ ପଣ୍ଡା, କୋଷାଧ୍ୟକ୍ଷ ବନବିହାରି ଜେନା, ଯୁବନେତା ଦୀପ୍ତିପ୍ରସାଦ ପରିଡା, ସୁଭ୍ରଜିତ ରାଉତରାୟ, ପ୍ରଭାକର ସ୍ୱାଇଁ, ଜଟିଆ ଭୋଇ, ଶବର ପରିଡା, ଗୋରା ଭୋଇ ପ୍ରମୁଖ ଯୋଗଦେଇ ଅଲାଣ୍ଡୋ ହାଟ ସମେତ ସ୍ଥାନ ସଫା କରିଥିଲେ।

## କୁଜଙ୍ଗରେ ବିଜେଡି ମହିଳା ସମାବେଶକୁ ନେଇ ଚର୍ଚ୍ଚା

# ଭଣ୍ଡୁର କରିବାକୁ ଗୋଟି ଚଳାଉଛନ୍ତି ଦାମ

- ରାଜଶ୍ରୀଙ୍କ ପାଇଁ ପରୀକ୍ଷାର ବେଳ
- ଶକ୍ତି ପ୍ରଦର୍ଶନ କରିବାକୁ ଚାହୁଁଛି ବିଜେଡି
- ସବୁ ନିର୍ବାଚନମଣ୍ଡଳୀରୁ ଲୋକ ନେବାକୁ ଯୋଜନା

ଜଗତ୍‌ସିଂହପୁର ଅଫିସ,୨୮।୯

ବିଧାୟକ ଦାମୋଦର ରାଉତଙ୍କୁ ଦଳରୁ ବହିଷ୍କାର କରାଯିବା ପରେ ପାରାଦୀପ ନିର୍ବାଚନମଣ୍ଡଳୀରେ ତାଙ୍କୁ ଦୁର୍ବଳ କରିବା ପାଇଁ ବିଜେଡି ଉଦ୍ୟମ ଜାରି ରଖିଛି। ପ୍ରଥମେ ନିର୍ବାଚନମଣ୍ଡଳୀରୁ ଦଳର ଛାମୁଆଁ ନେତାଙ୍କୁ ଭୁବନେଶ୍ୱର ଡାକି ଏକତ୍ରିତ କରିବାକୁ ଉଦ୍ୟମ କରାଯାଇଥିଲା। ଏଥିରେ ଆସନ୍ତା ୩୦ ତାରିଖରେ କୁଜଙ୍ଗରେ ବିଜେଡି ମହିଳା ସମାବେଶ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଇଥିଲା। ଯଦିଓ ପୂର୍ବରୁ ଏହି ସମାବେଶ ତିର୍ତ୍ତୋଲରେ ହେବ ବୋଲି କୁହାଯାଉଥିଲା, କିନ୍ତୁ ପରବର୍ତ୍ତୀ ସମୟରେ କୁଜଙ୍ଗରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଦାମଙ୍କ ପ୍ରଭାବକୁ ଦୁର୍ବଳ କରିବା ଏବଂ ବିଜେଡିର ଶକ୍ତି ପ୍ରଦର୍ଶନ କରିବା ପାଇଁ ଏଭଳି ରଣନୀତି ଆପଣାଯାଇଥିବା ଆଲୋଚନା ଚାଲିଛି। ଅନ୍ୟପଟେ ଦାମ ଉକ୍ତ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବାକୁ ଗୋଟିଚାଳନା କରୁଥିବା କୁହାଯାଉଛି। ସେ କହିଛନ୍ତି ଯେ, କୁଜଙ୍ଗକୁ ବିଜେଡି ଅନାବାଦୀ କରିବାକୁ ଚେଷ୍ଟା କରିଛି। ପାରାଦୀପ ନୁହେଁ ଅନ୍ୟ ଅଞ୍ଚଳର ନାରୀ ନେତ୍ରୀଙ୍କୁ ଆଣି ଡ୍ରାମା କରିବାକୁ ଅପଚେଷ୍ଟା ଚାଲିଛି। କିନ୍ତୁ ଏହାକୁ ସେ ସଫଳ କରିବାକୁ ଦେବେନାହିଁ। ବିଜେଡିର ରଣନୀତି ଓ ଦାମଙ୍କ ଏଭଳି ଜବାବକୁ ନେଇ ଜିଲାରେ ଆଲୋଚନା ସରଗରମ ହୋଇଥିବାବେଳେ ବାସ୍ତବ ଚିତ୍ର କ'ଣ ହେଉଛି ତାହା ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

ଦାମଙ୍କୁ ଦଳରୁ ବହିଷ୍କାର କରିବା ପୂର୍ବରୁ ଜିଲା ବିଜେଡି ରାଜନୀତି ନିଆରା ଥିଲା। ଜିଲା ବିଜେଡି ସଭାପତି ବିଷ୍ଣୁ ଚରଣ ଦାସଙ୍କ ସହ ତିର୍ତ୍ତୋଲ ବିଧାୟିକା ତଥା ବିଜୁ ମହିଳା ଜନତା ଦଳ ଜିଲା ସଭାପତି ରାଜଶ୍ରୀ ମଲ୍ଲିକଙ୍କ ସମ୍ପର୍କ ଭଲ ନ ଥିଲା। ଏବେ ବି ସେମାନଙ୍କ ସମ୍ପର୍କରେ ସୁଧାର ଆସିନାହିଁ। ଜୁଲାଇ ମାସରେ ବିଷ୍ଣୁ ଓ ରାଜଶ୍ରୀଙ୍କ ମଧ୍ୟରେ ବିବାଦ ହଠାତ୍ ବଢିଯାଇଥିଲା। ରାଜଶ୍ରୀ ଜିଲା ମହିଳା ବିଜେଡି ସଭାପତି ଥିବାରୁ ସେ ଜଗତ୍‌ସିଂହପୁର ବ୍ଲକ ଓ ଜଗତ୍‌ସିଂହପୁର ପୌର ପରିଷଦ ସଭାପତି ଦାୟିତ୍ୱ ଦାସଙ୍କ ଶତ୍ରୁଭାବେ ପରିଚିତ ୨ ଜଣ ମହିଳାଙ୍କୁ ଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବିଷ୍ଣୁ ମଧ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରି ସେମାନଙ୍କ ନାମ କାଟିବାକୁ ଯୁକ୍ତି ବାଢିଥିଲେ। ଶେଷରେ ରାଜଶ୍ରୀଙ୍କ ସୁପାରିଶରେ ଦାୟିତ୍ୱ ପାଇଥିବା ୨ ମହିଳା ନେତ୍ରୀଙ୍କୁ ପଦଚ୍ୟୁତ କରାଯାଇଥିଲା। କିନ୍ତୁ ରାଜଶ୍ରୀ ଏହି ଦୁଇ ଜଣଙ୍କୁ ମହିଳା ସଙ୍ଗଠନ ଜିଲା ସମ୍ପାଦକ କରି ନିଜର ଜିଦ୍ ରଖିଛନ୍ତି। କିଛିଦିନ ପୂର୍ବରୁ ରାଜଶ୍ରୀ ଜଗତ୍‌ସିଂହପୁର ଆସି ସର୍କିଟ୍ ହାଉସ୍‌ରେ ଥିବା ସମୟରେ ବିଷ୍ଣୁ ସମର୍ଥକମାନେ ତାଙ୍କୁ ପ୍ରଶ୍ନ ବାଣରେ ଅଣନିଃଶ୍ୱାସ କରି ଦେଇଥିଲେ। ଏହାର ଜବାବ ଦେବା ପାଇଁ ରାଜଶ୍ରୀ ତିର୍ତ୍ତୋଲରେ ଜିଲାସ୍ତରୀୟ ବିଶାଳ ମହିଳା ସମାବେଶ କରିବେ ବୋଲି କହିଥିଲେ। ସେତେବେଳେ ତାଙ୍କୁ ଏ କ୍ଷେତ୍ରରେ ପୂର୍ଣ୍ଣ ସମର୍ଥନ ଦେଉଥିଲେ ଦାମ। ବର୍ତ୍ତମାନ କିନ୍ତୁ ସ୍ଥିତି ବଦଳି ଯାଇଛି। ଦାମ ଦଳରୁ ବିଦା ହୋଇଯାଇଛନ୍ତି। ଏହାକୁ ନେଇ ବିଷ୍ଣୁ ଉତ୍ଫୁଲିତ ହୋଇପଡିଥିଲେ। ଏପରି କି ବିଷ୍ଣୁ ପାରାଦୀପରୁ ପ୍ରାର୍ଥୀ ହେବାକୁ ଆଗ୍ରହୀ ବୋଲି ଇସାରା ଦେଇଥିଲେ। ପାରାଦୀପ ଯାଇ ସଙ୍ଗଠନ କରିବାକୁ ଚେଷ୍ଟା କରିଥିଲେ। ବିଷ୍ଣୁଙ୍କ ଉତ୍‌ଥାନ ଦେଖି ରାଜଶ୍ରୀ ଅଡୁଆରେ ପଡିଥିଲେ। ଦାମଙ୍କ ନିକଟତର ନେତ୍ରୀ ହିସାବରେ ସେ ପରିଚିତ ଥିବାରୁ ତାଙ୍କ ପାଇଁ ଚିନ୍ତା ବଢିଥିଲା। କାଳେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଯିବ ସେ ଭୟରେ ଶହସ୍ରାଧିକ ସମର୍ଥକଙ୍କୁ ଧରି ପୂର୍ବ ପ୍ରସ୍ତୁତି ମୁତାବକ ସେ ଭୁବନେଶ୍ୱର ଗଲେ ଓ ସେଠାରେ ଦାମଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ଦଳ ନେଇଥିବା ନିଷ୍ପତ୍ତିକୁ ସ୍ୱାଗତ କଲେ। ଏହାପରେ ଦଳ ମଧ ତାଙ୍କୁ ପରୀକ୍ଷା କରିବା ପାଇଁ ମହିଳା ସମାବେଶ ତିର୍ତ୍ତୋଲ ନୁହେଁ, କୁଜଙ୍ଗରେ କରିବାକୁ ନିଷ୍ପତ୍ତି ଶୁଣାଇଥିବା ଆଲୋଚନା ଚାଲିଛି। କାରଣ ରାଜଶ୍ରୀ ଏହାର ନେତ୍ରୀ ଥିବାରୁ ଦାମଙ୍କ ସହ ମୁହାଁମୁହିଁ ହୁଅନ୍ତୁ ବୋଲି କ୍ଷେତ୍ର ପ୍ରସ୍ତୁତ କରାଯାଇଛି। ସେମାନଙ୍କ ମଧ୍ୟରେ ସମ୍ପର୍କ ଯେତେ ତୀକ୍ତ ହେବ ସେତେ ଭଲ। ରାଜଶ୍ରୀଙ୍କ ବିଷୋଦ୍‌ଗାର ପରେ ଦାମ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଉଦ୍ୟମ କରିବେ ବୋଲି ଘୋଷଣା କରିଛନ୍ତି । ଅନ୍ୟପଟେ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ସହ ମଧ ବିଷ୍ଣୁଙ୍କ ତୀକ୍ତତା ଥିଲା। ଏବେ ପ୍ରଶାନ୍ତ ଦଳର ଜିଲା କାର୍ଯ୍ୟକାରୀ ସଭାପତି ଥିବାରୁ ଚିତ୍ର ବଦଳିଯାଇଛି। ସେ ଜିଲାରେ ପ୍ରଭାବଶାଳୀ ହୋଇପଡିଛନ୍ତି। ଏହି ମହିଳା ସମାବେଶରେ କୁଜଙ୍ଗ ବ୍ଲକ ବିଜେଡି ସଭାପତି ଓ ବ୍ଲକ ଅଧ୍ୟକ୍ଷ ଅନୁପସ୍ଥିତ ରହିବା ଏକପ୍ରକାର ବାରି ହେଉଛି। କିନ୍ତୁ ନିର୍ବାଚନମଣ୍ଡଳୀର ଅଧିକାଂଶ ନେତା ସମାବେଶକୁ ସଫଳ କରିବାକୁ ଅଣ୍ଟା ଭିଡିଛନ୍ତି। ରାଜଶ୍ରୀ ନିଜର ଶକ୍ତି ପ୍ରଦର୍ଶନ ପାଇଁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ ମଧ କର୍ମୀ ନେବେ। ବାଲିକୁଦା-ଏରସମାରୁ କର୍ମୀ ଓ ନେତା ଯୋଗ ଦେବେ। କିନ୍ତୁ ଜଗତ୍‌ସିଂହପୁରକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଦେଖିବାର ଅଛି ସମାବେଶ ସଫଳ ହେଉଛି କି ଦାମ ଏହାକୁ ଭଣ୍ଡୁର କରିବାରେ ସଫଳ ହେଉଛନ୍ତି।



ରେଢୁଆ ବିଶି କଲେଜର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି।

## ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଆନ୍ଦୋଳନର ରୂପ ନେଲା

### ରେଢୁଆ ବିସି କଲେଜରେ ସଚେତନତା ସଭା

ରଘୁନାଥପୁର, ୨୮।୯(ଡି.ଏନ.ଏ.)

ଓଡ଼ିଶା ପୋଷ୍ଟ ଓ ଧରିତ୍ରୀ ପକ୍ଷରୁ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଅଭିଯାନ, ରଘୁନାଥପୁର ବ୍ଲକ ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନ ଏସ୍‌ଏଚଜି ଗୋଷ୍ଠୀ ଓ ଯୁବକ ସଂଘମାନଙ୍କ ମଧ୍ୟରେ ଆନ୍ଦୋଳନର ରୂପ ନେଇଛି। ପ୍ରତ୍ୟେକ ଅନୁଷ୍ଠାନରେ ଉକ୍ତ ଅଭିଯାନକୁ ସ୍ୱାଗତ କରାଯାଇ ସଚେତନତା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବ୍ଲକ ଅନ୍ତର୍ଗତ ରେଢୁଆ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ପ୍ରାୟ ତିନି ଶହ ଛାତ୍ରୀଛାତ୍ର ପ୍ଲାଷ୍ଟିକ ହଟାଅ ଓଡ଼ିଶା ବଞ୍ଚାଅ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା କାର୍ଯ୍ୟକ୍ରମ ଆରମ୍ଭରେ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଅଭିଯାନର ଶୁଭ ଚିନ୍ତକ ଓଡ଼ିଶା ପୋଷ୍ଟ ଓ ଧରିତ୍ରୀ ଖବରକାଗଜଙ୍କୁ ସ୍ୱାଗତ ଜଣାଇଥିଲେ। ଏହା ଏକ ଆନ୍ଦୋଳନରେ ପରିଣତ ହେଉଥିବାରୁ ଏହାର ପ୍ରଭାବ ନିଶ୍ଚିତ ଭାବେ ଗ୍ରାମାଞ୍ଚଳରେ ଉପଲବ୍ଧ ହେବ ବୋଲି ପ୍ରକାଶ କରିଥିଲେ। ଏହାଛଡା ପ୍ରତ୍ୟେକ ଛାତ୍ରୀଛାତ୍ର ଏହି ଅଭିଯାନରୁ ଅନୁପ୍ରାଣୀତ ହୋଇ ପ୍ରଥମେ ନିଜେ, ତା'ପରେ ପରିବାର ଏବଂ ଶେଷର ନିଜ ପଡୋଶୀମାନଙ୍କୁ ପ୍ଲାଷ୍ଟିକ ବ୍ୟବହାର ପରିଣତି ସମ୍ପର୍କରେ ସଚେତନ କରାଇ ପାରିଲେ ଅଭିଯାନ ସଫଳ ହେଲା ବୋଲି କୁହଯାଇ ପାରିବ। ଅଧ୍ୟକ୍ଷ ନିଜେ ପ୍ଲାଷ୍ଟିକ ବର୍ଜନ ସମ୍ପର୍କରେ ସ୍ଲୋଗାନ ଦେବା ପରେ, ଛାତ୍ରୀଛାତ୍ରମାନେ ଏହାକୁ ଅନୁକରଣ କରିଥିଲେ। ଆଗାମୀଦିନରେ ଉକ୍ତ ଅଭିଯାନ କେତେ ମାତ୍ରାରେ ସଫଳ ହେଲା ଅଧ୍ୟକ୍ଷ ପଣ୍ଡା ନିଜେ ଅନୁଧ୍ୟାନ କରିବେ ବୋଲି କହିଥିଲେ। କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକମାନେ ଏହାକୁ ସମର୍ଥନ ଜଣାଇଥିଲେ।

## ଗୁଆଲିପୁର ପଞ୍ଚାୟତ : ବିଭିନ୍ନ ଅଭିଯୋଗକୁ ନେଇ ତର୍ଜମା

ରଘୁନାଥପୁର, ୨୮।୯(ଡି.ଏନ.ଏ.)

ରଘୁନାଥପୁର ପଞ୍ଚାୟତ ଅଧୀନରେ ଥିବା ଗୁଆଲିପୁର ପଞ୍ଚାୟତର ୧୯ ତମ ଅଧିବେଶନରେ ବିଭିନ୍ନ ଅଭିଯୋଗକୁ ନେଇ ଆଲୋଚନା କରାଯାଇଥିଲା। ସରପଞ୍ଚ ଜାନକୀ ବଲ୍ଲଭ ସ୍ୱାଇଁ ପୌରୋହିତ୍ୟରେ ଆୟୋଜିତ ବୈଠକରେ ୧୮ ଗୋଟି ୱାର୍ଡର ସଭ୍ୟାସଭ୍ୟଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଜିତ ଦାସ ଓ ଜିଆଏସ୍ ସ୍ମୃତିସାଧନା ମହାନ୍ତି ଉପସ୍ଥିତ ଥିଲେ। ବୈଠକରେ କେତେଜଣ ୱାର୍ଡସଭ୍ୟଙ୍କ ପକ୍ଷରୁ ସରପଞ୍ଚ ଅସହଯୋଗ ସମ୍ପର୍କରେ ଅଭିଯୋଗ ଉଠିବା ପରେ, ସରପଞ୍ଚ ସ୍ୱାଇଁ ପ୍ରତ୍ୟେକ ଅଭିଯୋଗକୁ ସମ୍ପର୍କରେ ସ୍ପଷ୍ଟିକରଣ ରଖି ଉପସ୍ଥିତ ସଭ୍ୟାସଭ୍ୟଙ୍କ ସତାମତି ଲୋଡିଥିଲେ। ବିଶେଷକରି ହରିଶ୍ଚନ୍ଦ୍ର ଯୋଜନାରେ ଆସୁଥିବା ଅର୍ଥ, ଭତ୍ତା ରାଶନ କାର୍ଡ, ପରିବାର ଜନମଙ୍ଗଳ ଯୋଜନା ଇନ୍ଦିରାବାସ ଇତ୍ୟାଦିରେ ସରପଞ୍ଚ ଅସହଯୋଗ କରୁଥିବା ଅଭିଯୋଗ ଉଠିଥିଲା। ଏହାଛଡା ପ୍ରତ୍ୟେକ ୱାର୍ଡ ସଭ୍ୟାସଭ୍ୟ ନିଜ ପଦବୀକୁ ଗୁରୁତ୍ୱର ସହ ନେଇ ଜନସାଧାରଣଙ୍କୁ ସହଯୋଗ କରିବା ଏବଂ ଆବଶ୍ୟକ ସ୍ଥଳେ ସରପଞ୍ଚଙ୍କ ଦୃଷ୍ଟିକୁ ଆଣିବାକୁ ପରାର୍ମଶ ରଖିଥିଲେ। ଅଭିଯୋଗ କରିବା ପରିବର୍ତ୍ତେ ବୁଝାମଣା ଭିତ୍ତିରେ ପରସ୍ପର ସହଯୋଗ ମନୋବୃତ୍ତି ରଖି କାର୍ଯ୍ୟ କରି କୌଣସି ଅସୁବିଧା ରହିବ ନାହିଁ ବୋଲି ସରପଞ୍ଚ ସ୍ୱାଇଁ କହିଥିଲେ।



ଅଧିବେଶନରେ ଉପସ୍ଥିତ ଜନ ପ୍ରତିନିଧି ଓ ଅନ୍ୟମାନେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ।

## ହାଇୱା ଧକ୍କାରେ ଜଣେ ମୃତ, ୨ ଗୁରୁତର

ବାଲିକୁଦା, ୨୮।୯(ସ୍ୱ.ପ୍ର.)

ବାଲିକୁଦା-ଜଗତ୍‌ସିଂହପୁର ରାସ୍ତାର ବାଲିକୁଦା ଆର ଆଣ୍ଡ ବି ଛକ ନିକଟରେ ଶୁକ୍ରବାର ଏକ ହାଇୱା ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ସ୍ତ୍ରୀ ଓ ଝିଅର ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କୃଷ୍ଣଦାସପୁର ପଞ୍ଚାୟତ ଖାଙ୍କରପୁର ଗାଁର ଜଗନ୍ନାଥ ପଣ୍ଡା(୫୦)। ତାଙ୍କ ବଡ଼ ଝିଅର ବାଲିକୁଦାର ଏକ ନର୍ସିଂହୋମ୍‌ରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିବାରୁ ଜଗନ୍ନାଥ, ସ୍ତ୍ରୀ ସବିତା ଓ ସାନଭାଇଙ୍କ ଝିଅ ସୋନି(୧୮) ଏକ ବାଇକ (ନଂ. ଓଡି ୦୫ ପି ୬୫୧୧)ରେ ବାଲିକୁଦା ଆସି ଫେରୁଥିଲେ। ଏହି ସମୟରେ ସମ୍ମୁଖରୁ ଆସୁଥିବା ଏକ ହାଇୱା ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଜଗନ୍ନାଥଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଆହତମାନଙ୍କୁ ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ହାଇୱାଟି ଫେରାର ହୋଇଯାଇଛି। ସେହି ରାସ୍ତାରେ ଯାଉଥିବା କେତେଜଣ ବାଇକ ଆରୋହୀ ସେମାନଙ୍କୁ ଦେଖି ପ୍ରଥମେ ୧୦୮ ଆମ୍ବୁଲାନ୍ସ ଓ ପରେ ବାଲିକୁଦା ଥାନାକୁ ଫୋନ କରି ଜଣାଇଥିଲେ। ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ବାଲିକୁଦା ଥାନା ଗାଡିରେ ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଜଗନ୍ନାଥଙ୍କୁ ମୃତ ଘୋଷଣା କରିବା ସହିତ ସୋନି ଓ ସବିତାଙ୍କୁ ଅଧିକ ଚିକିତ୍ସା ପାଇଁ ଜଗତସିଂହପୁର ପଠାଇ ଦେଇଥିଲେ । ସୋନିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ସବିତାଙ୍କ ଅଣ୍ଟାରେ ଆଘାତ ଲାଗିଛି। ପୋଲିସ ମୃତଦେହ ଜବତ କରିଛି। ଶନିବାର ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯିବ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ନଭେମ୍ବର ୨୨ରୁ କଳିଙ୍ଗ ବାଲିଯାତ୍ରା ମହୋତ୍ସବ




ବୈଠକରେ ଉପସ୍ଥିତ ବିଧାୟକ ଦାମୋଦର ରାଉତ ଓ ଅନ୍ୟମାନେ।

- ୨ରୁ ୩ ମିନିଟ୍ ବକ୍ତବ୍ୟ ରଖିଲେ ଦାମ
- କିଏ ଅତିଥି ହେବ, ମୁଖ୍ୟମନ୍ତ୍ରୀ ଯୋଗଦେବେ କି ନାହିଁ ଜଣାନାହିଁ

ପାରାଦୀପ,୨୮।୯(ସ୍ୱ.ପ୍ର.)

ପାରାଦୀପର ଅନ୍ୟତମ ସାଂସ୍କୃତିକ ଗଣପର୍ବ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ୨୦୧୮ ପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ମଧୁବନ ଅଫିସର୍ସ କ୍ଲବ ପରିସରରେ ଆୟୋଜିତ ଏହି ବୈଠକରେ ଚିରାଚରିତ ଭାବେ ନିଷ୍ପତ୍ତି ହୋଇଛି ଯେ ଆସନ୍ତା ନଭେମ୍ବର ୨୨ରୁ ୨୯ ପର୍ଯ୍ୟନ୍ତ ୮ଦିନ ଧରି କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ୪୧ ମିନିଟ୍‌ର ଏହି ସଂକ୍ଷିପ୍ତ ବୈଠକରେ ଜିଲା ପ୍ରଶାସନ ତଥା ବାଲିଯାତ୍ରା କମିଟି ପକ୍ଷରୁ ବିଶେଷ କିଛି ସୂଚନା ଦିଆଯାଇ ନ ଥିଲା। ଜିଲାପାଳ ଯାମିନୀ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ ଦାମୋଦର ରାଉତ, ଏସପି ପ୍ରକାଶ ଆର, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଏଡିଏମ କାହ୍ନୁଚରଣ ଧିର, ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବାଲିଯାତ୍ରା କମିଟିର ଅନ୍ୟତମ ପ୍ରମୁଖ ସଦସ୍ୟ ତଥା ଜିଲାର ଅନ୍ୟ ୩ ବିଧାୟକ ଓ ଏମ୍‌ପି କୁଳମଣି ସାମଲ ବୈଠକରେ ଅନୁପସ୍ଥିତ ଥିଲେ। ବାଲିଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ବିଧାୟକ ରାଉତ ଓ ଅନ୍ୟମାନେ କହିଥିଲେ। ସମ୍ପ୍ରତି ବିଜେଡିରୁ ଦାମଙ୍କୁ ବହିଷ୍କାର କରାଯିବା, ଦାମଙ୍କ ପାଖରୁ ତାଙ୍କ ଅନୁଗତମାନେ ଦୂରେଇ ଯିବା ଓ ପ୍ରଶାସନିକ ଅଧିକାରୀମାନେ ବୈଠକରେ ମାପିଚୁପି ବକ୍ତବ୍ୟ ରଖିବା ଆଦି ଘଟଣା ରୋଚକ ବିଷୟ ହୋଇଛି। କାରଣ ଦାମ ୧୯୯୨ ବାଲିଯାତ୍ରା ଆରମ୍ଭରୁ ଥିଲେ ଏବଂ ପ୍ରସ୍ତୁତି ବୈଠକରେ ଦୀର୍ଘ ସମୟ ବକ୍ତବ୍ୟ ଦେଉଥିଲେ। ତାଙ୍କ ନିଷ୍ପତ୍ତିରେ ହିଁ ସବୁକିଛି ହେଉଥିଲା। କିନ୍ତୁ ଚଳିତବର୍ଷ ବୈଠକରେ ସେଭଳି କିଛି ଦେଖିବାକୁ ମିଳିଲାନି। କେବଳ ୨ରୁ ୩ ମିନିଟ୍ ମଧ୍ୟରେ ସେ ନିଜ ବକ୍ତବ୍ୟ ସାରିଥିଲେ। ବାଲିଯାତ୍ରାକୁ କିଏ ଅତିଥି ଆସିବେ, ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେବେ କି ନାହିଁ ପ୍ରସଙ୍ଗରେ ଦାମଙ୍କୁ ପଚାରିବାରେ ସେ କହିଲେ ଯେ ପରିବର୍ତ୍ତିତ ଘଟଣାଚକ୍ରରେ ମୋତେ କେହି ପଚାରୁନାହାନ୍ତି। ମୁଁ କେମିତି କହିବି ବାଲିଯାତ୍ରାରେ କ'ଣ ହେବ ବା କିଏ ଅତିଥି ହେବେ। ତେବେ ବୈଠକ ପରେ କିନ୍ତୁ ଦାମ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ଘଣ୍ଟାଏରୁ ଅଧିକ ସମୟ ପରିବର୍ତ୍ତିତ ରାଜନୀତି ସମ୍ପର୍କରେ ଆଲୋଚନା କରିଥିଲେ।

## ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ ଗୋପାଳ ପ୍ରହରାଜ

ବିରିଡ଼ି,୨୮।୯(ଡି.ଏନ.ଏ.)



ଉତ୍ସବରେ ଜଣେ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

ପୂର୍ଣ୍ଣଚନ୍ଦ୍ର ଓଡିଆ ଭାଷାକୋଷ ରଚନା କରି ଗୋପାଳଚନ୍ଦ୍ର ପ୍ରହରାଜ ଏ ଜାତିର ଐତିହାସିକ ଆବଶ୍ୟକତା ପୁରଣ କରିଥିଲେ ବୋଲି ଗୁରୁବାର କନ୍ଦରପୁର ଉମାକାନ୍ତ ମଣ୍ଡପଠାରେ ଆୟୋଜିତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ୧୪୫ତମ ରାଜ୍ୟସ୍ତରୀୟ ଜୟନ୍ତୀରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଓଡିଶା ସାହିତ୍ୟ ଏକାଡେମୀ ଓ ପ୍ରହରାଜ ପ୍ରତିଭା ପୂଜାପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ବକ୍ତାମାନେ ଉପରୋକ୍ତ ମତବ୍ୟକ୍ତ କରିବା ସହ ଗୋପାଳଚନ୍ଦ୍ର ପ୍ରହରାଜ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ପିଲାଟି ଦିନରୁ ତାଙ୍କର ଓଡିଆ ସାହିତ୍ୟ ପ୍ରତି ଗଭିର ଅଭିରୁଚି ଥିଲା। ସେ ଦୀର୍ଘ ୯ବର୍ଷ ଧରି ଅକ୍ଳାନ୍ତ ପରିଶ୍ରମ କରି ଓଡିଆ ଭାଷାର ପ୍ରଚଳିତ, ଅପ୍ରଚଳିତ, ଲୋକକଥିତ, ଆଞ୍ଚଳିକ ଓ ବୈଦେଶିକ ମୋଟ ୧ଲକ୍ଷ ୮୫ ହଜାର ଶବ୍ଦ ଆବିଷ୍କାର କରି ୯ ହଜାର ୫ ଶହ ୩ ପୃଷ୍ଠାରେ ୭ଖଣ୍ଡରେ ଏହି ବିଶାଳ ଭାଷାକୋଷ ପ୍ରଣୟନ କରିଥିଲେ। ପ୍ରହରାଜ ପ୍ରତିଭା ପୂଜା ପରିଷଦର କାର୍ଯ୍ୟକାରୀ ସଭାପତି କାଳୀପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଡ. ବିଜୟ କୁମାର ଶତପଥୀ ମୁଖ୍ୟ ଅତିଥି, ଡ. ପ୍ରଦୀପ କୁମାର ପଣ୍ଡା ମୁଖ୍ୟବକ୍ତା, ଡ. ବିଜୟ ଚନ୍ଦ୍ର ଜେନା, ଡ. ବିଜୟା ନନ୍ଦ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାହିତ୍ୟ ଏକାଡେମୀର ସଦସ୍ୟ ସଞ୍ଜୟ କୁମାର ଛୁଆଲସିଂ ଅତିଥି ପରିଚୟ ପ୍ରଦାନ ଓ ପ୍ରହରାଜ ପ୍ରତିଭା ପୂଜା ପରିଷଦର ସମ୍ପାଦକ ପିଉସ ରଞ୍ଜନ ପରିଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସେହିପରି ପ୍ରତିଭା ପୂଜା ପରିଷଦ ଉପସଭାପତି କବି ପିତାମ୍ବର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ପରିପ୍ରେକ୍ଷୀରେ ଅଜୟ କୁମାର ମିଶ୍ରଙ୍କୁ ଗୋପାଳ ଚନ୍ଦ୍ର ପ୍ରହରାଜ ସାହିତ୍ୟ ସମ୍ମାନ, ନୀଳମଣୀ ସାହୁଙ୍କୁ ପରମାନନ୍ଦ ସାହୁ ସ୍ମୃତି ସମ୍ମାନ, ପ୍ରବୋଧ କୁମାର ଦିକ୍ଷିତଙ୍କୁ ଅନାଦି ଚରଣ ମହାପାତ୍ର ସ୍ମୃତି ସମ୍ମାନ, ଛାତ୍ରୀ ଅନନ୍ୟା ସାହୁଙ୍କୁ ପ୍ରହରାଜ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସଭା ପୂର୍ବରୁ ଏକ କବିତା ପାଠୋତ୍ସବ କରାଯାଇଥିଲା। ଶେଷରେ ହୃଦାନନ୍ଦ ଜେନା ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## କେରଳ ବନ୍ୟା ବିପନ୍ନଙ୍କୁ ସହାୟତା



**କେନ୍ଦ୍ରାପଡ଼ା ଅଫିସ, ୨୮।୯:** କେରଳ ବନ୍ୟା ପୀଡ଼ିତଙ୍କୁ କେନ୍ଦ୍ରାପଡ଼ା ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଆର୍ଥିକ ସହାୟତା ଶୁକ୍ରବାର ପ୍ରଦାନ କରାଯାଇଛି। ଏଥିପାଇଁ ସଂଗୃହୀତ ୧୦ ହଜାର ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ ଉଦ୍ଦେଶ୍ୟରେ ଜିଲାପାଳ ଦାଶରଥି ଶତପଥୀଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ଅବସରପ୍ରାପ୍ତ ଜିଲା ଜଜ କୁଞ୍ଜବିହାରୀ ସାହୁ, ହେମନ୍ତ କୁମାର ଜେନା, ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ପୀତାମ୍ବର ଦାସ ଓ ଈଶ୍ୱର ଚନ୍ଦ୍ର ସାହୁ ପ୍ରମୁଖ ଏହି ଚେକ୍ ପ୍ରଦାନରେ ସାମିଲ ହୋଇଥିଲେ।

## ଭରସିଂ-ଚୌଧୁରୀ ସାହି ରାସ୍ତା ନିର୍ମାଣ ଦାବି

**କେନ୍ଦ୍ରାପଡ଼ା ଅଫିସ୍, ୨୮।୯:** କେନ୍ଦ୍ରାପଡା ବ୍ଲକ ଗାଙ୍ଗପଡ଼ା ପଞ୍ଚାୟତସ୍ଥିତ ଭରସିଂ-ଚୌଧୁରୀ ସାହି ରାସ୍ତା ଏବେ ଯାତାୟାତ ଅନୁପଯୋଗୀ ହୋଇଛି। ଗ୍ରାମର ୧୨ନଂ. କେନାଲଠାରୁ ମସ୍‌ଜିଦ ପର୍ଯ୍ୟନ୍ତ ରାସ୍ତା ସର୍ବଦା ପାଣି ଓ କାଦୁଅରେ ହେବା ଯୋଗୁ ଲୋକମାନେ ଯିବାଆସିବା କରିବାକୁ ଅସୁବିଧା ଭୋଗୁଛନ୍ତି। ସାମାନ୍ୟ ବର୍ଷା ପରେ ଏହି ରାସ୍ତା ଦେଇ ଯିବା ମଧ୍ୟ ସମ୍ଭବ ହେଉନାହିଁ। ଏତଦ୍‌ବ୍ୟତୀତ ସ୍କୁଲ କଲେଜ ପିଲାମାନେ ସେହି ରାସ୍ତାରେ ଯିବା ଆସିବା କରିବା ଏବଂ ଜରୁରୀ ସମୟରେ ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେବେ ଏହି ଗ୍ରାମର ସେକ୍ ହବୁ, ସେକ୍ ନିଜାମୁଦ୍ଦିନ, ସେକ୍ ସଲାଉଦ୍ଦିନ, ନସିମ ଖାଁ, ସେକ୍ ରହେମାନ, ସେକ ହାପି, ତଇବୁନ ବିବି, ସୁନତା ବିବି ପ୍ରମୁଖ ଜିଲାପାଳଙ୍କୁ ମଙ୍ଗଳବାର ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି।

## ଗଜଲକ୍ଷ୍ମୀ ପୂଜା ପାଇଁ ସମନ୍ୱୟ କମିଟି ବୈଠକ

**କେନ୍ଦ୍ରାପଡ଼ା ଅଫିସ, ୨୮।୯:** କେନ୍ଦ୍ରାପଡା ଜିଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜା। ଆସନ୍ତା ଅକ୍ଟୋବର ୨୪ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ଶୁକ୍ରବାର ଏକ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଦାଶରଥି ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପ୍ରଶାସନିକ ଅଧିକାରୀ ଓ ପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉତ୍ସବ ସମ୍ପର୍କରେ ଆଲୋଚନାରେ ଭସାଣିକୁ ୩ ଦିନ ପରିବର୍ତ୍ତେ ୨ଦିନରେ ସୀମିତ ରଖିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ଡାକବାଜି ଯନ୍ତ୍ର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ପ୍ରଶାସନର ଅନୁମତି ଆବଶ୍ୟକ ବୋଲି ଏଠାରେ ଘୋଷଣା କରାଯାଇଥିଲା। ଡିଜେ ବନ୍ଦ ସହିତ ପରିବେଶ, ପରିମଳ ସୁସ୍ଥ ପାଇଁ ପ୍ଲାଷ୍ଟିକ ବ୍ୟବହାରକୁ ନିଷିଦ୍ଧ କରାଯାଇଥିଲା। ଏଥିସହ ଟ୍ରାଫିକ ବ୍ୟବସ୍ଥା, ପୂଜା ମଣ୍ଡପରେ ସିସିଟିଭିର ପ୍ରୟୋଗ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା। ଟାଉନହଲଠାରେ ଅନୁଷ୍ଠିତ ଏହି ବୈଠକରେ ଏସପି ନୀତିଶେଖର, ଏଏସ୍‌ପି ଅରୁଣ କୁମାର ଜେନା, ଉପଜିଲାପାଳ ସଞ୍ଜୟ ମିଶ୍ରଙ୍କ ସମେତ ସହରର ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ଆଲୋଚନାରେ ଭାଗ ନେଇଥିଲେ।

## ଯୁବ ବିଜୁବାହିନୀ ପକ୍ଷରୁ ବୃକ୍ଷରୋପଣ

**ରାଜକନିକା, ୨୮।୯ (ଡି.ଏନ୍.ଏ):** ରାଜକନିକା ପଞ୍ଚାୟତ ସମିତି ଅଧୀନ ତ୍ରୈଲୋକ୍ୟପୁର ପଞ୍ଚାୟତରେ ବିଜୁ ଯୁବବାହିନୀ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆୟତନସ୍ଥିତ କମଳା ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଯୁବବାହିନୀର ସଭ୍ୟାସଭ୍ୟମାନେ ଆମ୍ବ, ପଣସ, ବଉଳ, ଆକାଶିଆ, ନିମ ଆଦି ଚାରା ରୋପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ସମେତ ଯୁବବାହିନୀର ସଭାପତି ପ୍ରବିଣ ବେହେରା, ସମ୍ପାଦକ ଅଞ୍ଜନ ମହାନ୍ତି, ଅଙ୍କିତ ସାହୁ, ପ୍ରଦ୍ୟୁମ୍ନ ମହାନ୍ତି, ଆଶିଷ ସୂତାର, ଧୀରେନ୍ ମଲ୍ଲିକ, ପ୍ରମୋଦ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

# ଅବ୍ୟବସ୍ଥାରେ ପୂର୍ବ ଭାରତର ପ୍ରଥମ ବତିଘର

**କେନ୍ଦ୍ରାପଡ଼ା ଅଫିସ, ୨୮।୯**

- ଯାତାୟାତ ଅସୁବିଧା, ବିଦ୍ୟୁତ୍ ସଂଯୋଗୀକରଣ ବ୍ୟବସ୍ଥା ନାହିଁ
- ଅବ୍ୟବସ୍ଥା ଯୋଗୁ ଆନ୍ତର୍ଜାତିକ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତାରୁ ବାଦ ପଡ଼ିଛି
- ବିକାଶରେ ବାଧକ ସାଜିଛି ଖରିନାସୀ ସେତୁ ନିର୍ମାଣ

କୃଷିକୁ ବାଦ ଦେଲେ କେବଳ ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ସୁଦୃଢ଼ ଦ୍ୱାରା ହିଁ କେନ୍ଦ୍ରାପଡ଼ା ଜିଲାର ଆର୍ଥିକ ବିକାଶ ସମ୍ଭବ ହୋଇପାରିବ। ଏଠାରେ ଜାତୀୟ ଉଦ୍ୟାନ ଭିତରକନିକା ସମେତ ରାଜ୍ୟସ୍ତରୀୟ ୧୧ଟି ପର୍ଯ୍ୟଟନ କ୍ଷେତ୍ର ରହିଛି। ଏଥିସହିତ ପେଣ୍ଠକୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀରେ ମାନ୍ୟତା ଦେଇ ନଥିଲେ ମଧ୍ୟ ଏଠାରେ ଥିବା ଜିଓଟ୍ୟୁବ୍ ୱାଲ, ବେଳାଭୂମି ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜିଛି। ସେହିପରି ଜିଲାର ଖରିନାସୀ ଫଲସ୍ ପଏଣ୍ଟଠାରେ ଥିବା ବତିଘର ଅଞ୍ଚଳର ବିକାଶ ହେଲେ ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବ। ସଦର ମହକୁମାଠାରୁ ୪୫ କି.ମି. ଦୂର ଖରିନାସୀ ନଦୀ କୂଳରେ ଥିବା ଏହି ବତିଘର ୧୮୩୬ ମସିହା ଡିସେମ୍ବର ୬ ତାରିଖରେ ନିର୍ମାଣ ଆରମ୍ଭ ହୋଇଥିଲା। ଭାରତର ପୂର୍ବତଟରେ ପ୍ରଥମେ ନିର୍ମାଣ ଆରମ୍ଭ ହୋଇଥିବା ଏହି ବତିଘରେ ୧୮୩୭ ଅକ୍ଟୋବର ୧୬ ଆଲୋକ ପ୍ରଜ୍ୱଳନ କରାଯାଇଥିଲା। ତେବେ ପୂର୍ବରୁ ଏହି ସ୍ଥାନକୁ କାଉଡିଆ ଦ୍ୱୀପ କୁହାଯାଉଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଏହା କୁଜଙ୍ଗ ରାଜାଙ୍କ ଶିକାରସ୍ଥଳ ଭାବେ ପ୍ରସିଦ୍ଧି ଲାଭ କରିଥିଲା। ୧୨୫ଫୁଟ ଉଚ୍ଚତା ବିଶିଷ୍ଟ ଏହି ବତିଘର ନିର୍ମାଣରେ କଟକସ୍ଥିତ ବାରବାଟୀ ଦୁର୍ଗର ପଥର ବ୍ୟବହାର ହୋଇଛି।

ବତିଘର ନିର୍ମାଣ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ଇତିହାସ ଲେଖକ ପଟ୍ଟାମୁଣ୍ଡାଇ ଅରଡପଲ୍ଲୀ ଗ୍ରାମର ପ୍ରତାପ କୁମାର ରାୟ କୁହନ୍ତି ଯେ, ଏହାର ନିର୍ମାଣ ୧୮୧୯ରେ ଆରମ୍ଭ ହୋଇ ୧୮୨୬ରେ ଶେଷ ହୋଇଥିଲା। ତେବେ କେତେକ କାରଣରୁ ଭାଙ୍ଗିରୁଜି ଯିବାରୁ ପୁନଃନିର୍ମାଣ ୧୮୩୬ରେ ହୋଇଥିଲା। ୧୮୨୭ରେ ଏହାର ଆଲୋକ ପେଟ୍ରୋଲିୟମ ଗ୍ୟାସ ଦ୍ୱାରା ହେଉଥିଲା। ୧୮୮୦ରେ ବେଙ୍ଗଲର ଲ୍ୟୁଟନାଣ୍ଟ ଗଭର୍ନର ସାର ଆସ୍‌ଲେ ଇଡେନ ନୂଆ ଲାଇଟ ଡିଓପ୍ଟ୍ରିଆକୁ ଉଦ୍‌ଘାଟନ କରିଥିଲେ। ତେବେ ଏହି ସ୍ଥାନକୁ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହେଇନାହିଁ। ବତିଘର ପରିସରରେ କେତେକ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କ




ପଥର ନିର୍ମିତ ପୁରାତନ କବର ଓ କୂଅ ରହିଛି। ସମ୍ପ୍ରତି ମୃର୍ତ୍ତିକାକ୍ଷୟ ଯୋଗୁ ଦ୍ୱୀପର ଆୟତନ ସଙ୍କୁଚିତ ହୋଇଥିବା ଇତିହାସ ଲେଖକ ରାୟ ପ୍ରକାଶ କରିଛନ୍ତି। ଏ ନେଇ ଶିକ୍ଷାବିତ୍ ଅଜୟ କୁମାର ସାମଲ କୁହନ୍ତି ଯେ, ପର୍ଯ୍ୟଟନ ଶିଳ୍ପ କେନ୍ଦ୍ରାପଡ଼ା ଜିଲାକୁ ଆର୍ଥିକ ବିକାଶର ଦିଗ ଦେଖାଇ ପାରିବ। ଜିଲାରେ ଥିବା ରାଜ୍ୟ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ଭିତରକନିକାକୁ ବହୁ ଦେଶି ବିଦେଶୀ ପର୍ଯ୍ୟଟକ ଆସୁଛନ୍ତି। ଐତିହ୍ୟ ସମ୍ପନ୍ନ ବତିଘରକୁ ଏକ ପର୍ଯ୍ୟଟନସ୍ଥଳ ମାନ୍ୟତା ଦେଇ ଯାତାୟାତ ସୁବିଧା କରାଗଲେ ଜିଲାର ଆର୍ଥିକ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଜିଲାରେ ଥିବା ହସ୍ତଶିଳ୍ପର ବଜାର ଖୋଲିବା ସହିତ ବହୁ ଚାକିରି ଆଶାୟୀ ଯୁବତୀଯୁବକ ସ୍ୱାବଲମ୍ବୀ ହୋଇପାରିବେ। ଅପରପକ୍ଷେ ବତିଘରକୁ ରାଜ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଥିଲେ ମଧ୍ୟ ଯାତାୟାତ ନିମନ୍ତେ ସୁବିଧା କରାଯାଉନାହିଁ। ଖରିନାସୀ ନଦୀ ଉପରେ ସେତୁ ପ୍ରତିଷ୍ଠା ଏଥିରେ ବାଧକ ସାଜିଛି। ଏହି ସେତୁ ପ୍ରତିଷ୍ଠା ପାଇଁ ପୂର୍ବତନ ମନ୍ତ୍ରୀ ନଳିନୀକାନ୍ତ ମହାନ୍ତି ୬ କୋଟି ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରି ଟେଣ୍ଡର ଆହ୍ୱାନ କରିଥିଲେ। ମାତ୍ର ତତ୍କାଳୀନ ସମୟରେ ବଜେଟରେ ଏଥିପାଇଁ ଅର୍ଥ ନ ଥିବାରୁ ଏହା ବନ୍ଦ ରହିଥିଲା। ଏହି ସେତୁ ପ୍ରତିଷ୍ଠା ପାଇଁ ଏବେ ଅନ୍ୟୂନ ୧୭ କୋଟି ଟଙ୍କା ଆବଶ୍ୟକ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ଆକଳନ ହୋଇଛି। ସେତୁ ପ୍ରତିଷ୍ଠା ନେଇ ଜିଲା ପର୍ଯ୍ୟଟନ ଅଧିକାରୀ ବିଜୟ କୁମାର ମହାନ୍ତି ସୂଚନା ଦେଇଛନ୍ତି ଯେ, ପର୍ଯ୍ୟଟନ ବିଭାଗକୁ ସ୍ଥାନୀୟ ରାଜନେତା ଜଣାଇଲେ ଅର୍ଥ ବ୍ୟବସ୍ଥା ହୋଇ ପାରିବାର ସମ୍ଭାବନା ଅଛି। ବତିଘରକୁ ଆନ୍ତର୍ଜାତିକ ପର୍ଯ୍ୟଟନ କ୍ଷେତ୍ର ଭାବେ ଗଢ଼ି ତୋଳିବା ପାଇଁ ୨୦୧୩ରେ କେନ୍ଦ୍ର ବେସାମରିକ ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟକୁ ଏକ ପ୍ରସ୍ତାବ ଆସିଥିଲା। ଏହାର ଯୋଜନା ଅନୁଯାୟୀ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ଦର୍ଶକ ଗ୍ୟାଲେରି, ଜେଟି ନିର୍ମାଣ, ବିଶ୍ରାମାଗାର, ଯାତ୍ରୀ ନିବାସ ଓ ସଂସ୍କୃତିକୁ ନେଇ ବଜାର ଆଦି ନିର୍ମାଣ ହେବ। ଏଥିସହ ସୌରଚାଳିତ ବିଦ୍ୟୁତ ଶକ୍ତିର ଉପଯୋଗ ହେବ। ଏଥିପାଇଁ ପ୍ରାୟ ୧୦ହଜାର କୋଟି ଟଙ୍କାର ବ୍ୟୟ ବରାଦ ହେବା ସହିତ ଏହି କାର୍ଯ୍ୟ ପିପିପି ମୋଡରେ ଚାଲିବ ବୋଲି ସୂଚନା ଦିଆଯାଇଥିଲା। ତେବେ ଏହି ସ୍ଥାନକୁ ରାସ୍ତା ନ ଥିବାରୁ ପ୍ରକଳ୍ପଟି ବାଦ ପଡିଥିବା ଜଣାଯାଇଛି। ତୁରନ୍ତ ନଦୀ ଉପରେ ସେତୁ ନିର୍ମାଣ କରି ବତିଘରକୁ ବିକାଶର ପଥ ଦେଖାଇବାକୁ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଆଜିଠୁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କଲମ ଛାଡ଼ ଆନ୍ଦୋଳନ

**କେନ୍ଦ୍ରାପଡା ଅଫିସ, ୨୮।୯**

ରାଶନକାର୍ଡ ସମସ୍ୟାକୁ ନେଇ ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ବିବେକାନନ୍ଦ ମଲ୍ଲିକଙ୍କୁ ମାଡ଼ ହୋଇଥିଲା। ଏହାର ପ୍ରତିବାଦରେ ଆସନ୍ତା ୨୯ତାରିଖିଠାରୁ ଜିଲାର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ କଲମଛାଡ ଆନ୍ଦୋଳନ କରିବେ। ଏହି ପରିପ୍ରେକ୍ଷୀରେ ନିଖିଳ ଓଡ଼ିଶା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ସହରର ତିନିମୁହାଣିଠାରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଆଦିତ୍ୟ ନାରାୟଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିର୍ବାହୀ ଅଧିକାରୀଙ୍କ ସାମାଜିକ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଆଗାମୀ ଆନ୍ଦୋଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଜିଲା ସଂଘ ସମ୍ପାଦକ ବିଭୁରଞ୍ଜନ ସାହୁ, ନିରଞ୍ଜନ ବାରିକ, ଅଶୋକ କୁମାର ଜେନା, ଦୁର୍ଗାପ୍ରସାଦ କର, ଦୁଲାଶିଷ ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ। ଏନେଇ ଥାନାରେ ଏତଲା ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ କଲମଛାଡ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ନିଶା ନିବାରଣ ସଚେତନତା ସଭା

**ଆଲି, ୨୮।୯ (ଡି.ଏନ୍.ଏ.)**


ସଚେତନତା ସଭାରେ ଉପସ୍ଥିତ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଦସ୍ୟମାନେ।

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଆହ୍ୱାନକ୍ରମେ ଆଳି ବ୍ଲକ ଶାଖା ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଆଳି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସହ ସମ୍ପାଦିକା ଅପର୍ଣ୍ଣା ନାୟକ, କେନ୍ଦ୍ରାପଡ଼ା ଜିଲା ସଭାନେତ୍ରୀ ପାର୍ବତୀ ନାୟକ, ସାମାଜିକ କର୍ମୀ ବାଣୀମଞ୍ଜରୀ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ମଳୟ ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଅତିଥିମାନେ କହିଥିଲେ, ରାଜ୍ୟରେ ଏବେ ନିଶା କାରବାର ବୃଦ୍ଧି ପାଇଛି। ବିଶେଷ କରି ଯୁବପିଢ଼ିଙ୍କ ଉପରେ ଏହାର ପ୍ରଭାବ ପଡୁଥିବା ବେଳେ ସେମାନେ ପଥଭ୍ରଷ୍ଟ ହେଉଛନ୍ତି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀକୁ ମଦମୁକ୍ତ ଓଡ଼ିଶା ମଧ୍ୟ ପାଳନ କରାଯାଉ ବୋଲି ସଭାରେ ଆଲୋଚକମାନେ ମତ ରଖିଥିଲେ। ଆଗାମୀ ନିର୍ବାଚନରେ ଯେଉଁ ଦଳ ନିଶା ନିବାରଣ କରିବାକୁ ତାଙ୍କର ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ରଖିବେ ସେହି ଦଳକୁ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ସଦସ୍ୟ ଭୋଟ ଦେବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଅକ୍ଟୋବର ୨ ତାରିଖ ଅପରାହ୍ଣରେ ବିପ୍ଲବୀ ନେତା ଧରଣୀଧର ଭୂୟାଁଙ୍କ ସମାଧିସ୍ଥଳରୁ ଏକ ଶୋଭାଯାତ୍ରା ବାହାରିବ। ଏଥିରେ ଆଳି ଓ ରାଜକନିକା ବ୍ଲକର ୧୦୦ଜଣ ସଦସ୍ୟ ଯୋଗଦେଇ ୧୦ ହଜାର ଦସ୍ତଖତ ସମ୍ବଳିତ ନିଶା ନିବାରଣ ଦାବିପତ୍ର ଆଳି ବିଧାୟକଙ୍କୁ ପ୍ରଦାନ କରିବେ। ସଭାରେ ଆଳି ଶାଖାର ଲକ୍ଷ୍ମୀଧର ଦୀକ୍ଷିତ, ବିଜୟ ବିଶ୍ୱାଳ, ଗୋବିନ୍ଦ ଚନ୍ଦ୍ର ନନ୍ଦ, ଧନେଶ୍ୱର ରାଉତ, ଦଶରଥ ମଲିକ, ଭକ୍ତବନ୍ଧୁ ମିଶ୍ର, ବିଦ୍ୟାଧର ପଣ୍ଡା, ମଧୁସୂଦନ ଦାସ, ଜଗବନ୍ଧୁ ତ୍ରିପାଠୀ ଓ ସୁହାନା ବେଗମ, ରାଜକନିକା ଶାଖାର କୈଳାସ ଚନ୍ଦ୍ର ମଲ୍ଲିକ, କାଳିପ୍ରସାଦ ନାୟକ, ଦାମୋଦର ଧଳ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଜଣେ ଡେଙ୍ଗୁ ରୋଗୀ ମୃତ

**ରାଜକନିକା, ୨୮।୯ (ଡି.ଏନ୍.ଏ.)**

ରାଜକନିକା ଥାନା ଅଧୀନ କାଳିସିପଡ଼ା ଗ୍ରାମର ଜଗତାନନ୍ଦ ବିଶ୍ୱାଳଙ୍କ ପୁଅ ଶୁଭାଶିଷ ବିଶ୍ୱାଳ(୨୮)ଙ୍କର ଗୁରୁବାର ଡେଙ୍ଗୁ ରୋଗରେ ମୃତ୍ୟୁ ଘଟିଛି। ଶୁଭାଶିଷଙ୍କୁ ଦୀର୍ଘଦିନ ଧରି ଜ୍ୱର ନ ଛାଡ଼ିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗତ ୨୫ ତାରିଖରେ ରକ୍ତ ନମୁନା ପରୀକ୍ଷା ପରେ ସେ ଡେଙ୍ଗୁରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ସ୍ଥାନୀୟ ବିଧାୟକ ଦେବେନ୍ଦ୍ର ଶର୍ମା, ସରପଞ୍ଚ କୈଳାସ ତରାଇ, ବରିଷ୍ଠ ବିଜେଡି ନେତା ବିକାଶ ଚନ୍ଦ୍ର ଦାସ, ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ସମିତିସଭ୍ୟ ମଙ୍ଗୁଳି ଚରଣ ବେହେରା ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୁଭାଶିଷଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## କବିବର ରାଧାନାଥ ରାୟଙ୍କ ଜୟନ୍ତୀ


ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥି।

**କେନ୍ଦ୍ରାପଡା ଅଫିସ, ୨୮।୯**

ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟା କବିବର ରାଧାନାଥ ରାୟଙ୍କ ଜୟନ୍ତୀ ସମାରୋହ କେନ୍ଦ୍ରାପଡ଼ା ଜିଲା ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ ସ୍ଥାନୀୟ ରିଡିଂ ରୁମ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପ୍ରାଧ୍ୟାପକ ନନ୍ଦ କିଶୋର ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୋହନ ଚରଣ ଜେନା, ବିପିନ ବିହାରୀ ବାରିକ, ଡା. ସର୍ବେଶ୍ୱର ସେଣ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ କବିବରଙ୍କ ଜୀବନଚର୍ଯ୍ୟା ଓ ସାହିତ୍ୟ କୃତି ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଷେୟଲ। ସମ୍ପାଦକ ଡା. ବାସୁଦେବ ଦାସ, ଆଦିକନ୍ଦ ରାଉଳ, ରାମକୃଷ୍ଣ ଦାସ, ଅଶୋକ କୁମାର ସାହୁ, ଶୁଭ୍ରାଂଶୁ କୁମାର ଦାସ, କରୁଣାକର ଦାସ, ମନୋଜ କୁମାର ଦାସ ଯୋଗ ଦେଇଥିଲେ।

■ ତ୍ରିପୁରାରିପୁର ଗ୍ରାମରେ ଆତଙ୍କ

# ବଢୁଛି ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା

**ଡେରାବିଶ, ୨୮।୯ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଧୀନ ତ୍ରିପୁରାରିପୁର ଗ୍ରାମରେ ଝାଡ଼ାବାନ୍ତି ରୋଗ ବ୍ୟାପୀବାରେ ଲାଗିଛି। ଗୁରୁବାର ସୁଦ୍ଧା ୧୮ଜଣ ଆକ୍ରାନ୍ତ ହୋଇଥିବା ବେଳେ ଶୁକ୍ରବାର ଏହି ସଂଖ୍ୟା ବୃଦ୍ଧି ପାଇ ୨୫ରେ ପହଞ୍ଚିଛି। ବିଷାକ୍ତ ପାନୀୟ ଜଳ ପିଇ ଲୋକମାନେ ଏଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଶୁକ୍ରବାର ଡେରାବିଶ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ରଘୁନାଥ ଓଝା ଉକ୍ତ ଗ୍ରାମକୁ ଯାଇ ପାଣି ଓ ଝାଡ଼ାର ନମୁନା ସଂଗ୍ରହ କରି ଫେରିଯାଇଥିବା ଜଣାପଡିଛି। ଖବରପାଇ ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ତ୍ରିପୁରାରିପୁର ଗ୍ରାମରେ ପହଞ୍ଚି ଲୋକମାନଙ୍କୁ ଗ୍ଲୁକୋଜ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ଏହି ଗ୍ରାମରେ ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ତୁରନ୍ତ ଖୋଲି ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେବାକୁ ପ୍ରାଧ୍ୟାପକ ରାଉତ ଜିଲା ମୁଖ୍ୟ ଚିକିତ୍ସାଧିକାରିଙ୍କ ନିକଟରେ ଦାବି ଜଣାଇଛନ୍ତି।

## ଔଷଧ ଦୋକାନ ବନ୍ଦ, ରୋଗୀ ହୀନସ୍ତା

**ପାଟକୁରା, ୨୮।୯ (ଡି.ଏନ୍.ଏ.)**

ଅନ୍‌ଲାଇନ୍ ଔଷଧ ବିକ୍ରି ବ୍ୟବସ୍ଥାକୁ ବିରୋଧ କରି ଶୁକ୍ରବାର ଗରଦପୁର ବ୍ଲକ ଅଞ୍ଚଳର ସମସ୍ତ ଔଷଧ ଦୋକାନ ବନ୍ଦ ରହିଥିଲା। ଅଖିଳ ଭାରତ ଔଷଧ ବ୍ୟବସାୟୀ ମହାସଂଘ ଡାକରାରେ ଗୁରୁବାର ମଧ୍ୟରାତ୍ରରୁ ଶୁକ୍ରବାର ମଧ୍ୟରାତ୍ର ପର୍ଯ୍ୟନ୍ତ ବନ୍ଦ ଡାକରାକୁ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ସମର୍ଥନ ଜଣାଇ ଔଷଧ ଦୋକାନଗୁଡ଼ିକ ବନ୍ଦ ରଖାଯାଇଥିଲା। ତେବେ ରୋଗୀମାନେ ଆବଶ୍ୟକ ଔଷଧ ନପାଇ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ଏସ୍ଏଚ୍‌ଜି ମହାସଂଘର ପ୍ରଶିକ୍ଷଣ ଶିବିର

**କେନ୍ଦ୍ରାପଡା ଅଫିସ, ୨୮।୯**


ପ୍ରଶିକ୍ଷଣ ଶିବିରରେ ଏସ୍ଏଚ୍‌ଜି ଗ୍ରୁପ୍‌ର ସଦସ୍ୟାମାନେ।

କେନ୍ଦ୍ରାପଡ଼ା ପୌରପାଳିକା ଅଧୀନ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘର ୨ଦିନିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବଳରାମପୁରସ୍ଥିତ ଶ୍ରଦ୍ଧାଞ୍ଜଳି ମଣ୍ଡପରେ ପୌରପାଳିକା ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ସଭାରେ ଜିଲାପାଳ ଦାଶରଥି ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମହିଳା ସଶକ୍ତୀକରଣ, ସାମାଜିକ ସୁରକ୍ଷା, ଆର୍ଥିକ ବିକାଶ, ସ୍ୱଚ୍ଛ ଭାରତ ସମ୍ପର୍କରେ ମୁଖ୍ୟଅତିଥି ଆଲୋକପାତ କରିଥିଲେ। ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ପ୍ରୋଗ୍ରାମ ଅଫିସର ମଞ୍ଜୁଲତା ସ୍ୱାଇଁ, ରାଜ୍ୟ ମିଶନ ମ୍ୟାନେଜମେଣ୍ଟ ପରିଚାଳକ ମନମୋହନ ମହାରଣା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିବିରରେ ମହାସଂଘ ଅଧୀନ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୫୦ରୁ ଉର୍ଦ୍ଧ୍ୱ ସଦସ୍ୟା ଯୋଗ ଦେଇ ପ୍ରଶିକ୍ଷଣ ଲାଭ କରିଥିଲେ। ଗଣେଶ କୁମାର ପାତ୍ର, ଭୁବନ ମୋହନ କାନୁନଗୋ, ମନୋରଞ୍ଜନ ଦାସ, ତପସ୍ୱିନୀ ଦାସ, ସୁଚିସ୍ମିତା ଜେନା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

■ ଧରିତ୍ରୀ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଅଭିଯାନ

# ଡେରାବିଶ ମହିଳା ଡିଗ୍ରୀ କଲେଜ ଓ ତୁଳସୀ ମହିଳା ମହାବିଦ୍ୟାଳୟ ସାମିଲ

**କେନ୍ଦ୍ରାପଡା ଅଫିସ, ୨୮।୯**

ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଗଠନ ନିମନ୍ତେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଛି ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଅଭିଯାନ। ଏଥିରେ କେନ୍ଦ୍ରାପଡାସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ ଓ ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟ ସାମିଲ ହୋଇଛନ୍ତି। ଏହି ଉପଲକ୍ଷେ ଶୁକ୍ରବାର ପୂର୍ବାହ୍ନରେ ମହାବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁକ୍ତ ୩ ଡିଗ୍ରୀ ବିଭାଗର ଜାତୀୟ ସେବାସଂସ୍ଥା ଅଧିକାରୀ ପ୍ରାଧ୍ୟାପକ ଡା. ମଥୁରିଚରଣ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଯୁକ୍ତ ୨ର ଜାତୀୟ ସେବା ସଂସ୍ଥା ଅଧିକାରୀ ପ୍ରାଧ୍ୟାପକ ଡା. ପଦ୍ମଜା କବି ଶତପଥୀ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ଗୋଲକଚନ୍ଦ୍ର ମହାଭୋଇ, ଡା. ପ୍ରଭାକର ମଲ୍ଲିକ ଓ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗଦେଇଥିଲେ। ସେହିପରି ଡେରାବିଶ ଡିଗ୍ରୀ କଲେଜରେ ଅନୁଷ୍ଠିତ ସଚେତନ କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରାଧ୍ୟାପକ ପ୍ରଭାକର ସାମଲ ଅଧ୍ୟତା କରିଥିଲେ। ଏଥିରେ ଅଧ୍ୟାପିକା ସ୍ନେହଲତା ପରିଡ଼ା, ଅଧ୍ୟାପିକା ସୁଶ୍ରୀସଂଗୀତା ସାମଲ, ଅଧ୍ୟାପିକା ପ୍ରସାଦ ପ୍ରିୟଦର୍ଶିନୀ ସ୍ୱାଇଁ, ଅଧ୍ୟାପକ ବିଜୟ କୁମାର ଘଡେଇ, ସାମାଜିକ କର୍ମୀ ରମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇ ପ୍ଲାଷ୍ଟିକ ବ୍ୟବହାରର ଭୟାବହତା ଉପରେ ଆଲୋକପାତ କରିଥିଲେ।







ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଅଭିଯାନକୁ ତୁଳସୀ ମହିଳା ମହାବିଦ୍ୟାଳୟ(ବାମ) ଓ ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ ସମର୍ଥନ।

## ଏଣ୍ଡର ସମବାୟ ସମିତିର ସାଧାରଣ ସଭା

**ଡେରାବିଶ, ୨୮।୯ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି ଶ୍ୟାମଳେନ୍ଦୁ ନାୟକ ଅଧକ୍ଷତା କରିଥିଲେ। ସଭାରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ପରିଚାଳକ ରବୀନ୍ଦ୍ର ପ୍ରସାଦ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସମବାୟ ବିଭାଗ ପକ୍ଷରୁ କରାଯାଇଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ମନୋରଞ୍ଜନ ଦାସ ୨୦୧୭-୧୮ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାରେ ପରିଚାଳନା ନିର୍ଦ୍ଦେଶକ ଗୋପାଳ ଚନ୍ଦ୍ର ରାଉତ, ନାରାୟଣ ଦାସ, ଦିବାକର ରାଉତ, ଅଗ୍ରଣୀ ଚାଷୀ ବୈରାଗୀ ଚରଣ ସାହୁ, ବିଜୟ କୁମାର ରାଉତ, ବିରଞ୍ଚି ନାରାୟଣ ଖଟୁଆ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ସମିତି ଅଧୀନରେ ଥିବା ଏଣ୍ଡର ଓ ନରସିଂହପୁର ପଞ୍ଚାୟତର ୩୯୭ ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଥିବା ସମ୍ପାଦକ ସୂଚନା ଦେଇଥିଲେ। ଶେଷରେ ସମିତି ସହସମ୍ପାଦକ ମନୋରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## କେନ୍ଦ୍ରାପଡ଼ା ପଞ୍ଚାୟତ ସମିତ ବୈଠକ

**କେନ୍ଦ୍ରାପଡା ଅଫିସ, ୨୮।୯**

କେନ୍ଦ୍ରାପଡ଼ା ପଞ୍ଚାୟତ ସମିତିର ଚତୁର୍ଥ ସାଧାରଣ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଶାସନର ଅବହେଳା ପାଇଁ ଉନ୍ନୟନ କାର୍ଯ୍ୟରେ ଅବହେଳା ହେଉଥିବା ଅଭିଯୋଗ ହୋଇଥିଲା। ଏଥିସହିତ ଗତ ଲଘୁଚାପଜନିତ ବର୍ଷା ଯୋଗୁ କୃଷିକାର୍ଯ୍ୟ କ୍ଷୟକ୍ଷତିର ସମୀକ୍ଷା ହୋଇଥିଲା। ସେହିପରି ଖାଦ୍ୟ ସୁରକ୍ଷା ଯୋଜନା ଓ ଅନୁଦାନ ପାଣ୍ଠି ସମ୍ପର୍କରେ ସମୀକ୍ଷା ହୋଇଥିଲା। ବୈଠକରେ ସଦସ୍ୟମାନେ ରାଶନକାର୍ଡ ହିତାଧିକାରୀ ଚୟନକୁ ତ୍ୱରାନ୍ୱିତ କରିବା, ତୁରନ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ଓ ବିଭିନ୍ନ ପ୍ରକଳ୍ପର ଅନିୟମିତତା ସମ୍ପର୍କରେ ଅଭିଯୋଗ ଉଠାଉଥିଲେ। ବୈଠକରେ ବିଡିଓ ଚନ୍ଦ୍ରକାନ୍ତ ମଲ୍ଲିକ, ଉପାଧକ୍ଷା ସ୍ନେହଲତା ପ୍ରଧାନ, ଜିପିଓ ଅନିରୁଦ୍ଧ ବେହେରା, ସହକାରୀ ଯନ୍ତ୍ରୀ ପରମାନନ୍ଦ ନାୟକଙ୍କ ସମେତ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଅଜଣା ରୋଗରେ ୧୨ ଗାଈ ମୃତ

**ଚଣ୍ଡିଖୋଲ,୨୮।୯(ଡି.ଏନ.ଏ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡ଼ଘୁମୁରୀ ଓ ରାଧାଦେଈପୁର ପଞ୍ଚାୟତରେ ଶୁକ୍ରବାର ସୁଦ୍ଧା ଅଜଣା ରୋଗରେ ୧୨ ଗାଈଙ୍କର ମୃତ୍ୟୁ ହୋଇଥିବାବେଳେ ଅନେକ ଗୋରୁ ଆକ୍ରାନ୍ତ ଅଛନ୍ତି। ଗୋରୁଙ୍କ ଚିକିତ୍ସା ନିମନ୍ତେ ବିଦ୍ୟାଧରପୁରଠାରେ ଏକ ପ୍ରାଣୀ ଚିକିତ୍ସାକେନ୍ଦ୍ର ଖୋଲା ଯାଇଛି। ହେଲେ ଚିକିତ୍ସାକେନ୍ଦ୍ରରେ ଦୀର୍ଘଦିନ ଧରି କୌଣସି କର୍ମଚାରୀ କିମ୍ବା ଡାକ୍ତର ନ ଥିବାରୁ ଏହା ଜଙ୍ଗଲରେ ପରିଣତ ହୋଇଛି। ୨ ପଞ୍ଚାୟତର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଗୃହପାଳିତ ପଶୁଙ୍କ ଚିକିତ୍ସା ନିମନ୍ତେ ଏହି ଚିକିତ୍ସାକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ମାସେ ପୂର୍ବେ ଦିଗମ୍ବରପୁର ଓ ପୁରୁଷୋତ୍ତମପୁର ଗ୍ରାମର ପ୍ରାୟ ୧୨ରୁ ଉର୍ଦ୍ଧ୍ୱ ଗାଈ ଓ ବାଛୁରୀଙ୍କର ଅଜଣା ରୋଗରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମର ଆର୍ତ୍ତତ୍ରାଣ ବିଶ୍ୱାଳ, ଶଶିଭୂଷଣ ମହାରଣା, ଅନନ୍ତ ବଳ, ମହେନ୍ଦ୍ର ମହାରଣା, ଅମିୟ ସାମଲ, ଗୋପୀନାଥ ମହାରଣା ପ୍ରମୁଖଙ୍କ ଗାଈ ଓ ବାଛୁରୀଙ୍କର ମୃତ୍ୟୁ ହୋଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯିବା ସହ ଗ୍ରାମରେ ଚିକିତ୍ସାକେନ୍ଦ୍ର ଖୋଲିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଔଷଧ ଦୋକାନ ବନ୍ଦ, ସମସ୍ୟାର ସମ୍ମୁଖୀନ ହେଲେ ରୋଗୀ

**ଧର୍ମଶାଳା, ୨୮।୯(ଡି.ଏନ୍.ଏ.):** ଅଖିଳ ଭାରତୀୟ ଔଷଧ ବ୍ୟବସାୟୀ ମହାସଂଘ ପକ୍ଷରୁ ବନ୍ଦ ଡାକରା ପ୍ରଭାବ ଶୁକ୍ରବାର ଧର୍ମଶାଳା ଅଞ୍ଚଳରେ ଦେଖିବା ମିଳିଥିଲା। ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ଥିବା ଔଷଧ ଦୋକାନଗୁଡିକୁ ଛାଡିଦେଲେ ଅନ୍ୟ ସମସ୍ତ ଔଷଧ ଦୋକାନୀମାନେ ବନ୍ଦ ରହିଥିଲା। ଅନ୍‌ଲାଇନରେ ଔଷଧ ବ୍ୟବସାୟ କେବଳ ବାଣିଜ୍ୟ ଦୃଷ୍ଟିକୋଣରୁ ନୁହେଁ ବରଂ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ କୁପ୍ରଭାବ ପକାଇବ ବୋଲି ଧର୍ମଶାଳା ସଂଘକର୍ମକର୍ତ୍ତା ମତ ଦେଇଛନ୍ତି। ଏହାକୁ ବିରୋଧ କରି ବନ୍ଦ ପାଳନ ନେଇ ମହାସଂଘ ପକ୍ଷରୁ ବାରମ୍ବାର କେନ୍ଦ୍ର ସରକାରଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ବନ୍ଦ ପ୍ରଭାବରେ ଜନସାଧାରଣଙ୍କ ଅସୁବିଧା ପାଇଁ ସଂଘ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି ବୋଲି ଧର୍ମଶାଳା ବ୍ଲକର ବରିଷ୍ଠ ଔଷଧ ଦୋକାନୀ ଅଜୟ ମହାପାତ୍ର ଓ ଚିତ୍ତରଞ୍ଜନ ଶତପଥୀ ସୂଚନା ଦେଇଛନ୍ତି।

### ପୋଲିସକୁ ଲୋଡା ଜନତାଙ୍କ ସହାୟତା

**ବାଲିକୁଦା,୨୮।୯(ସ୍ୱ.ପ୍ର.):** ବାଲିକୁଦା ଥାନା ପକ୍ଷରୁ ଶୁକ୍ରବାର ଅଳାବୋଲ ପଞ୍ଚାୟତ କାର୍ଯ୍ୟାଳୟରେ 'ଆମ ପୋଲିସ ସମିତି' ବୈଠକ ଅନୁଷ୍ଠିତ ହୋଇଛି। ସମିତିର ସଭାପତି ଗୌରାଙ୍ଗ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଗାଁ ଗହଳିରୁ ଚୋରାମଦ ବ୍ୟବସାୟ ବନ୍ଦ କରିବା, ରାସ୍ତା କଡରେ ମଳତ୍ୟାଗ କରୁଥିବା ଲୋକମାନଙ୍କୁ ସଚେତନ କରିବା, ରାସ୍ତାକୁ ଧାନ ଖଳା ଭାବେ ବ୍ୟବହାର କରୁଥିବା ଲୋକଙ୍କ ପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ ନେବା ଆଦି ଉପରେ ଏଥିରେ ଆଲୋଚନା କରାଯାଇଥିଲା। ଏସବୁ କ୍ଷେତ୍ରରେ ପୋଲିସକୁ ଜନସାଧାରଣ ସହଯୋଗ କରିବାକୁ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସରପଞ୍ଚ ପଲ୍ଲିଶ୍ରୀ ସାମଲଙ୍କ ପରିଚାଳନାରେ ଆୟୋଜିତ ସଭାରେ ଥାନା ଏଏସଆଇ ଯୋଗେନ୍ଦ୍ର ଚୌଧୁରୀ, ସମିତି ସଦସ୍ୟ ରଘୁନାଥ ସ୍ୱାଇଁ, ଚାନ୍ଦୁ ଚରଣ ସ୍ୱାଇଁ, ଗୁରୁ ପ୍ରସାଦ ଲେଙ୍କା, ମାନସ ପରିଡା, ରମା ବଲ୍ଲଭ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଦୀପ୍ତ ସ୍ୱାଇଁ, ବିଦ୍ୟାଧର ବିଶ୍ୱାଳ, କିଶୋର ଜେନା କୈଳାସ ବିଶ୍ୱାଳ, ଦୀପକ ସାମଲ, ବିଭୂତି ଭୂଷଣ ଜେନା, ବିଜୟ ଭୋଇ, ବିଦ୍ୟାଧର ବିଶ୍ୱାଳ, ରଶ୍ମିରଞ୍ଜନ କୁଅଁର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ହାବିଲଦାର ରଘୁନାଥ ପାଢୀ ଧନ୍ୟବାଦ ଦେଇଥିଲେ।

### ଭାଗବତ ଜନ୍ମୋତ୍ସବ ପାଳିତ

**କୁଜଙ୍ଗ,୨୮।୯(ସ୍ୱ.ପ୍ର.):** ସ୍ଥାନୀୟ ଗୁଆମୁଣ୍ଡା ଆଶ୍ରମରେ ସନାତନ ଧର୍ମ ଜ୍ଞାନଚକ୍ର ସଂଗଠନ ପକ୍ଷରୁ ଭଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପୁରୋଧା ରୂପେ ତ୍ରିତତ୍ତ୍ୱ ସନ୍ଥ ଦାସ ନୃସିଂହଚରଣ ପ୍ରଧାନ ଯୋଗଦେଇ ଭାଗବତ ମହାପୁରାଣର ସୃଷ୍ଟି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଅରକ୍ଷିତ ନାୟକ ରାଜ୍ୟରେ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ପାଇଁ ଦାବି ଜଣାଇଥିଲେ। ଜ୍ଞାନଚକ୍ରର ସଭାପତି ଭିକାରୀ ଚରଣ କାଣ୍ଡି, ଉପସଭାପତି ସୁଦର୍ଶନ ସ୍ୱାଇଁ, ସମ୍ପାଦକ ବଲ୍ଲଭ କୁମାର ପ୍ରଧାନ, କୋଷାଧ୍ୟକ୍ଷ ରଞ୍ଜିତା ସାହୁ, ସୌଦାମିନୀ ପ୍ରଧାନ, ପ୍ରକାଶ ଦାସ, ଗୋପୀନାଥ ସ୍ୱାଇଁ, ଅକ୍ଷୟ ଦାସ, ବୁଲୁ ମଳିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମନରେ ହତାଶା, ମୁହଁରେ ଧମକ

**ମନର କ୍ଷୋଭ ପ୍ରକାଶ କଲେ ଦାମ**

- ପୁଅକୁ ସମ୍ପାଦକ କରି ଦଳ ଦାୟିତ୍ୱ ଦେଉନି
- ଝିଅ କାମରେ ମୁଣ୍ଡ ପୂରାଇବାର ଅଧିକାର ନାହିଁ
- ଅକ୍ଟୋବର ୨ ମାହାଙ୍ଗାରୁ ଆରମ୍ଭ କରିବି ପରିବର୍ତ୍ତନର ଯାତ୍ରା

**ପାରାଦୀପ,୨୮।୯(ସ୍ୱ.ପ୍ର.)**

ପାରାଦୀପ ବିଧାୟକ ଦାମୋଦର ରାଉତ ବିଜେଡିରୁ ବହିଷ୍କାର ହେବା ପରେ ଶୁକ୍ରବାର ଦ୍ୱିତୀୟଥର ପାଇଁ ନିଜ ନିର୍ବାଚନମଣ୍ଡଳୀ ଗସ୍ତରେ ଆସିଥିଲେ। ଯଦିଓ ଏହି ଗସ୍ତ ତାଙ୍କର ଦୁଇଟି ସରକାରୀ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ଥିଲା, ତେବେ ଏହି ଅବସରରେ ସେ ମନ ଭିତରର ଅନେକ କ୍ଷୋଭ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଆଗରେ ପ୍ରକାଶ କରିଛନ୍ତି। ଏଥିରେ ତାଙ୍କ ମନ ଭିତରେ ଥିବା ହତାଶାବୋଧ ବେଶ୍ ବାରି ହେଉଥିବାବେଳେ ତୁଣ୍ଡରେ କିନ୍ତୁ ଧମକର ସ୍ୱର ରହିଥିଲା।

ଦଳରୁ ବହିଷ୍କାର କରାଯିବା ପରେ ଦାମବାବୁ ନିଜର ମନୋବଳ ବୃଦ୍ଧି ପାଇଁ ଯେତେବେଳେ ପ୍ରଥମଥର ପାରାଦୀପ ଗସ୍ତରେ ଆସିଥିଲେ, ସେତେବେଳେ ତାଙ୍କ ଏକାନ୍ତ ଅନୁଗତମାନେ ପାଖ ମାଡି ନ ଥିଲେ। ସେମାନେ ଦଳୀୟ ନିଷ୍ପତ୍ତିକୁ ସମ୍ମାନ ଜଣାଇ ତାଙ୍କଠାରୁ ଦୂରେଇ ରହିଥିଲେ। ଉକ୍ତ ଘଟଣା ଦାମଙ୍କୁ ଶକ୍ତ ଧକ୍କା ଦେଇଥିଲା। ଏହା ପରେ ଶୁକ୍ରବାର ସେ ଦ୍ୱିତୀୟଥର ପାରାଦୀପ ଗସ୍ତରେ ଆସିଥିବାବେଳେ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଅବସରରେ ସେ ପାରାଦୀପ କଲେଜର ଗଭର୍ଣ୍ଣିଂ ବଡି ବୈଠକ ଓ ଅପରାହ୍ନରେ କଳିଙ୍ଗ ବାଲିଯାତ୍ରା ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିଲେ। ଏହି ଦୁଇ ବୈଠକରେ ଦାମଙ୍କ ଅନୁଗତ ତଥା ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ଏମ୍‌ପି କୁଳମଣି ସାମଲ ଯୋଗ ଦେବେ କି ନାହିଁ ତାହାକୁ ନେଇ ପୂର୍ବରୁ ସନ୍ଦେହ ରହିଥିଲା। ଶେଷରେ କୁଳମଣି ଆସି ନ ଥିଲେ। ବସନ୍ତ ବୈଠକରେ ଯୋଗଦେଇ ଦାମଙ୍କ ପାଖରେ ବସିଥିଲେ ମଧ୍ୟ ଦୁଇ ନେତାଙ୍କ ମଧ୍ୟରେ ଦୂରତା ଲକ୍ଷେ ଯୋଜନ ଥିବା ଭଳି ଲାଗୁଥିଲା। କଳିଙ୍ଗ ବାଲିଯାତ୍ରା ପ୍ରସ୍ତୁତି ବୈଠକରେ ମଧ୍ୟ କୁଳମଣି କିମ୍ବା ନଗର ବିଜେଡି ସଭାପତି ସୁମନ୍ତ ବିଶ୍ୱାଳ ଯୋଗ ଦେଲେ ନାହିଁ। ଏସବୁ ଘଟଣାକୁ ନେଇ ଦାମଙ୍କ ମନରେ ଯେଉଁ ହତାଶାବୋଧ ସୃଷ୍ଟି ହୋଇଥିଲା, ତାହାକୁ ସେ ବୈଠକ ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଥିଲେ। ବିଜେଡି ବହିଷ୍କାର କରିବା ପରେ ତାଙ୍କ ନିଜସ୍ୱ ସମର୍ଥକମାନେ କାହିଁକି ସମର୍ଥନ କରୁନାହାନ୍ତି ବୋଲି ପଚାରିବାରୁ ସେ ଚିହିଁକି ଉଠିଥିଲେ। କହିଲେ ଯେଉଁ ଦଳରେ ଦୁର୍ନୀତି କଥା ଉଠାଇଲେ ବହିଷ୍କାର କରାଯାଉଛି, ଦଳର ସଭାପତି ଦୁର୍ନୀତିକୁ କହାସ୍ୟାସ୍ପଦ ବୋଲି କହୁଛନ୍ତି, ସେଠାରେ କିପରି ସରକାର ଚାଲିଛି ଆପଣମାନେ ଜାଣିଥିବେ। ମୁଖ୍ୟମନ୍ତ୍ରୀ ଦୁର୍ନୀତିକୁ ହାସ୍ୟାସ୍ପଦ କହୁଛନ୍ତି ମାନେ ସେ ହିଁ ମୁଖ୍ୟ ଅଭିଯୁକ୍ତ। ପାରାଦୀପ ରାଜନୀତି ସମ୍ପର୍କରେ ପଚାରିବାରୁ ସେ କହିଲେ ଯେ ଯେଉଁ କଲେଜ କଲି, ସେଠାରେ ପାଠପଢିଥିବା ପିଲାଙ୍କୁ ମଣିଷ କରି ଛିଡ଼ା କଲି। କିନ୍ତୁ ସେମାନେ ଏବେ ମୋ ପଛରେ ବାଉଁଶ ହେଲେଣି। ୪୪ ବର୍ଷ ରାଜନୀତିରେ ମୋତେ କେହି ବଳେଇ ନାହାନ୍ତି। ଏମାନଙ୍କୁ ଆଉ କୌଣସି ପଦପଦବୀରେ ରଖାଇ ଦେବିନାହିଁ। ଭବିଷ୍ୟତରେ କୁଳମଣି ଏମ୍‌ପି ହୋଇପାରିବେ ନାହିଁ କି ଜିଲାରେ ବିଜେଡିର କୌଣସି ନେତାଙ୍କୁ ଜିତାଇ ଦେବିନାହିଁ। ଆଉ ୨ ଦିନ ପରେ କୁଜଙ୍ଗରେ ବିଜେଡି ମହିଳା ସମାବେଶ କରିବ। ଏଥିପାଇଁ ୨ଜଣ ମନ୍ତ୍ରୀ ଓ ୨ଜଣ ନାରୀନେତ୍ରୀ ସାରା ରାଜ୍ୟରୁ ଲୋକ ସଂଗ୍ରହ କରୁଛନ୍ତି। ଯେଉଁ କାମ ସେ ଫୋନ ଦ୍ୱାରା କରିଦେଉଥିଲେ ବୋଲି ଦାମ ତାଚ୍ଛଲ୍ୟ କରି କହିଥିଲେ। ଆସନ୍ତା ଅକ୍ଟୋବର ୨ରୁ ସେ ମାହାଙ୍ଗାରୁ ପରିବର୍ତ୍ତନ ଯାତ୍ରା ଆରମ୍ଭ କରିବେ। ସାରା ରାଜ୍ୟ ବୁଲିବେ। ଓଡ଼ିଶା ଜନସଂଖ୍ୟାର ୨୫ ପ୍ରତିଶତ ଆଦିବାସୀ। ସେହି ଆଦିବାସୀଙ୍କ ମଧ୍ୟରୁ ୨୨ ପ୍ରତିଶତ ତାଙ୍କ ସାଥିରେ ଅଛନ୍ତି। ଆପଣମାନେ ଅପେକ୍ଷା କରନ୍ତୁ, ଦେଖିବେ ମୁଁ ବିଜେଡିର କ'ଣ କରୁଛି ବୋଲି ଚିରାଚରିତ ଭାବେ ସେ କହିଥିଲେ। ଯେଉଁ ଦଳକୁ ଏବେ ଗାଳିଗୁଲଜ କରୁଛ, ସେହି ଦଳରେ ଆପଣଙ୍କ ଝିଅ ଓ ପୁଅ ପଦପଦବୀରେ ରହିବା ସମ୍ପର୍କରେ ଦାମଙ୍କୁ ପଚାରିବାରୁ ସେ କହିଲେ ଯେ ଝିଅ ବିବାହ ପରେ ଶାଶୁଘରେ କ'ଣ କରୁଛି ମୋର ସେଥିରେ ହସ୍ତକ୍ଷେପ କରିବାର ଅଧିକାର ନାହିଁ। ପୁଅକୁ ଦଳ ସମ୍ପାଦକ କରିଛି, କିନ୍ତୁ କୌଣସି ଦାୟିତ୍ୱ ଦେଉନାହିଁ। ଏଥିରେ ମୁଁ କ'ଣ କରିବି ବୋଲି ସେ କହିଥିଲେ। ଏହି ଆଲୋଚନା ଭିତରେ ପାରାଦୀପ ପୌର ପରିଷଦର ୪ଜଣ କାଉନ୍‌ସିଲର ଓ ହାତଗଣତି କର୍ମୀ ଯାଇ ତାଙ୍କୁ ନମସ୍କାର କରିଥିଲେ, କିନ୍ତୁ ପାଖରେ କେହି ରହି ନ ଥିଲେ।

## ପ୍ରଥମ ପୃଷ୍ଠାରୁ ...

### କଳାପଥର ଖାଦାନ ...

ପ୍ରଥମ ପୃଷ୍ଠାରୁ ...

ଏହି ତହସିଲ ଅଧୀନରେ ଥିବା ୭୧ଟି ସଇରାତ ମଧ୍ୟରୁ ଅଧିକାଂଶ ଖାଦାନକୁ ପରିବେଶ ମଞ୍ଜୁରୀ ମିଳିନାହିଁ। ଡଙ୍କାରିରେ ଥିବା ୧୬ଟି ଖାଦାନରୁ ବାର୍ଷିକ କୋଟି କୋଟି ଟଙ୍କାର କଳାପଥର ବେଆଇନ ଭାବେ ଉତ୍ତୋଳନ ହେଉଛି। ଏହି କାରଣରୁ କ୍ୟାବିନେଟ ମଞ୍ଜୁରୀପ୍ରାପ୍ତ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠାକୁ ନେଇ ମଧ୍ୟ ଷଡଯନ୍ତ୍ର ଚାଲିଛି। ୨୦୦୨ରୁ ବେଆଇନ ଭାବେ ଉତ୍ତୋଳନ ହୋଇଥିବା ପ୍ରାୟ ୫୯ କୋଟି ଟଙ୍କା ମାମଲା ତହସିଲ କୋର୍ଟରେ ପଡିରହିଛି। ଜିଲା ପ୍ରଶାସନ ରାଜସ୍ୱ ଆଦାୟ ପାଇଁ ଏହି ମାମଲା ନିଜେ ଦାୟର କରି ଏବେ ପୁଣି ପଛଘୁଞ୍ଚା ଦେଉଛନ୍ତି। ଅନ୍ୟପକ୍ଷେ ବେଆଇନ କଳାପଥର ଖାଦାନ ପାଇଁ ପ୍ରାକୃତିକ ଉତ୍ସରେ ନିର୍ମିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବଳି ପଡୁଛି। ଏ ସଂକ୍ରାନ୍ତରେ ଧରିତ୍ରୀରେ ନିୟମିତ ଭାବେ ଖବର ପ୍ରକାଶ ପାଇବା ପରେ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ଅଭିଯୋଗ ସଂଖ୍ୟା ୬୦୪/୨୦୧୮ରେ ଗ୍ରୀନ ଟ୍ରିବ୍ୟୁନାଲରେ ୧୨୬/୩୧।୮।୨୦୧୮ରେ ମାମଲା ପଞ୍ଜୀକୃତ ହୋଇଛି। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ, ଯାଜପୁର ଜିଲାପାଳ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ତଥାପି ପ୍ରଭାବଶାଳୀ ରାଜନେତାଙ୍କ ନିର୍ବାଚନୀ ଖର୍ଚ୍ଚ ପାଇଁ ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯାଉଥିବା ଆଲୋଚନା ହେଉଛି। ଏବେ ଗ୍ରୀନ ଟ୍ରିବ୍ୟୁନାଲର ରାୟ ଉପରେ ଜିଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିନାହିଁ। ଏହିକ୍ରମରେ ଅଞ୍ଜିରାରେ କ୍ଲଷ୍ଟର ଏରିଆ ୩୬.୮୨ ହେକ୍ଟର ପାଇଁ ଜନଶୁଣାଣି ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଖାଦାନ ପାଇଁ ଆବେଦନ କରିଥିବା ଉମାପଦାର ତପନ କୁମାର ନାୟକଙ୍କୁ ଏସ୍‌ପିସିବିର ସଦସ୍ୟ ସଚିବ ତାଙ୍କ ପତ୍ରସଂଖ୍ୟା ୧୧୫୬୭/୨୫।୯।୨୦୧୮ରେ ଜଙ୍ଗଲ ଓ ପରିବେଶ ଆଇନର ପରିବେଶ ପ୍ରଭାବ ମୂଲ୍ୟାଙ୍କନ ଅନୁସାରେ ଜନଶୁଣାଣି କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିପାଇଁ ଯାଜପୁର ଜିଲାପାଳଙ୍କୁ ମଧ୍ୟ ତାରିଖ, ସ୍ଥାନ ଓ ସମୟ ନିରୂପଣ କରିବାକୁ ପରାମର୍ଶ ଦିଆଯାଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ହାଡିବନ୍ଧୁ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଛନ୍ତି, କ୍ଲଷ୍ଟର ଏରିଆ ଭାବେ ୨୫ହେକ୍ଟରରୁ ଅଧିକ ହେଲେ ଯେକୌଣସି ଖାଦାନ ମଞ୍ଜୁରୀ ପାଇଁ ଜନଶୁଣାଣିର ଆବଶ୍ୟକତା ରହିଛି। ଏହି ନିୟମକୁ ଆଧାର କରି ଅଞ୍ଜିରା ପଥର ଖାଦାନର ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣି କରିବାକୁ ନିଷ୍ପତ୍ତି ହୋଇଛି।

### ୧୧ରେ ଛାତ୍ର...

ନାମାଙ୍କନପତ୍ର ଦାଖଲ କରିବେ। ସେହିଦିନ ଅପରାହ୍ନ ୨ ଟାରୁ ୪ଟା ଭିତରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ୪ ତାରିଖ ପୂର୍ବାହ୍ନ ୧୧ଟାରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ପରେ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ। ଏହାପରେ ସେହିଦିନ ଅପରାହ୍ନ ୫ଟାରେ କଲେଜ ନୋଟିସ୍ ବୋର୍ଡରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୦ ତାରିଖରେ 'ହ୍ୱାଟ ଆଇ ଷ୍ଟାଣ୍ଡ୍ ଫର୍' ମିଟିଂ ଅନୁଷ୍ଠିତ ହେବ। ୧୧ ତାରିଖରେ ନିର୍ବାଚନ ହେବ। ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମତଦାନ କରାଯିବ। ଅପରାହ୍ନ ୨ଟା ପରଠାରୁ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ୧୨ ତାରିଖ ପୂର୍ବାହ୍ନ ୧୧ଟାରେ କଲେଜ ସଭାକକ୍ଷରେ ବିଜୟୀ ପ୍ରାର୍ଥୀମାନେ ଶପଥ ଗ୍ରହଣ କରିବେ।

### ସାପ କାମୁଡ଼ାରେ...

ଉଭୟଙ୍କର ମୃତ୍ୟୁ ଘଟିଥିଲା। ଏକକାଳୀନ ଦୁଇ ପୁଅଙ୍କୁ ହରାଇ ମା'ବାପା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ବେଳେ ଚିକିତ୍ସାଳୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନାଥାଉ କି, ଗତ ଲଗାଣ ବର୍ଷା ଯୋଗୁ ବନ୍ଧପଡା ଗ୍ରାମରେ ଦୀର୍ଘଦିନ ହେବ ପାଣି ଜମି ରହିଥିଲା। ଫଳରେ ଗତ କିଛି ଦିନ ହେବ ବିଭିନ୍ନ ସ୍ଥାନରେ ବିଷଧର ସାପ ବୁଲୁଥିବା ଦେଖାଯାଇଥିଲା।

# ବିଜୁ ମହିଳା ଦଳ ପକ୍ଷରୁ ସମାବେଶ


ଧର୍ମଶାଳା ବିଜୁ ମହିଳା ଦଳପକ୍ଷରୁ ବିଶାଳ ମହିଳା ସମାବେଶରେ ଅତିଥି ଗଣ।

**ଧର୍ମଶାଳା, ୨୮।୯(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ନିବାଚନମଣ୍ଡଳୀ ବିଜେଡି ମହିଳା ସମାବେଶ ଶୁକ୍ରବାର କାଏମା ପଡ଼ିଆଠାରେ ବିଶ୍ୱଦିତା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ରୀତା ତରାଇ ଯୋଗଦେଇ ରାଜ୍ୟରେ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରାଯାଇ ମହିଳାଙ୍କୁ ସ୍ୱାବଲମ୍ବି କରିବା ସହ ଆର୍ଥିକ ସୁଦୃଢ଼ କରିବାରେ କରିବା ରାଜ୍ୟ ସରକାର ଉଦ୍ୟମ ଜାରୀରଖିଥିବା ମତବ୍ୟକ୍ତ କରିଥିଲେ। ବିଜେଡି ରାଜ୍ୟ ସଭାନେତ୍ରୀ ପ୍ରମିଳା ମଳିକ, ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଜିଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ଜିଲା ବିଜେଡି ସଭାନେତ୍ରୀ ମହିଳା ସଭାନେତ୍ରୀ ପୂଜାରାଣୀ ବଳଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିକାଶ ଦିଗରେ ସବୁବେଳେ କାର୍ଯ୍ୟ କରି ଆସୁଛନ୍ତି। ମହିଳାମାନଙ୍କୁ ଛାଡି ରାଜ୍ୟର ପ୍ରଗତି ଅସମ୍ଭବ। ଆଗାମୀ ନିର୍ବାଚନରେ ମହିଳାଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କର ଜନହିତକର କାର୍ଯ୍ୟ ପ୍ରତ୍ୟେକ ଗ୍ରାମରେ ପହଞ୍ଚାଇବା ଦାୟିତ୍ୱ ବିଜୁ ମହିଳା ଦଳର ସଦସ୍ୟ ବହନ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ, ପ୍ରଣତୀ ଲେଙ୍କା, ସୁଶ୍ରୀସୁରେଖା ନାୟକ ଯୋଗଦେଇଥିବା ବେଳେ ଝୁନୁବାଳା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସୁଶ୍ରୀପ୍ରିୟଙ୍କା ପ୍ରିୟଦର୍ଶନୀ ରାୟ ଧର୍ମଶାଳା ନିର୍ବାଚନର ପ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ବିଜୁ ମହିଳା ଉପସଭାପତି ମମତା ଖୁଣ୍ଟିଆ, ମୀନତୀ ପଣ୍ଡା, ରେଣୁବାଳା ଶତପଥୀ, କୁଞ୍ଜଲତା ପଣ୍ଡା ଏହି ଅବସରରେ ନିର୍ବାଚନ ମଣ୍ଡଳୀର ମହିଳା ସଂଗଠନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ନିର୍ବାଚନମଣ୍ଡଳୀ ସଭାପତି ଜଳଧର ମହାନ୍ତି, ରାଜ୍ୟପରିଷଦ ସଦସ୍ୟ ଜଳଧର ସାହୁ, ପ୍ରିୟନାଥ ମହାପାତ୍ର, ପ୍ରତାପ ପ୍ରଧାନ, ଜିଲାପରିଷଦ ସଭ୍ୟ ନିରଞ୍ଜନ ରାଉତ, କ୍ଷିତୀଶ ନାୟକ, ସୌମ୍ୟପ୍ରକାଶ ବିଶ୍ୱାଳ, ଉତ୍କଳକେଶରୀ ଦାସ, ଦୁଃଶାସନ ସାହୁ ସମେତ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇଥିଲେ।

### କ୍ଷତିପୂରଣ ଦାବିରେ ନିର୍ମାଣାଧୀନ ରାସ୍ତାକୁ ବିରୋଧ

**କଳିଙ୍ଗନଗର, ୨୮।୯(ଡି.ଏନ୍.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ମାନତିରା ମୌଜାରେ ଇଡ୍‌କୋ ପକ୍ଷରୁ ନିର୍ମାଣଧୀନ ରାସ୍ତା କାମକୁ ସ୍ଥାନୀୟ ବାସିନ୍ଦା ବିରୋଧ କରି ଆସୁଛନ୍ତି। ରାସ୍ତା କାମରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ବହୁ ଜାଗା ଯାଇଥିବାରୁ ଏହାର କ୍ଷତିପୂରଣ ପାଇଁ ବହୁବାର ଦାବି କରାଯାଇଥିଲା। ହେଲେ କୌଣସି ସୁଫଳ ନ ମିଳିବାରୁ ଦୁଇଦିନ ହେବ ଅସନବାହାଳି ଓ ମାନତିରା ଗ୍ରାମର ୧୪ରୁ ଊର୍ଦ୍ଧ୍ୱ ସବର ପରିବାର ରାସ୍ତା ନିର୍ମାଣ କାର୍ଯ୍ୟକୁ ବିରୋଧ କରିବା ସହ କାମ ବନ୍ଦ କରିଦେଇଥିଲେ। ଏ ନେଇ ଶୁକ୍ରବାର କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜଖପୁରା ଥାନା ପରିସରରେ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଆରକ୍ଷୀଅଧୀକ୍ଷକ ରାଜକିଶୋର ଦୋରା, ଦାନଗଦୀ ତହସିଲଦାର ବୁଲବୁଲ ବେହେରା, ଇଡ୍‌କୋ ଡିଭିଜିନାଲ ମ୍ୟାନେଜର ଆର.କେ.ନାୟକ, ଜଖପୁରା ଥାନା ଅଧିକାରୀ ଶଶିଭୂଷଣ ସ୍ୱାଇଁ ଉପସ୍ଥିତ ଥିଲେ। ଏଡିଏମ୍ ଆସନ୍ତା ସପ୍ତାହରେ କ୍ଷତିପୂରଣ ପ୍ରଦାନ ବାବଦରେ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରମେଶ ବେହେରା, ରଘୁନାଥ ବେହେରା, ରମେଶ ଦେହୁରୀ, ବଳରାମ ପାଇକ, ହାଡିବନ୍ଧୁ ବେହେରା, ହରି ବେହେରା କୁଳମଣି ବେହେରା, ମୁଖୀ ପାଇକ, ଭୀମଶେନ ପାଇକ ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ।

# ନାଉଗାଁ ସଚେତନ ନାଗରିକ ମଞ୍ଚର ଦାବି

**ନାଉଗାଁ,୨୮।୯(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଘୋଡ଼ାଂଶସ୍ଥିତ ବାସୁଦେବ ବାଳିକା ଉଚ୍ଚ ବିଦ୍ୟାଳୟକୁ ନୋଡାଲ ବିଦ୍ୟାଳୟ କରାଯିବା ଓ ନାଉଗାଁ ବଜାରରେ ନିର୍ମିତ ନୂତନ ବସଷ୍ଟାଣ୍ଡକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମଞ୍ଚର ଦାବି ଅନୁସାରେ ବାସୁଦେବ ବାଳିକା ଉଚ୍ଚ ବିଦ୍ୟାଳୟ ଏକ ପୁରାତନ ବିଦ୍ୟାଳୟ। ଏହାର ପରିସରରେ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟ ରହିଛି। ସରକାରଙ୍କ ନିୟମ ଅନୁସାରେ ଉଚ୍ଚ ବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀ ବାଦ୍ ଦିଆଯିବା ପରେ ଅଷ୍ଟମ ଶ୍ରେଣୀର ପିଲାମାନେ ଅନ୍ୟତ୍ର ନାମ ଲେଖାଇଥିଲେ। ଫଳରେ ଏହି ବିଦ୍ୟାଳୟରୁ ପିଲା ସଂଖ୍ୟା ହ୍ରାସ ପାଇଥିଲା। ତେଣୁ ସରକାର ଏହି ବିଦ୍ୟାଳୟକୁ ଅନ୍ୟ ବିଦ୍ୟାଳୟ ସହ ମିଶାଇବାକୁ ଚେଷ୍ଟା କରୁଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ନୂତନ ବସଷ୍ଟାଣ୍ଡ ନିର୍ମାଣ ଅବଧି ଶେଷ ହୋଇଥିଲେ ମଧ୍ୟ ଏଯାବତ୍ କାର୍ଯ୍ୟକ୍ଷମ ହୋଇନାହିଁ। ଏଥିଯୋଗୁ ନିକଟରେ ଥିବା ଦୋକାନୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛୋଟ ଦୋକାନଗୁଡିକ ଉଚ୍ଛେଦ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଥଇଥାନ କରାଯାଇନାହିଁ। ବର୍ଷା ହେଲେ ଷ୍ଟାଣ୍ଡ ନିକଟସ୍ଥ ଦୋକାନରେ ପାଣି ପଶୁଛି। ଯଦି ତୁରନ୍ତ ଏହି ଦାବି ଉପରେ ବିଚାର କରା ନ ଯାଏ ତେବେ ମଞ୍ଚ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସମ୍ପାଦକ ବସନ୍ତ ମହାନ୍ତି, ଉପସଭାପତି ସିଦ୍ଧେଶ୍ୱର ବାରିକ, ମୁଖ୍ୟ ଉପଦେଷ୍ଟା ରବି ପଟ୍ଟନାୟକ, ସହ ସମ୍ପାଦକ ଅର୍ଜୁନ ରାଉତ କହିଛନ୍ତି।

# ପରିମଳ ସଚେତନତା କାର୍ଯ୍ୟକ୍ରମ

**ବାଲିଆ,୨୮।୯**

ଜିଲା ଜଳ ଓ ପରିମଳ ମିଶନ ତରଫରୁ ବିରିଡି ବ୍ଲକ ଅଲାଣ୍ଡୋ ପଞ୍ଚାୟତର ନିମିଦେଇ ଠାକୁରାଣୀଙ୍କ ପ୍ରାଙ୍ଗଣରେ ପରିମଳ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜଳ ଓ ପରିମଳ ମିଶନ ପକ୍ଷରୁ ମାଷ୍ଟର ଟ୍ରେନର ଲଳିତ ନାରାୟଣ ଦାଶ, ମନୋଜ ସେଠୀ, ରାଜକିଶୋର ଭୋଇ ସଚେତନତା କ୍ରାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଲାଣ୍ଡୋ ସରପଞ୍ଚ ରଞ୍ଜିତା ବେହେରା, ସମିତି ସଭ୍ୟା ଅନସ୍ୱୟା ରାଉତରାୟ ଯୋଗଦେଇ ଜଳ ଓ ପରିମଳ ମିଶନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ପରେ ପଞ୍ଚାୟତରୁ ବହୁ ସଂଖ୍ୟାରେ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇ ଗ୍ରାମ ସଫେଇ, ନଳକୂପ ସଫେଇ ଓ ହାତଧୂଆ ପଦ୍ଧତି ପ୍ରଦର୍ଶନୀ କରିଥିଲେ। ସରୋଜିନୀ ଭୋଇ, ସୁଧିର କୁମାର ଭୋଇ, ନିହାର ରଞ୍ଜନ ବେହେରା ସହଯୋଗ କରିଥିଲେ।



ପରିମଳ ସଚେତନତା ଶୋଭାଯାତ୍ରାରେ ଯାଉଥିବା ଲୋକମାନେ।

# ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ପାଇଁ ଡିଏମଏଫରୁ ଅର୍ଥ ଦାବି

- ଦୁଇ ସହରବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି ରେଳ ଫାଟକ
- ବହୁବାର ଆନ୍ଦୋଳନ ପରେ ମଧ୍ୟ ଦୃଷ୍ଟି ଦେଉନାହିଁ ଜିଲା ପ୍ରଶାସନ

**ଯାଜପୁରରୋଡ,୨୮।୯(ନି.ପ୍ର.)**

ଯାଜପୁରରୋଡ ସହରର ଲୋକସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ସେହିପରି ଯାନବାହନ ଚଳାଚଳ ମଧ୍ୟ ବୃଦ୍ଧି ପାଉଛି। ପୂର୍ବତଟ ରେଳବାଇ ଅଧୀନ ଯାଜପୁର-କେଉଁଝର ରେଳ ଷ୍ଟେଶନର ଦୁଇ ପାର୍ଶ୍ୱରେ ସାଇମନ୍ଦିର ଓ ଡାକବଙ୍ଗଳା ଫାଟକ କଳିଙ୍ଗନଗର ଓ ଯାଜପୁରରୋଡ ସହରବାସୀଙ୍କ ପାଇଁ ଦୁଃଖର ବିଷୟ ପାଲଟିଛି। ଫ୍ଲାଏ ଓଭର ବା ଝୁଲନ୍ତା ପୋଲ ନିର୍ମାଣ ପାଇଁ ଯାଜପୁରରୋଡର ବୁଦ୍ଧିଜୀବୀ, ସଚେତନ ନାଗରିକ, ବିଭିନ୍ନ ରାଜନୈତିକ ଦଳର ନେତାମାନେ ବହୁବାର ଆନ୍ଦୋଳନ କରିଥିଲେ ମଧ୍ୟ ଏହା ସଫଳ ହୋଇନାହିଁ। ଜିଲା ପ୍ରଶାସନ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଜିଲାର ଅନେକ ଅଞ୍ଚଳରେ ଖଣିଜ ପାଣ୍ଠି ବିନିଯୋଗ ହେଉଥିବାବେଳେ ଯାଜପୁରରୋଡ ସହର ଏଥିରୁ ବାଦ୍ ପଡ଼ିଛି। ଜିଲା ପ୍ରଶାସନ ଯାଜପୁରରୋଡ ରେଳ ଫାଟକରେ ଏକ ଫ୍ଲାଏ ଓଭର ନିର୍ମାଣ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠିରୁ ଅର୍ଥ ଦାବି କରିଛି।



"ଯାଜପୁରରୋଡଠାରେ ରେଳ ଫାଟକ ଉପରେ ଫ୍ଲାଏ ଓଭର ନିର୍ମାଣ ପାଇଁ ଯୋଜନା ଓ ବ୍ୟୟ ବରାଦ କରିବା ପାଇଁ ପାଣିକୋଇଲି ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ଏବଂ ରେଳବାଇ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଚିଠି ଲେଖିଛନ୍ତି। ଖୁବ୍‌ଶୀଘ୍ର ଫ୍ଲାଏ ଓଭର କାର୍ଯ୍ୟ ଆରମ୍ଭ ହେବ।

**- ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ, କଳିଙ୍ଗନଗର**



"ରେଳ ଫାଟକ ଯୋଗୁ ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ ହେଉଛି। ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଡିଏମଏଫ୍ ପାଣ୍ଠିରୁ ଅର୍ଥ ବରାଦ କରାଯାଇ ଫ୍ଲାଏ ଓଭର୍ ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ସିପିଆଇଏମ୍ ପକ୍ଷରୁ ଜିଲା ପ୍ରଶାସନ ଓ ରେଳବାଇ ବିରୋଧରେ ଆନ୍ଦୋଳନ କରାଯିବ।

**- ପ୍ରଫୁଲ୍ଲ ନାଏକ, ସିପିଆଇଏମ୍ ନେତା**



"ଜିଲା ଖଣିଜ ପାଣ୍ଠି ଓ ଶିଳ୍ପାଞ୍ଚଳ ଖଣି ପାରିପାର୍ଶ୍ୱିକ ପାଣ୍ଠି ଜିଲାର ସଦର ମହକୁମାଠାରୁ ଅନ୍ୟାନ୍ୟ ବ୍ଲକ ଅଞ୍ଚଳରେ ଖର୍ଚ୍ଚ କରାଯାଉଛି। ହେଲେ ଶିଳ୍ପାଞ୍ଚଳ ଯୋଗୁ କ୍ଷତି ସହୁଥିବା ଯାଜପୁରରୋଡ ସହରରେ ଟଙ୍କାଟିଏ ଖର୍ଚ୍ଚ କରାଯାଉନାହିଁ। ଫ୍ଲାଏ ଓଭର ପାଇଁ ଏହି ପାଣ୍ଠିରୁ ଅର୍ଥ ବିନିଯୋଗ କରାଯାଉ। ପାଣ୍ଠି ବିନିଯୋଗ ନ ହେଲେ ଆଗାମୀ ଦିନରେ ଜିଲା ପ୍ରଶାସନ ଓ ରେଳବାଇ କର୍ତ୍ତୃପକ୍ଷଙ୍କ ନାମରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ।

**- ଅଭିଲାଷ ବୋଇତାଇ, ସାମାଜିକ କର୍ମୀ**

"ଯାଜପୁର-କେଉଁଝର ରେଳଷ୍ଟେଶନ ଫାଟକ ଦୁଇ ସହରବାସୀଙ୍କ ଚିନ୍ତାର କାରଣ। ଅନେକ ସମୟ ଧରି ଫାଟକ ପଡୁଥିବାରୁ ଆମ୍ବୁଲାନ୍ସ, ଦମକଳ ସେବାରେ ବ୍ୟାଘାତ ଦେଖାଦେଉଛି। ତେଣୁ ଏଠାରେ ଫ୍ଲାଏ ଓଭର ନିର୍ମାଣ କରିବା ପାଇଁ ବହୁବାର ଆନ୍ଦୋଳନ ହୋଇଛି।



ରେଳବାଇ କର୍ତ୍ତୃପକ୍ଷ କେବଳ ପ୍ରତିଶ୍ରୁତି ଦେଇଆସିଛନ୍ତି। ଜିଲା ଖଣିଜ ପାଣ୍ଠିରେ ପ୍ରାୟ ୩୨୦ କୋଟି ଟଙ୍କା ରହିଛି। ତେଣୁ ଫ୍ଲାଏ ଓଭର ନିର୍ମାଣ ପାଇଁ ଖଣିଜ ପାଣ୍ଠିରୁ ବ୍ୟୟବରାଦ କରା ନ ଗଲେ ଆଗାମୀ ଦିନରେ ଯାଜପୁର ରୋଡରେ ପରିବହନ ଟ୍ରକ୍‌ଗୁଡିକ ବନ୍ଦ କରାଯିବ।

**-ବିଦ୍ୟାଧର ମହାନ୍ତି, ଆଇଏନଟିୟୁସି ସଭାପତି**

# ଲୁଟ୍ ହେଉଛି ଜଙ୍ଗଲ, ବନ ବିଭାଗ ନିଷ୍କ୍ରିୟ

**ନୂଆଗାଁ,୨୮।୯ (ଡି.ଏନ.ଏ.)**

ଓଡିଶା ବନ ବିଭାଗ ନୂତନ ଜଙ୍ଗଲ ସୃଷ୍ଟି ଓ ପୁରୁଣା ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛି। ଏଥିନେଇ ବ୍ୟାପକ ପଦକ୍ଷେପ ନିଆଯାଉଥିବା ବିଭାଗ ପକ୍ଷରୁ କୁହାଯାଉଛି। ହେଲେ ନୟାଗଡ଼ ବନଖଣ୍ଡ ମହୀପୁର ବନାଞ୍ଚଳର ଗୁମୀ ଓ ମହିତମା ସେକ୍ସନ ଅଧୀନରେ ଥିବା ଜଙ୍ଗଲ ଅଞ୍ଚଳରେ ଏହା ଯେପରି ପ୍ରହସନ ପାଲଟିଛି। ଏସବୁ ଜଙ୍ଗଲରୁ ମାଫିଆମାନେ ଦିନଦ୍ୱିପ୍ରହରରେ କାଠ କାଟିନେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଛନ୍ତି।

ମହୀପୁର ବନାଞ୍ଚଳର ମହୀତମା, ଗୁମୀ ଓ ମହୀପୁର ଫରେଷ୍ଟ ସେକ୍ସନରେ ରହିଥିବା ବିସ୍ତୃତ ଜଙ୍ଗଲରେ ପୂରିରହିଛି ଶାଳ, ପିଆଶାଳ, ଶିଶୁ, ଅଶନ ଭଳି ମୂଲ୍ୟବାନ ଗଛ। କିନ୍ତୁ କିଛି ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ଜଙ୍ଗଲରୁ ଏହିସବୁ ମୂଲ୍ୟବାନ ଗଛ ଲୋପ ପାଇବାକୁ ବସିଲାଣି। ଦିନବେଳେ କାଠମାଫିଆମାନେ

### ପଦାହେବାକୁ ବସିଲାଣି ମହୀପୁର ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲ

ଜଙ୍ଗଲ ମଧ୍ୟରେ ଗଛ କାଟିବା ସହିତ ତାହାକୁ କରତ ଲଗାଇ ପଟା ଓ ସାଇଜ କାଟି ସହଜରେ ଗାଡି କିମ୍ବା ସାଇକେଲ ଯୋଗେ ବାହାରକୁ ଚାଲାଣ କରୁଛନ୍ତି। ଏ ନେଇ ଅଭିଯୋଗ ସତ୍ତ୍ୱେ ବନ ବିଭାଗ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବାରେ ବିଫଳ ହେଉଛି । ଅନେକ ସମୟରେ ଗାଡି ଓ କାଠ ଜବତ ହେଉଥିଲେ ମଧ୍ୟ କାଠ ମାଫିଆମାନେ ଚତୁରତାର ସହ ଖସିଯାଉଛନ୍ତି। ପୋଷା ବନ୍ୟଜନ୍ତୁ ମାଂସ ବିକ୍ରି କରୁଥିବା ଲୋକମାନଙ୍କୁ ଗିରଫ କରାଯାଉଥିବା ବେଳେ କାଠମାଫିଆମାନେ କିଭଳି ଧରାପଡୁନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ୟପକ୍ଷରେ ଜଙ୍ଗଲ ମଧ୍ୟରେ ଗଛ କଟା ରୋକିବା ବଦଳରେ କଟାଯାଇଥିବା ଗଛ ସମ୍ପର୍କରେ ଅଭିଯୋଗ ପାଇ ବନ ବିଭାଗ ସେହି



ଜଙ୍ଗଲ ମଧ୍ୟରେ ସାଇଜ କାଟିବା ପାଇଁ ପ୍ରସ୍ତୁତ କାଠ।

କାଠକୁ ଜବତ କରି ଫରେଷ୍ଟ ବିଟ୍‌କୁ ଆଣୁଛି। ପୁଣି ଏହି କାଠ ଦୀର୍ଘଦିନ ଧରି ସେଠାରେ ପଡି ନଷ୍ଟ ହେଉଛି। ଗୁମୀ ଫରେଷ୍ଟ ସେକ୍ସନର ପାଲଭା ଜଙ୍ଗଲରୁ କାଠ କଟାଯାଇ ଓଡଗାଁ, ବାହାଡାଖୋଲା ଆଦି ଅଞ୍ଚଳକୁ ଚୋରା ଚାଲାଣ ହେଉଥିବା ବେଳେ ଅନେକ ସମୟରେ କାଠ ଓ ଗାଡି ଜବତ ହେବାର ନଜିର ରହିଛି। ଏପରି କି ମହୀପୁର ବନାଞ୍ଚଳ ଅଧୀନ ଗୁମୀ ଜଙ୍ଗଲରୁ କାଠଚୋରି ବିଷୟରେ ମହିପୁର ବନ କର୍ମଚାରୀଙ୍କ ନିକଟରେ ନ ଥିବାବେଳେ ଅନ୍ୟ ବନାଞ୍ଚଳ ଅଧିକାରୀ ଖବର ପାଇ କାଠ ଓ ଗାଡ଼ି ଜବତ କରୁଛନ୍ତି। ସେହିପରି ମହିତମା ସେକ୍ସନରେ ଅନୁରୂପ ସମସ୍ୟା ଦେଖା ଦେଉଥିଲେ ମଧ୍ୟ ସେଠାକାର ବନ କର୍ମଚାରୀ ନୀରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳୁଛି। ଜଙ୍ଗଲ ସୁରକ୍ଷା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ନିବେଦନ କରିଛନ୍ତି। ବିଭାଗୀୟ କର୍ମଚାରୀଙ୍କ ନିଷ୍କ୍ରିୟତା ବିଷୟରେ ମହୀପୁର ରେଞ୍ଜର ସୁଧାଂଶୁ ଶେଖର ପଣ୍ଡାଙ୍କୁ ପଚାରିବାରୁ ସେ କୁହନ୍ତି, କାଠଚୋରକୁ ଧରିବା ପାଇଁ ଆମେ ଚେଷ୍ଟା କରୁଛୁ। ଯଦି କୌଣସି କର୍ମଚାରୀ କାର୍ଯ୍ୟରେ ଅବହେଳା କରୁଛନ୍ତି, ଅଭିଯୋଗ ପାଇଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ରୋଗୀ କଲ୍ୟାଣ ସମିତି ବୈଠକ

**ଖଣ୍ଡପଡା,୨୮।୯(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତି ବୈଠକ ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିଆରସିଂ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ସୁରେନ୍ଦ୍ର କୁମାର ଷଡଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ସହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଔଷଧୀୟ ଉଦ୍ୟାନ ପ୍ରତିଷ୍ଠା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେହିପରି କର୍ମଚାରୀମାନେ ରହୁଥିବା ସରକାରୀ କ୍ୱାର୍ଟର୍ସର ମରାମତି ସହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଲୋକୀକରଣ ବ୍ୟବସ୍ଥା ନିମନ୍ତେ ଖୁବ୍‌ଶୀଘ୍ର ଏକ ସୌର ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରାଯିବ ବୋଲି ଆଲୋଚନା ହୋଇଥିଲା ।

## ସଂକ୍ଷେପରେ

### ଲୁଟ୍ ଘୋଡାଦାନା ସହ ଟ୍ରକ ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୨୮।୯:** ଲୁଟ୍ ହୋଇଥିବା ଘୋଡାଦାନା ବୋଝେଇ ଟ୍ରକକୁ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଉଦ୍ଧାର କରିଛି। ଏହି ଲୁଟ୍ ଘଟଣାରେ ପୋଲିସ ଗୁରୁଜଙ୍ଗର ଶ୍ୟାମ ବେହେରା(୪୦)ଙ୍କୁ ଗିରଫ କରିଛି। ଶନିବାର କୋର୍ଟ ଚାଲାଣ ହେବ। ବୁଧବାର ରାତିରେ ଗୁରୁଜଙ୍ଗରୁ ୭୫ ବସ୍ତା ବୋଝେଇ ଘୋଡାଦାନା ଟ୍ରକ (ନଂ. ଓଡି୦୫ଏଇ ୩୯୦୨)କୁ ଲୁଟ୍ କରାଯାଇଥିଲା। ଗୁରୁଜଙ୍ଗର ଶ୍ୟାମ ସହଯୋଗୀ ସହ ଏହି ଲୁଟ୍ କରିଥିଲେ। ଡ୍ରାଇଭରକୁ ମାଡ ମାରିବାରୁ ଟ୍ରକ ଛାଡି ସେ ପଳାଇ ଯାଇଥିଲା। ଶ୍ୟାମ ଟ୍ରକକୁ ନେଇ ପଳାଇ ଯାଇଥିଲା। ଚୋରି ଟ୍ରକ ଜଙ୍କିଆ ଅଞ୍ଚଳରୁ ଓ କୁକୁଡା ଖାଦ୍ୟ କୁହୁଡି ଅଞ୍ଚଳରୁ ଜବତ ହୋଇଛି। ଡ୍ରାଇଭରଙ୍କ ଅଭିଯୋଗକ୍ରମେ ପୋଲିସ ମକଦ୍ଦମା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ଆରଡିସିଙ୍କ ନିର୍ବାଚନ ସମୀକ୍ଷା

**ଖୋର୍ଦ୍ଧା ଅଫିସ,୨୮।୯:** ଖୋର୍ଦ୍ଧା ଜିଲା ଗସ୍ତରେ କେନ୍ଦ୍ରାଞ୍ଚଳ ଆରଡିସି ମହେନ୍ଦ୍ର କୁମାର ମଲ୍ଲିକ ଶୁକ୍ରବାର ଆସି ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ସହ ଜିଲାର ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ସରକାରଙ୍କର ବିଭିନ୍ନ ଉନ୍ନୟନ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ନିର୍ବାଚନ ସମୀକ୍ଷା କରିଥିଲେ। ଭୋଟର ତାଲିକାର ଅଗ୍ରଗତି ସମ୍ପର୍କରେ ପଚାରି ବୁଝି କାର୍ଯ୍ୟରେ ତ୍ୱରାନ୍ୱିତ ଆଣିବାକୁ ପରାମର୍ଶ ଦେଇଥିଲେ। ନୂଆ ଭୋଟରଙ୍କ ନାଁ ସାମିଲ ଓ ଏକାଧିକ ସ୍ଥାନରେ ଥିବା ନାମ ଭୋଟର ତାଲିକାରୁ କାଟିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଚରଣ ବିଧି ଅନୁସାରେ ନିର୍ବାଚନକୁ ସ୍ୱଚ୍ଛ ଓ ସଫଳ କରିବାକୁ ଗୁରୁତ୍ୱ ଦେଇଥିଲେ। ରାଜନୈତିକ ପ୍ରତିନିଧିମାନଙ୍କୁ ସେମାନଙ୍କ ବୁଥ୍ ଲେବୁଲ୍ କର୍ମଚାରୀଙ୍କ ଚିଠା ପ୍ରଦାନ କରି ନିର୍ବାଚନ ପଞ୍ଜୀକରଣ ଅଧିକାରଙ୍କ ସହ ମିଶି କାର୍ଯ୍ୟ କରିବେ ସେନେଇ ଟିପ୍ପଣୀ ଦେଇଥିଲେ। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନିର୍ବାଚନୀ ରୋଲର ହାର୍ଡ ଓ ସଫଟ କପି ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ପରେ ନିର୍ବାଚନ ୨୦୧୯ ଓ ଛାୟା ଚିତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ପିଡି ଡିଆରଡିଏ ସରୋଜ ମିଶ୍ର, ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଓ ଉପଜିଲାପାଳ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ବେଗୁନିଆ,୨୮।୯ (ଡି.ଏନ.ଏ.):** ବେଗୁନିଆ ତହସିଲ ଅଧୀନ କୁଶୁପଲା ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ସେକ୍ ସାହେବାନଙ୍କ ୨ ବଖରା ଜଳି ଯାଇଛି। ହେଲେ ନିଆଁ ଲାଗିବାର କାରଣ ସ୍ପଷ୍ଟ ଭାବେ ଜଣାପଡିନାହିଁ। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ବିଶ୍ୱ ପର୍ଯ୍ୟଟନ ଦିବସରେ ଗ୍ରନ୍ଥ ଉନ୍ମୋଚିତ

**ଖୋର୍ଦ୍ଧା ଅଫିସ,୨୮।୯:** ଖୋର୍ଦ୍ଧା ସହରର ରାଧାବଲ୍ଲଭ ସାହିସ୍ଥିତ ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ଗୁରୁବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଏଥିରେ ପିଏନ କଲେଜ ଓଡ଼ିଆ ଅଧାପକ ଡ. ମିଥୁନ ଚନ୍ଦ୍ର ଦେ ମୁଖ୍ୟଅତିଥି ଓ ଡ. ପ୍ରିୟ ରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଉତ୍ସବରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଗବେଷକ ରମାକାନ୍ତ ବେହେରାଙ୍କର 'ସ୍ମୃତିର ନଈ, ଗୋଳବାଇ' ପୁସ୍ତକକୁ ପିଏନ କଲେଜ ଓଡ଼ିଆ ପ୍ରାଧାପକ ଗୋପାଳ କୃଷ୍ଣ ଦାସ ଉନ୍ମୋଚନ କରିଥିଲେ। ପୁସ୍ତକରେ ୫ ହଜାର ବର୍ଷ ତଳର ଗୋଳବାଇ ଗ୍ରାମର ପ୍ରାକ୍ ଐତିହାସିକ ସଭ୍ୟତା, ନୌବାଣିଜ୍ୟ ସଂସ୍କୃତି, ପ୍ରାଚୀନ ଦେବଦେବୀପୀଠ, ବୀରଶିଳା, ଶିଳାଲେଖ, ସାହିତ୍ୟିକ ପରମ୍ପରା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଛି। ପିଏନ କଲେଜର ପଦାର୍ଥ ବିଜ୍ଞାନ ଛାତ୍ରୀଛାତ୍ର ସଂଗ୍ରହଶାଳାକୁ ଆସି ପ୍ରାକ୍ ଐତାହାସିକ ଉପକରଣ ଉପରେ ପଚାରି ବୁଝିଥିଲେ।

### ସାର ଚୋରକୁ ଲୋକେ ପୋଲିସ ଜିମା ଦେଲେ

**ଖୋର୍ଦ୍ଧା ଅଫିସ,୨୮।୯:** ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ପଙ୍ଗାରସିଂହ ପ୍ରାଥମିକ କୃଷି ସେବା ସମବାୟ ସମିତିରୁ ଗୁରୁବାର ରାତିରେ ସାର ଚୋରି ହୋଇଥିଲା। ଖରିଫ ଋତୁ ପାଇଁ ଆସିଥିବା ସାରକୁ ଚୋରି କରିଥିବା ବ୍ୟକ୍ତିଙ୍କୁ ଅଞ୍ଚଳବାସୀ କବ୍‌ଜା କରି ଖୋର୍ଦ୍ଧା ଟାଉନ ଥାନା ବାଘମାରୀ ଫାଣ୍ଡି ପୋଲିସକୁ ହସ୍ତାନ୍ତର କରିଛନ୍ତି।

୧୫ ସ୍ୱୟଂସହାୟକ ଗୋଷ୍ଠୀର ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ

## ଅଭିଯୋଗ ପରେ ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ



ଜୀବିକା ମିଶନ କର୍ମଚାରୀମାନେ ସ୍ୱୟଂସହାୟକ ଗୋଷ୍ଠୀ କାଗଜପତ୍ର ଯାଞ୍ଚ କରୁଛନ୍ତି।

**ରଣପୁର,୨୮।୯(ସ୍ୱ.ପ୍ର.)**

ଗ୍ରାମାଞ୍ଚଳ ମହିଳାଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସମୃଦ୍ଧ କରିବା ପାଇଁ ସରକାର ବିଭିନ୍ନ ବ୍ୟାଙ୍କରୁ ଋଣ ପ୍ରଦାନ କରୁଛନ୍ତି। ହେଲେ କେତେକ ଅସାଧୁ କର୍ମଚାରୀ ଏହି ଋଣକୁ ହଡପ କରୁଛନ୍ତି। ଫଳରେ ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ହୋଇପାରୁ ନାହିଁ । ରଣପୁର ବ୍ଲକ ମାଳପଟିଆ ପଞ୍ଚାୟତରେ ଏଭଳି ଘଟଣା ଦେଖିବାକୁ ମିଳିଛି। ୧୫ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଏ ନେଇ ନୟାଗଡ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଜିଲାପାଳ ଏନ ତିରୁମାଲା ନାୟକ ଏହାର ତଦନ୍ତ ପାଇଁ ଓଡିଶା ଜିବୀକା ମିଶନ (ଓଏଲଏମ)କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ସ୍ୱୟଂସହାୟକ ଗୋଷ୍ଠୀ ଅଗୋଚରରେ ବ୍ୟାଙ୍କ କର୍ମଚାରୀଙ୍କୁ ହାତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ହଡପ ହୋଇଛି ।

ଅଭିଯୋଗରୁ ପ୍ରକାଶ ଯେ, ମାଳପଟିଆ ପଞ୍ଚାୟତର ମହିଳାମାନଙ୍କୁ ନେଇ ୧୫ରୁ ଊର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରାଯାଇଛି। ବିଭିନ୍ନ କାର୍ଯ୍ୟ ପାଇଁ ଚାନ୍ଦପୁର ଷ୍ଟେଟ ବ୍ୟାଙ୍କ ତରଫରୁ ପ୍ରତ୍ୟେକ ମହିଳା ଗୋଷ୍ଠୀର ସଭାନେତ୍ରୀ ଓ ସମ୍ପାଦିକାଙ୍କ ନାମରେ ଥିବା ବ୍ୟାଙ୍କ ଖାତାରେ ଋଣ ବାବଦରେ ୯ମାସ ତଳେ ୨ଲକ୍ଷ ଟଙ୍କା ଜମା କରାଯାଇଥିଲା। ବ୍ୟାଙ୍କ ଉଠାଣ ଫର୍ମରେ ସଭାନେତ୍ରୀ ଓ ସମ୍ପାଦିକାଙ୍କ ଦସ୍ତଖତ କରାଯାଇ ସମସ୍ତ ଟଙ୍କା ଉଠାଯାଇ ଥିବାବେଳେ ସମ୍ପୃକ୍ତ ଗୋଷ୍ଠୀର ମହିଳାଙ୍କୁ ଏକ ଲକ୍ଷ ଟଙ୍କା ଦିଆଯାଇଥିଲା। ମାତ୍ର ଋଣ ନେବାର ୯ମାସ ବିତିଯାଇଥିଲେ ମଧ୍ୟ ଆଉ ଏକ ଲକ୍ଷ ଟଙ୍କା ସେମାନଙ୍କୁ ପ୍ରଦାନ କରାଯାଉ ନାହିଁ। ଏହିପରି ସମସ୍ତ ଗୋଷ୍ଠୀର ଏକାଉଣ୍ଟରୁ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ କରିଛନ୍ତି। ସେହିପରି ସେମାନଙ୍କ ବ୍ୟାଙ୍କଖାତା, ରିଜୋଲୁଶନ ଖାତା ଓ ଷ୍ଟାମ୍ପକୁ ଦିଆଯାଉନାହିଁ । ଏହି ଦୁର୍ନୀତିରେ ବ୍ୟାଙ୍କ କର୍ମଚାରୀ ଜଡିତ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ଜିବିକା ମିଶନ (ଓଏଲଏମ) ର ୪ଜଣ କର୍ମଚାରୀ ପଟିଆ ଗ୍ରାମରେ ପହଞ୍ଚି ୧୫ ସ୍ୱୟଂସହାୟକ ଗୋଷ୍ଠୀର ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ଡାକି ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ।

## ନାବାଳିକାଙ୍କ ମୃତ୍ୟୁ ସନ୍ଦେହଘେରରେ

**ଖୋର୍ଦ୍ଧା ଅଫିସ/ବାଲୁଗାଁ, ୨୮।୯ (ଡି.ଏନ.ଏ.)**

ଶୁକ୍ରବାର ବାଣପୁର ପୋଲିସ ଜଣେ ନାବାଳିକାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅପରାହ୍ନରେ ବାଣପୁର ଡାକ୍ତରଖାନାରେ ନାବାଳିକାଙ୍କ ମୃତ୍ୟୁ ଘଟିଥିବାବେଳେ ପରିବାର ଲୋକେ ପୋଲିସକୁ ନ ଜଣାଇ ଅନ୍ତିମ ସଂସ୍କାର ପାଇଁ ଗ୍ରାମକୁ ନେଇଯାଇଥିଲେ। ଏ ନେଇ ଝିଅର ଅଜାଙ୍କ ଅଭିଯୋଗକ୍ରମେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ନାବାଳିକାଙ୍କ ବାପାଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

ଘଟଣାରୁ ପ୍ରକାଶ ଯେ, ବାଣପୁର ଥାନା ଭେଟେଶ୍ୱର ପଞ୍ଚାୟତର ଭାସ୍କର ନାୟକଙ୍କ ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ପ୍ରାୟ ୯ବର୍ଷ ପୂର୍ବେ ସେ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ପତ୍ନୀଙ୍କର ଗୋଟିଏ ଝିଅ ଥିବାବେଳେ ଦ୍ୱିତୀୟ ପତ୍ନୀଙ୍କର ଦୁଇଟି ସନ୍ତାନ ଅଛନ୍ତି । ପ୍ରଥମ ପତ୍ନୀଙ୍କ ନାବାଳିକା ଝିଅ ଗ୍ରାମ ଉଚ୍ଚ ବିଦ୍ୟାଳୟରେ ୯ମ ଶ୍ରେଣୀରେ ପାଠ ପଢୁଥିଲେ। ନାବାଳିକା ଜଣକ ଗୁରୁବାର ସନ୍ଧ୍ୟାରେ ନିଜର ଅଜାଘର ସାହାସପୁର ଗ୍ରାମକୁ ଟ୍ୟୁଶନ ପାଇଁ ଯାଇଥିଲେ। ସେଠାରୁ ଫେରି ଘରେ ଖାଇବା ପରେ ତାଙ୍କର ପେଟ ମୋଡି ହୋଇ ବାନ୍ତି ହୋଇଥିଲା। ଶୁକ୍ରବାର ସକାଳେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ବାଲୁଗାଁ ପୋଲିସ ଏସଡିପିଓ ସୁବାସ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଚାଇଲ୍ଡ ଲାଇନ୍‌ର ବୈଠକ

## ୬୨ ମାମଲାରେ ହସ୍ତକ୍ଷେପ କରାଯାଇଛି

**ନୟାଗଡ଼ ଅଫିସ,୨୮।୯**

ନୟାଗଡ଼ ଚାଇଲ୍ଡ ଲାଇନ୍ ଓ ଜିୟୁସିର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଘଡୁଆଳସ୍ଥିତ କାର୍ଯ୍ୟାଳୟଠାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଣିଆ ଉନ୍ନୟନ ପରିଷଦ (ଜିୟୁସି)ର ସଭାପତି ଉଷା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଅଳକା ପାହାଡ଼ସିଂ ଏପ୍ରିଲ ୨୦୧୮ରୁ ଆଜି ପର୍ଯ୍ୟନ୍ତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିବରଣୀ ପ୍ରଦାନ କରିଥିଲେ। ୨୪ଟି ବାଲ୍ୟବିବାହ ବନ୍ଦ କରିବା, ୨୪ ଜଣ ଶିଶୁଶ୍ରମିକଙ୍କୁ ଉଦ୍ଧାର, ହଜି ଯାଇଥିବା ୨ ଜଣ ଶିଶୁଙ୍କୁ ଉଦ୍ଧାର କରିବା, ୧୦ଜଣ ଶିଶୁଙ୍କୁ ଡାକ୍ତରୀ ସାହାଯ୍ୟ, ୩ ଜଣ ଶିଶୁଙ୍କୁ ଆଶ୍ରୟ ପ୍ରଦାନ ଓ ୩ଜଣ ଶିଶୁଙ୍କୁ ଥଇଥାନ କରିଥିବା ଭଳି ମୋଟ ୬୨ଟି ଘଟଣାରେ ହସ୍ତକ୍ଷେପ କରିଥିବା ସୂଚନା ଦେଇଥିଲେ। ଜିଲାରେ କିପରି ବାଲ୍ୟବିବାହ, ନାବାଳିକା ଚାଲାଣ, ଶିଶୁଶ୍ରମିକ ଆଦି ରୋକାଯାଇପାରିବ ସେ ବିଷୟରେ ତୃଣମୂଳସ୍ତରରେ ଆଲୋଚନା




ଜିୟୁସିର ସଭାପତି ଉଷା ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

କରାଯାଇ ଲୋକମାନଙ୍କୁ ସଚେତନ କରାଯାଉଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା। ସେହିଭଳି ପୋଲିସ , ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି), ଆଶା କର୍ମୀମାନଙ୍କୁ ପଞ୍ଚାୟତ, ସ୍ୱାସ୍ଥ୍ୟ କେନ୍ଦ୍ର, ଶିଶୁ କ୍ଲବ୍ ଆଦି ସ୍ଥାନରେ ୪୯ ବୈଠକ କରାଯାଇ ସଚେତନତା କରାଯାଇଥିବା ବେଳେ ୯ ପ୍ରଶିକ୍ଷଣ ଶିବିର କରାଯାଇ ପ୍ରଶିକ୍ଷଣ ଦିଆଯାଇଥିବା ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିୟୁସିର ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା, ରାଜସ୍ମିତା କର , ଚନ୍ଦ୍ରଶେଖର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ବୈଦ୍ୟୁତିକ୍ ଓ ଛାପା ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ଚାଇଲ୍ଡ ଲାଇନ୍‌ର ସମସ୍ତ ସଦସ୍ୟ ଏଥିରେ ଯୋଗ ଦେଇଥିଲେ।

## ବାହ୍ୟ ଶୌଚମୁକ୍ତ ସହର ଘୋଷଣା ଉତ୍ସବ

**ଖୋର୍ଦ୍ଧା ଅଫିସ,୨୮।୯**

ରାଜ୍ୟ ସରକାର ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ଡାକରାରେ ସାମିଲ ହୋଇ ଖୋର୍ଦ୍ଧା ମ୍ୟୁନିସିପାଲିଟି ପକ୍ଷରୁ ଏହାର ୨୨ ୱାର୍ଡକୁ ବାହ୍ୟ ଶୌଚମୁକ୍ତ ସହର ଘୋଷଣା ଉତ୍ସବ ଶୁକ୍ରବାର ପାଳନ ହୋଇଯାଇଛି। ଏ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ପଦଯାତ୍ରା ବାହାରି ଶୌଚମୁକ୍ତ ସହର ଭାବେ ଘୋଷଣା କରାଗଲା। ବାହାରେ ମଳ ନ ଫେରି ଫାଇଖାନା ବ୍ୟବହାର କରିବାକୁ ପରାମର୍ଶ ଦିଆଗଲା। ପରେ ନୂଆ ବସ୍‌ଷ୍ଟାଣ୍ଡରେ ଶୋଭାଯାତ୍ରା ପହଞ୍ଚିବା ପରେ ଏଠାରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଜୁ ଯୁବ ବାହିନୀ, ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଦ୍ୟାଳୟ ଖୋର୍ଦ୍ଧା ଶାଖାର ସଦସ୍ୟ, ମ୍ୟୁନିସିପାଲିଟି କର୍ମଚାରୀ ପ୍ରମୁଖ ସଫେଇରେ ସାମିଲ ହୋଇଥିଲେ। ପରେ ବିଡିଏ କଲ୍ୟାଣ ମଣ୍ଡପ ପରିସରରେ ସାଧାରଣ ସଭା ହୋଇଥିଲା। ମୁଖ୍ୟଅତିଥି ରୂପେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମାଞ୍ଚଳ ବିକାଶ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ମିଶ୍ର, ଜିଲା ସହରାଞ୍ଚଳ ବିକାଶ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ ମହାପାତ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ।

## ଔଷଧ ଦୋକାନ ବନ୍ଦ, ରୋଗୀ ହନ୍ତସନ୍ତ

**ଖଣ୍ଡପଡା/ ରଣପୁର, ୨୮।୯(ସ୍ୱ.ପ୍ର.)**

ଅଖିଳ ଭାରତ ଔଷଧ ବ୍ୟବସାୟୀ ମହାସଂଘ ଡାକରାରେ ଉତ୍କଳ ଡ୍ରଗିଷ୍ଟ ଓ କେମିଷ୍ଟ ଆସୋସିଏଶନ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଖଣ୍ଡପଡା ସହର ସମେତ କଣ୍ଟିଲୋ, ବାହାଡା, ଖଳିସାହି ବଜାରରେ ଥିବା ୫୦ରୁ ଊର୍ଦ୍ଧ୍ୱ ଔଷଧ ଦୋକାନ ବନ୍ଦ ରହିଥିଲା। ଫଳରେ ଜରୁରୀକାଳୀନ ପରିସ୍ଥିତିରେ ରୋଗୀମାନେ ଔଷଧ ପାଇଁ ହଇରାଣ ହୋଇଥିଲେ। କେନ୍ଦ୍ର ସରକାର ଇ-ଫାର୍ମାସୀ ନୀତି କାର୍ଯ୍ୟକାରୀ କରିବାକୁ ଯାଉଥିବାରୁ ଅନ୍‌ଲାଇନ୍‌ରେ ଔଷଧ ବିକ୍ରିକୁ ବିରୋଧ କରି ଔଷଧ ଦୋକାନ ବନ୍ଦ ରହିଥିବା ସୂଚନା ମିଳିଛି।

ଅନ୍‌ଲାଇନ ଔଷଧ ବିକ୍ରିକୁ ବିରୋଧ କରି ଅଖିଳ ଭାରତ ଔଷଧ ବ୍ୟବସାୟୀ ମହାସଂଘ ୨୪ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା। ଏହାକୁ ସମର୍ଥନ କରି ଶୁକ୍ରବାର ରାଜ୍ୟରେ ସମସ୍ତ ଔଷଧ ଦୋକାନ ବନ୍ଦ ଥିଲା। ଏହାର ପ୍ରଭାବ ରଣପୁର ଅଞ୍ଚଳରେ ଦେଖିବାକୁ ମିଳିଥିଲା। ରଣପୁର, ଚାନ୍ଦପୁର, ସୁନାଖଳା, ଦର୍ପନାରାୟଣପୁର ଅଞ୍ଚଳରେ ଥିବା ସମସ୍ତ ଔଷଧ ଦୋକାନ ବନ୍ଦ ରହିବାରୁ ଡାକ୍ତରଖାନାକୁ ଚିକିତ୍ସିତ ହେବାକୁ ଆସିଥିବା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।




ରଣପୁରଠାରେ ଏକ ଔଷଧ ଦୋକାନରେ ତାଲା ପଡ଼ିଛି।

## ୨୩ ବର୍ଷ ହେଲା ଛାଡ଼ିଲେଣି ଅନ୍ନ

**ଗଣିଆ,୨୮।୯(ଡି.ଏନ.ଏ.)**

ଅନ୍ନ (ଭାତ) ହେଉଛି ଓଡ଼ିଆ ଲୋକଙ୍କ ପ୍ରଧାନ ଖାଦ୍ୟ। ପୁଣି କୌଣସି ତରକାରିରେ ଲୁଣ ନ ପଡିଲେ ତାହା ରୁଚିକର ହୋଇ ନ ଥାଏ। ଏପରିସ୍ଥଳେ ମାସେ କି ବର୍ଷେ ନୁହେଁ, ଦୀର୍ଘ ୨୩ବର୍ଷ ହେଲା ଭାତ ଓ ଲୁଣ ପରିତ୍ୟାଗ କରି ଜୀବନ ଧାରଣ କରିଛନ୍ତି ଜଣେ ବ୍ୟକ୍ତି। ସେ ହେଉଛନ୍ତି ନୟାଗଡ଼ ଜିଲା ଗଣିଆ ବ୍ଲକ ଡଙ୍କାରୀ ସାହି ଗ୍ରାମର ଗିରିଶ ଚନ୍ଦ୍ର ଶତପଥୀ(୫୯)। ତାଙ୍କର ଦୈନନ୍ଦିନ ଖାଦ୍ୟ ପାଲଟିଛି ଡାଲି ଓ ପରିବା ସିଝା। ତାଙ୍କ କହିବା କଥା ସେ ବ୍ରାହ୍ମଣ କୂଳରେ ଜନ୍ମ ହୋଇଛନ୍ତି। ଯାଗଯଜ୍ଞ, ବେଦପାଠ, ବିବାହ ବ୍ରତ ଓ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣରେ ବ୍ୟାସ ଭାବେ କର୍ମକର୍ମାଣୀ କରିବା ତାଙ୍କର ମୁଖ୍ୟ କାମ। ସେ ବର୍ଷକୁ ୭ ମାସ କେବଳ ଶ୍ରୀରାମଚରିତ ମାନସ ପାରାୟଣରେ କଟାଇଥାନ୍ତି। ବାକି ସମୟ ବିଭିନ୍ନ ପ୍ରକାର ଗ୍ରନ୍ଥ ଅଧ୍ୟୟନ, ବହି ସଂଗ୍ରହ ଓ ବିଭିନ୍ନ ପ୍ରକାର ସାଧନ ସିଦ୍ଧି ଆଦି କାର୍ଯ୍ୟରେ ଅତିବାହିତ କରିଥାନ୍ତି। ସେହିପରି ପୂଜାପାଠ, ଜ୍ୟୋତିଷ ଶାସ୍ତ୍ର, ବାସ୍ତୁବିଦ୍ୟା ଓ ଦଶମହାବିଦ୍ୟା ସାଧନ ସମ୍ପର୍କରେ ତାଙ୍କର ବେଶ୍ ଅଭିଜ୍ଞତା ଅଛି। ଏହାଛଡା ବେଦବିଦ୍ୟା, ନାଗାନ୍ତିକ ବିଦ୍ୟା, ହଟଯୋଗ ଓ ସିଦ୍ଧିବିଦ୍ୟା ଉପରେ ମଧ ସେ ପାରଦର୍ଶିତା ହାସଲ କରିଛନ୍ତି। ପ୍ରତିଦିନ ଯାଗଯଜ୍ଞ, ସାଧନ ଓ କର୍ମକର୍ମାଣୀ କରିବା ବେଳେ ନିୟମିତ ଠିକ୍ ସମୟରେ ଖାଦ୍ୟ ନ ଖାଇବା ଦ୍ୱାରା ଗ୍ୟାଷ୍ଟିକ୍ ଓ ପେଟରୋଗରେ ଆକ୍ରାନ୍ତ ହେଲେ। କ୍ରମଶଃ ଏହି ରୋଗ ବଢିବା ସହ ଅଧିକ ଯନ୍ତ୍ରଣା ଦେବାରେ ଲାଗିଲା। ସେ ଜଣେ ଡାକ୍ତରଙ୍କୁ ପରାମର୍ଶ କଲେ। ଡାକ୍ତର ତାଙ୍କୁ ପେଟ ଅସ୍ତ୍ରୋପଚାର କରିବା ପାଇଁ ପରାମର୍ଶ ଦେଲେ। ହେଲେ ସେ ଅସ୍ତ୍ରୋପଚାରକୁ ଡରି ଫେରିଆସିଲେ। ପରିବାରର ଅଭାବ ଅନଟନ ମଧ୍ୟ ଲାଗି ରହିଥିଲା। ଶେଷରେ ଦେଶୀ ଚେରମୂଳ ଚିକିତ୍ସାକୁ ଆପଣେଇ ନେଲେ। ଧୀରେ ଧୀରେ ରୋଗ ଉପଶମ ହେବାପରେ ଅନ୍ନତ୍ୟାଗ କରିବା ପାଇଁ ସିଦ୍ଧାନ୍ତ ନେଲେ। ଅନ୍ୟପକ୍ଷେ ଶାସ୍ତ୍ରମତେ ଖାଦ୍ୟର ନିୟନ୍ତ୍ରଣ ଅନୁଯାୟୀ ପ୍ରକୃତି (ସ୍ୱଭାବ)ର ନିୟନ୍ତ୍ରଣ



ଗିରିଶ ଚନ୍ଦ୍ର ଶତପଥୀ।

### ଡାଲି ଓ ପରିବା ସିଝା ମୁଖ୍ୟ ଖାଦ୍ୟ

ହୋଇଥାଏ ବୋଲି ସେ କହିଛନ୍ତି। ତେବେ ଏଭଳି କେତେକ କାରଣ ଯୋଗୁ ୧୯୯୫ ମସିହାଠାରୁ ସେ ଅନ୍ନ ଓ ଲୁଣକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିଛନ୍ତି। ଦୈନିକ ଦୁଇଓଳା ପାଇଁ ୧୦୦ ଗ୍ରାମ୍ ଡାଲି ୫୦୦ ଗ୍ରାମ ପରିବା ସିଝା ଖାଇ ଦିନ ବିତାଇଥାନ୍ତି। ଯେଉଁଥିରେ କି ଲୁଣ ଆଦୌ ପଡେନାହିଁ। ଏହି ଖାଦ୍ୟ ତାଙ୍କୁ ବେଶ ଆତ୍ମତୃପ୍ତି ଦେଇଛି ବୋଲି ସେ କହିଛନ୍ତି। ତାଙ୍କର ଅନ୍ୟ ଏକ ଗୁଣ ହେଉଛି ଶ୍ରବଣ କୁମାର ଭଳି ନିଜ ମା'ବାପାଙ୍କୁ ତୀର୍ଥସ୍ଥାନ ଭ୍ରମଣ କରାଇବା। ଦେହାନ୍ତ ପରେ ମାତାପିତାଙ୍କ ଅସ୍ଥିକୁ ତ୍ରିବେଣୀ ସଙ୍ଗମସ୍ଥଳରେ ବିସର୍ଜନ କରିଥିବା ସେ ପ୍ରକାଶ କରିଛନ୍ତି। ବୟସ ଅତିକ୍ରାନ୍ତ ପରେ ସେ ଏବେ କୌଣସି ଯାଗଯଜ୍ଞ କର୍ମକର୍ମାଣୀ ନ କରିପାରି ଶାସ୍ତ୍ରପୁରାଣ ଓ ଗୀତାଗ୍ରନ୍ଥ ପାଠ କରିବାରେ ନିଜକୁ ହଜେଇ ଦେଇଛନ୍ତି।

## ସଂକ୍ଷେପରେ

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭାପୁର,୨୮।୯(ଡି.ଏନ.ଏ.): ନୟାଗଡ ଜିଲା ଭାପୁର ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୩୬ଜଣ ବ୍ୟକ୍ତି ଯୋଗଦେଇ ଚିହ୍ନଟ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଶାରୀରିକ ଓ ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ନୟାଗଡ ମୁଖ୍ୟ ଡାକ୍ତରଖାନାରୁ ଅସ୍ଥିଶଲ୍ୟ ବିଭାଗର ବିଶେଷଜ୍ଞ ବି.ଏସ. ରାଓ, ଚକ୍ଷୁ ବିଭାଗର ବିଶେଷଜ୍ଞ ପିପି ସାହୁ, ଭେଷଜର ଶତ୍ରୁଘ୍ନ ନାୟକ ଓ ନାସା,ଗଳା, କର୍ଣ୍ଣ ବିଭାଗର ଡାକ୍ତର ସ୍ନିଗ୍ଧାମୟୀ ମହାନ୍ତି ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କୁ ଚିହ୍ନଟ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ସାହୁ ଏହାକୁ ପରିଚାଳନା କରିଥିଲେ। ଚକ୍ଷୁ ବିଭାଗରେ ୩୯, ମାନସିକ ଅନଗ୍ରସର ବିଭାଗରେ ୪୯, ଅସ୍ଥିଶଲ୍ୟ ବିଭାଗରେ ୯୫ ଓ ଶ୍ରବଣବାଧିତ ବିଭାଗରେ ୫୩ଜଣ ଏପରି ମୋଟ ୨୩୬ ଜଣ ଏହି ଚିହ୍ନଟ ପ୍ରକ୍ରିୟାରେ ସାମିଲ ହୋଇଥିଲେ।

### ଆମ ପୋଲିସ କାର୍ଯ୍ୟକ୍ରମ

ବାଲୁଗାଁ,୨୮।୯(ଡ଼ି.ଏନ.ଏ.): ବାଲୁଗାଁ ଥାନା ପରିସରରେ ଶୁକ୍ରବାର ପୂର୍ବାହ୍ନରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲୁଗାଁ ଏସ୍‌ଡ଼ିପିଓ ସୁବାସ ଚନ୍ଦ୍ର ପଣ୍ଡା, ବାଲୁଗାଁ ଥାନା ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ଏହି ଅଞ୍ଚଳର ହିନ୍ଦୁ ମୁସ୍‌ଲିମ୍ ମଧ୍ୟରେ କିପରି ଭାଇଚାରା ବଜାୟ ରହିବ ସେ ଦିଗରେ ଆଲୋଚନା କରାଯାଇଥିଲା। ଏଥିସହ ଆଇନ ଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଅଞ୍ଚଳର ସମସ୍ତ ଗ୍ରାମର ମୁଖ୍ୟ ଲୋକଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ପୋଲିସ୍ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଏହି କମିଟିର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଥାନା ଅଧିକାରୀ ତାଙ୍କ ବକ୍ତବ୍ୟରେ କହିଥିଲେ। ମଦ୍ୟପାନ କରି ଦ୍ରୁତ ବେଗରେ ଚଳାଉଥିବା ବାଇକ୍ ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡ଼ିପିଓ ପଣ୍ଡା କହିଥିଲେ। କାର୍ଯ୍ୟକ୍ରମରେ ବାଲୁଗାଁ ଅଞ୍ଚଳର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ। ଶେଷରେ ବାଲୁଗାଁ ଥାନା ଅଧିକାରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ବାଲ୍ୟବିବାହ ନିରାକରଣ ଉପରେ ବୈଠକ

# ବାଲ୍ୟବିବାହ କଲେ ରୁଜୁ ହେବ ମାମଲା

ନୟାଗଡ଼ ଅଫିସ,୨୮।୯

ନୟାଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଃସ୍ୱାର୍ଥ ଆନୁକୂଲ୍ୟରେ ଶୁକ୍ରବାର ଡିଆରଡିଏ ସମ୍ମିଳନୀ କକ୍ଷ ସୃଜନଠାରେ ବାଲ୍ୟବିବାହ ନିରାକରଣ ଉପରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଃସ୍ୱାର୍ଥର ସମ୍ପାଦକ ଅରୁଣ ମହାନ୍ତିଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଜିଲାପାଳ ଡ. ଏନ୍ ତିରୁମାଲା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାରେ ବାଲ୍ୟ ବିବାହ ଏକ ସମସ୍ୟା ପାଲଟିଛି ବୋଲି କହିଥିଲେ। ଏହାକୁ ଦୂରେଇବା ପାଇଁ ସମସ୍ତଙ୍କ ସହଯୋଗ ଦରକାର ବୋଲି ପ୍ରକାଶ କରିଥିଲେ। ଏଥିରେ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜନସାଧାରଣଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ପୂର୍ବରୁ ବାଲ୍ୟବିବାହରେ ଅଧିକାରୀମାନେ ତଥ୍ୟ





ବୈଠକରେ ଜିଲାପାଳ ଓ ଅନ୍ୟ ଅତିଥିମାନେ।

ଦେଉ ନ ଥିବା ବେଳେ ବର୍ତ୍ତମାନ ଜିଲାରେ ଏହା ଜଣାପଡ଼ିବା ପରେ ମାମଲା ରୁଜୁ କରାଯାଉଥିବା ଜିଲାପାଳ ନାୟକ ପ୍ରକାଶ କରିଥିଲେ। ସେହିଭଳି ଜିଲାରେ ଗାଁ କମିଟି ମାଧ୍ୟମରେ ନିଆଯାଉଥିବା ନିଷ୍ପତ୍ତିକୁ ବିରୋଧ କରିଥିଲେ। ଲୋକମାନେ ଆଇନର ସହାୟତା ନେବା ପାଇଁ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ଆଲିଆନ୍ସ ଫର ଚାଇଲ୍ଡ ରାଇଟସ୍ (ଓଏସିଆର)ର ସଭାପତି ରଞ୍ଜନ ମହାନ୍ତି ଯୋଗଦେଇ ବାଲ୍ୟବିବାହର ପ୍ରମୁଖ କାରଣ ଉପରେ ଆଲୋଚନା କରିଥିଲେ। ସେ ସବୁର ସମାଧାନ କରାଯିବା ସହିତ ଯଦି ଲୋକମାନଙ୍କ ମାନସିକତାରେ ପରିବର୍ତ୍ତନ ଆସିବ ତାହା ହେଲେ ବାଲ୍ୟବିବାହର ସମାଧାନ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି ଯୋଗଦେଇ ଗ୍ରାମରେ ହେଉଥିବା ବାଲ୍ୟବିବାହ ବିଷୟରେ ଲୋକମାନେ ସଚେତନ ହୋଇ ଏହାକୁ ବନ୍ଦ କରିବା ପାଇଁ କହିଥିଲେ। ଝିଅମାନଙ୍କୁ କମ୍ ବୟସରେ ବିବାହ କରାଇ ତାଙ୍କ ଜୀବନକୁ ଆମେମାନେ ନଷ୍ଟ କରି ଦେଉଛନ୍ତି ବୋଲି ମହାନ୍ତି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଓଡ଼ିଶା ଆଲିଆନ୍ସ ଫର ଚାଇଲ୍ଡ ରାଇଟସ୍ (ଓଏସିଆର) ଓ ନୟାଗଡ଼ ଆକ୍ସନ ଗ୍ରୁପ୍ ସମନ୍ୱୟରେ ହୋଇଥିବା ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବାଲ୍ୟ ବିବାହ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରୀତିକାନ୍ତ ପଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ ଭୋଳେଶ୍ୱର କଅଁର, ସିଡ଼ିପିଓ ପ୍ରମୁଖ ଯୋଗ ଦେଇଥିଲେ।



ଶହୀଦଙ୍କ ଜନ୍ମବାର୍ଷିକ ଅବସରରେ ଫାଣ୍ଡି ପରିସରରେ ଚାରାରୋପଣ କରାଯାଉଛି।

# ଶହୀଦ ଭଗତ ସିଂହଙ୍କ ୧୧୨ତମ ଜନ୍ମବାର୍ଷିକ

ନୟାଗଡ଼ ଅଫିସ,୨୮।୯

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗୋଡ଼ିପଡା ଶହୀଦ ମଣ୍ଡପଠାରେ ଶୁକ୍ରବାର ଶହୀଦ ଭଗତ ସିଂହଙ୍କ ୧୧୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ଶହୀଦ ମଣ୍ଡପଠାରେ ପତାକା ଉତ୍ତୋଳନ କରାଯାଇଥିବାବେଳେ ଅପରାହ୍ନରେ ଗୋଡ଼ିପଡ଼ା ଫାଣ୍ଡି ପରିସରରେ ବୃକ୍ଷରୋପଣ କରାଯାଇଥିଲା। ସନ୍ଧ୍ୟାରେ ଆଲୋକ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ସଭାରେ ଇଂ. ଶିଶିର କୁମାର ନାୟକ, ଗୋଲଖି ବିହାରୀ ମୁଦୁଲି, ପବିତ୍ର କୁମାର ଇନ୍ଦ୍ରଜିତ୍, କପିଳ ସାହୁ ଏବଂ ଜ୍ୟୋତିପ୍ରଭା ସାହୁ ଅତିଥିଭାବେ ଯୋଗ ଦେଇ ଭଗତ ସିଂହଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସନ୍ତୋଷ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ବନ୍ଦ ରହିଲା ୪୦୦ ଔଷଧ ଦୋକାନ

ନୟାଗଡ଼ ଅଫିସ,୨୮।୯

ଇ-ଫାର୍ମାସୀ ଓ ଅନ୍‌ଲାଇନ୍ ଔଷଧ ବିକ୍ରିକୁ ବିରୋଧ କରି ସମଗ୍ର ଦେଶରେ ଶୁକ୍ରବାର ସମସ୍ତ ଔଷଧ ଦୋକାନ ବନ୍ଦ ରହିଥିଲା। ଏହି ପରିପ୍ରେକ୍ଷୀରେ ଅଖିଳ ଭାରତ ଔଷଧ ବ୍ୟବସାୟୀ ସଂଘ ପକ୍ଷରୁ ୨୪ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ ନୟାଗଡ଼ ଜିଲାରେ ପାଳନ କରାଯାଇଥିବା ଦେଖିବାକୁ ମିଳିଥିଲା। ଜିଲାରେ ୪୦୦ ଔଷଧ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସହରରେ କେବଳ ଗୋଟିଏ ମାତ୍ର ଦୋକାନ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ଅନ୍‌ଲାଇନ୍ ଔଷଧ ବିକ୍ରି ହେବା ଦ୍ୱାରା ଯୁବବର୍ଗ ଉପରେ ଏହାର ପ୍ରଭାବ ପଡ଼ିବ। ବିଭିନ୍ନ ଔଷଧ ଉପରେ ନିୟନ୍ତ୍ରଣ ରହିବ ନାହିଁ। ଯୁବକମାନେ ଏହାଦ୍ୱାରା



ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଥିବା ଔଷଧ ଦୋକାନ ବନ୍ଦ ରହିଛି।

ବିପଥଗାମୀ ହେବାର ସମ୍ଭାବନା ରହିଛି। ସେହିଭଳି କେନ୍ଦ୍ର ସରକାରଙ୍କ କମିଶନ ବ୍ୟବସ୍ଥାକୁ ନେଇ ସନ୍ଦେହ ରହୁଛି। ଫଳରେ ଏହା ଦ୍ୱାରା ନିମ୍ନମାନର ଔଷଧ ଯୋଗାଣ ରହିବ। ଅନଲାଇନ୍‌ରେ ଔଷଧ ବିକ୍ରି ହେବା ଫଳରେ ରୋଗୀମାନଙ୍କ ଉପରେ ଏହାର କୁପ୍ରଭାବ ପଡ଼ିବ। ତେଣୁ ଏହାକୁ ବିରୋଧ କରାଯାଇଥିବା ନୟାଗଡ଼ ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ସଭାପତି ପ୍ରହ୍ଲାଦ ସାହୁ ପ୍ରକାଶ କରିଛନ୍ତି।

# ଦୁର୍ଘଟଣାରେ ହୋମଗାର୍ଡ଼ଙ୍କ ମୃତ୍ୟୁ

ବାଲୁଗାଁ,୨୮।୯(ଡ଼ି.ଏନ.ଏ.)

ଏକ କାର ଦୁର୍ଘଟଣାରେ ବାଲୁଗାଁ ଥାନାରେ କର୍ତ୍ତବ୍ୟରତ ଜଣେ ହୋମଗାର୍ଡ଼ଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି । ସେ ହେଲେ ସ୍ଥାନୀୟ ବୋରିଆ ସାହି ଗ୍ରାମର ଲୋଚନ ଗୁରୁ (୫୦)। ଦୈନନ୍ଦିନ ପରି ଲୋଚନ ଗୁରୁବାର ଅପରାହ୍ନରେ ନିଜ ଗ୍ରାମରୁ ସାଇକେଲ ଯୋଗେ ଡ୍ୟୁଟି ପାଇଁ ଥାନାକୁ ଯାଉଥିଲେ। ୧୬ନଂ. ଜାତୀୟ ରାଜପଥର ବଡକୂଳ ନିକଟ ସୁବୁଦ୍ଧିପାଟଣା ଛକଠାରେ ପଛପଟୁ ଆସୁଥିବା ଓଡ଼ି୦୨ଏଡ଼ବ୍ଲ୍ୟୁ ୮୭୪୧ନଂ ବିଶିଷ୍ଟ କାର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବାଲୁଗାଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲ ଓ ସେଠାରୁ କଟକ ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ଚିକିତ୍ସାଧୀନ ଥିବାବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ବାଲୁଗାଁ ପୋଲିସ୍ ମୃତଦେହ ଜବତ କରିବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଭାପୁରରେ ରୋଗୀ କଲ୍ୟାଣ ସମିତି ବୈଠକ





ବୈଠକରେ ବିଧାୟକ ଓ ଅନ୍ୟମାନେ।

ଭାପୁର,୨୮।୯(ଡି.ଏନ.ଏ.)

ଭାପୁର ବ୍ଲକ ମୁଖ୍ୟ ବଜାରରେ ଅବସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୨ୟ ରୋଗୀ କଲ୍ୟାଣ ସମିତି ବୈଠକ ଶୁକ୍ରବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡାକ୍ତରଖାନାର ମୁଖ୍ୟ ଡାକ୍ତର ଅଶୋକ କୁମାର ମଲିକଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ, ସଭ୍ୟ ବରିଷ୍ଠ ପତ୍ରକାର ରବୀନ୍ଦ୍ର କୁମାର ପଟ୍ଟନାୟକ, ସନାତନ ଷଡଙ୍ଗୀ, ବ୍ଲକ ସିଡିପିଓ ରେଣୁବାଳା ନନ୍ଦ, ସୁପରଭାଇଜର, ଡାକ୍ତରଖାନାର ବିପିଏମ୍ ଈପ୍‌ସିତା ଦାସ, ଗ୍ରାମ ଜଳଯୋଗାଣ ବିଭାଗର ଯନ୍ତ୍ରୀ ସରିତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏ ବର୍ଷ ପାଇଁ ରାଜ୍ୟ ସରକାର ରୋଗୀ କଲ୍ୟାଣ ସମିତିକୁ ପ୍ରଥମ ଦଫାରେ ପ୍ରଦାନ କରିଥିବା ୨ ଲକ୍ଷ ୫୦ହଜାର ଟଙ୍କାର କିପରି ସୁବିନିଯୋଗ ହେବ ସେ ନେଇ ବୈଠକରେ ଖସଡା ପ୍ରସ୍ତୁତ ହୋଇଥିଲା। ଗତବର୍ଷର ଅର୍ଥର ବିନିଯୋଗ କିପରି ହୋଇଥିଲା ଓ ରୋଗୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ନେଇ ବୈଠକରେ ଆଲୋଚନା କରାଯାଇଥିଲା।

# ରାଶନକାର୍ଡରୁ ବଞ୍ଚିତ ନେଇ ବିଡିଓଙ୍କୁ ଅଭିଯୋଗ

ଭାପୁର,୨୮।୯(ଡି.ଏନ.ଏ.)

ଭାପୁର ବ୍ଲକ୍‌ରେ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ଶତାଧିକ ବ୍ୟକ୍ତି ଶୁକ୍ରବାର ବିଧାୟକଙ୍କ ଉପସ୍ଥିତିରେ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ରାଶନକାର୍ଡ ପାଇବାରୁ ବଞ୍ଚିତ ଏହି ବ୍ଲକ୍‌ର ୨୦ ପଞ୍ଚାୟତର ଜନସାଧାରଣ ଏ ନେଇ ପୂର୍ବରୁ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ଏ ନେଇ ବିଧାୟକ ପଟ୍ଟନାୟକ ବିଡିଓ ଅନ୍ତର୍ଯ୍ୟାମୀ ଦାଶଙ୍କ ସହ ଆଲୋଚନା କରୁଥିବା ବେଳେ ଶତାଧିକ ଅସନ୍ତୁଷ୍ଟ ମହିଳା ଓ ପୁରୁଷ ସେମାନଙ୍କର ଅଭିଯୋଗପତ୍ର ଦାଖଲ କରିଥିଲେ। ବିଧାୟକ ପ୍ରକୃତ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ତଦନ୍ତ କରି ବାଦ ପଡ଼ିଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ଏଥିରେ ସାମିଲ କରିବେ ବୋଲି ବିଡିଓ କହିଥିଲେ। ତେବେ ଯୋଜନାରୁ ବାଦ୍ ପଡିଥିବା ଲୋକେ ତାଙ୍କୁ ଲିଖିତ ଭାବେ ଜଣାଇବାକୁ ବିଡିଓ ପରାମର୍ଶ ଦେଇଥିଲେ।

# ରାସ୍ତାପାର୍ଶ୍ୱ ଜବରଦଖଲରେ

## ଓଡଗାଁ-ବାହାଡାଝୋଲା ରାସ୍ତା

ଓଡ଼ଗାଁ,୨୮।୯(ସ୍ୱ.ପ୍ର.)

ନୟାଗଡ ଜିଲାର ପ୍ରସିଦ୍ଧ ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୀଠ ସହିତ ବାହାଡ଼ାଝୋଲା ରୋଡରେ ଅବସ୍ଥିତ ବାବା ଦୂତିକେଶ୍ୱର ମହାଦେବଙ୍କ ପୀଠ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଉଭୟ ସ୍ଥାନକୁ ବିଭିନ୍ନ ପର୍ବପର୍ବାଣି ଓ ପର୍ଯ୍ୟଟନ ଋତୁରେ ନାହିଁ ନ ଥିବା ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ରଙ୍ଗଣିପାଟଣା ପଞ୍ଚାୟତର ବାହାଡ଼ାପିଠା ମୌଜା ଅର୍ଥାତ ସିନେମା ହଲ ଛକଠାରୁ ଓଡ଼ଗାଁ ସହିତ ବାହାଡ଼ାଝୋଲାକୁ ସଂଯୋଗ କରୁଥିବା ପୂର୍ତ୍ତ ରାସ୍ତାକୁ ନବୀକରଣ ସମୟରେ ପ୍ରଶସ୍ତୀକରଣ କରାଯାଇଛି । ଏହାର ସୁଯୋଗ ନେଇ ସିନେମା ହଲ ଛକରେ ଥିବା କେତେକ ଅସାଧୁ ବ୍ୟବସାୟୀ ଓ ଘର ମାଲିକ ସରକାରୀ ଜାଗାକୁ ଜବରଦଖଲ କରିବା ସହିତ ରୋଡ ବର୍ନ ଅର୍ଥାତ ରାସ୍ତା ପାର୍ଶ୍ୱରେ ଥିବା ପ୍ରାୟ ୫ ଫୁଟ ସ୍ଥାନକୁ ନିଜ ଘର ଓ ବ୍ୟବସାୟ ପ୍ରତିଷ୍ଠାନ ସହିତ ମିଶାଇ ଥିବା ଦେଖିବାକୁ ମିଳିଛି । ସିନେମା ହଲ ଛକର ଉଭୟ ପାର୍ଶ୍ୱରେ ରୋଡ ବର୍ନ ଜବରଦଖଲ କରିଥିବା ଲୋକଙ୍କ ମଧ୍ୟରେ ବହୁ ସରକାରୀ କର୍ମଚାରୀ ଅଛନ୍ତି । ଏପରି କି ନିକଟରେ ସେଠାରେ ବିଭିନ୍ନ ବ୍ୟବସାୟୀଙ୍କୁ ଭଡାସୂତ୍ରରେ ଦେବାକୁ ନିର୍ମାଣ କରାଯାଇଥିବା ଶପିଂ ମଲ୍ ତଥା ତତ୍‌ସଂଲଗ୍ନ ଗୋଟିଏ ଦୁଇଟି ଦୋକାନ ତଥା ରେସିଡେନ୍ସର ନିର୍ମାଣଶୈଳୀ ଅତ୍ୟନ୍ତ ଉଦ୍‌ବେଗଜନକ । ସେମାନେ ରୋଡ ବର୍ନକୁ ମଡାଇ ମୁଖ୍ୟ କଂକ୍ରିଟ ରାସ୍ତା ଠାରୁ ପ୍ରାୟ ଦେଢଫୁଟ ଉଚ୍ଚରେ ଘରର ଆପ୍ରୋଚିଂ ରୋଡ ତଥା ରାସ୍ତା ନିର୍ମାଣ କରିଛନ୍ତି । ଆଉ କେତେକ ରୋଡ ବର୍ନକୁ ମଡାଇ ଅନାବଶ୍ୟକ ଭାବେ ପାଚେରି ତଥା ଉପର ଘରକୁ ଶିଡି ନିର୍ମାଣ କରିଛନ୍ତି । ଏତଦ୍‌ବ୍ୟତୀତ ନିକଟସ୍ଥ ବାହାଡ଼ାପିଠା ରାସ୍ତାର ଉଭୟ ପାର୍ଶ୍ୱରେ ସିମେଣ୍ଟ ରୋଡରେ ଲୋକେ ଗୋରୁ ଗାଈ ବାନ୍ଧୁଥିବାରୁ ରାସ୍ତାର ପ୍ରାୟ ୮ ଫୁଟ ମାଡି ରହିଛି। ତେଣୁ ସାଧାରଣରେ ଗମନାଗମନରେ ବାଧା ସୃଷ୍ଟି ହେଉଛି । ଏହି ଛକରେ ବହୁ ବ୍ୟବସାୟିକ ପ୍ରତିଷ୍ଠାନ, ଦୁଇଟି ଘରୋଇ ବ୍ୟାଙ୍କ, ଦୁଇଟି ଗ୍ୟାସ ବିତରକ ସଂସ୍ଥାର ଆଉଟଲେଟ, ପ୍ଲେ ତଥା ନର୍ସରୀ ସ୍କୁଲ ରହିଛି । ଏହିପରି ଏକ ସ୍ପର୍ଶକାତର ସ୍ଥାନ ଜବରଦଖଲକାରୀଙ୍କ କବ୍‌ଜାରେ ଥିବାରୁ ସେଠାରେ ଟ୍ରାଫିକ ସମସ୍ୟା ଦେଖାଦେଇଛି । ସାଧାରଣ ଦୁର୍ଘଟଣା ଏକ ନିତିଦିନିଆ ବ୍ୟାପାର ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ହିମାଂଶୁ ଶେଖର ଷଡଙ୍ଗୀ, ଉପନିର୍ବାହୀଯନ୍ତ୍ରୀ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ଦୃଷ୍ଟିଆକର୍ଷଣ କରିବାରୁ ସେ ଏନେଇ ପୋଲିସ ସହାୟତାରେ ଜବର ଦଖଲ ହଟାଇବାକୁ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।



ଓଡ଼ଗାଁ ସିନେମା ହଲ୍ ଛକ ରାସ୍ତାପାର୍ଶ୍ୱ ଜବରଦଖଲ କରାଯାଇଛି।

# ଦୃଷ୍ଟି ଆଢୁଆଳରେ ଦଶହରା ପଡ଼ିଆ

ଖଣ୍ଡପଡା.୨୮।୯(ସ୍ୱ.ପ୍ର.)

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ କଣ୍ଟିଲୋର ଶ୍ରୀ ନୀଳମାଧବ ପୀଠ ସର୍ବଜନବିଦିତ। ପୁରୀ ଶ୍ରୀମନ୍ଦିର ପୂଜାନୀତି ଓ ଏଠାକାର ନୀତିକାନ୍ତି ମଧ୍ୟରେ ସାମଞ୍ଜସ୍ୟ ରହିଛି । ଏହି କାରଣରୁ ଶ୍ରୀ ମନ୍ଦିରରେ ପାଳିତ ହେଉଥିବା ବିଭିନ୍ନ ଯାନିଯାତ୍ରା ଏହି ମନ୍ଦିରରେ ପାଳିତ ହୋଇଥାଏ। ତେବେ ଏହି ପୀଠରେ ପାଳିତ ହେଉଥିବା କିଛି ସ୍ୱତନ୍ତ୍ର ପରମ୍ପରା ଲୋପ ପାଇବାକୁ ବସିଛି । ବିଶେଷ କରି ବର୍ଷର ଗୋଟିଏ ଦିନ ଠାକୁର ପରମ୍ପରା କ୍ରମେ ଦଶହରା ଅନୁକୂଳ ପାଇଁ ଏକ ସୁସଜ୍ଜିତ ବିମାନରେ ଦଶହରା ପଡିଆକୁ ବିଜେ ହୋଇଥାନ୍ତି। ମାତ୍ର ଐତିହ୍ୟସମ୍ପନ୍ନ ଏହି ଦଶହରା ପଡ଼ିଆ ଏବେ ପ୍ରଶାସନିକ ନଜର ଆଢୁଆଳରେ ରହିଯାଇଛି।

ନୀଳମାଧବ ଜୀଉ ମନ୍ଦିର ପୂର୍ବପାର୍ଶ୍ୱ ଅନତି ଦୂର କଣ୍ଟିଲୋ ମହାନଦୀ ଓ କମେଇ ନଦୀର ସଂଯୋଗସ୍ଥଳରେ ରାଜାରାଜୁଡ଼ା ଅମଳରୁ ଯୁଦ୍ଧ କୌଶଳ ଅଭ୍ୟାସ ପାଇଁ ଏକ ପଡିଆ ରହିଥିଲା। ରାଜାମାନେ ସେମାନଙ୍କ ରାଜ୍ୟ ତଥା ଗଡ଼ଜାତକୁ ସୁରକ୍ଷିତ ରଖିବା ପାଇଁ ସୀମାରେ ସେନାମାନଙ୍କୁ ରହିବା ବ୍ୟବସ୍ଥା କରିଥାନ୍ତି । ଏଥିପାଇଁ ଖଣ୍ଡାୟତ ଓ ପାଇକମାନଙ୍କୁ କମେଇ ନଦୀପାର୍ଶ୍ୱ ଏକ ପଡାରେ ରହିବା ବ୍ୟବସ୍ଥା କରିଥିଲେ। ଏହି ସମ୍ପ୍ରଦାୟର ଲୋକେ ମହାନଦୀ ଓ କମେଇ ନଦୀ ସଂଗମସ୍ଥଳରେ ଦଶହରାରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ବିଜେ କରାଇ ରଣକୌଶଳ ଶିକ୍ଷା ଆରମ୍ଭ କରୁଥିଲେ। କାଳକ୍ରମେ ଉକ୍ତ ସମ୍ପ୍ରଦାୟ ଲୋପ ପାଇଯାଇଥିବା ବେଳେ ପରମ୍ପରା କ୍ରମେ ଦଶହରାରେ ଠାକୁର ଏହି ଦଶହରା ପଡ଼ିଆକୁ ଘଣ୍ଟ, ଘଣ୍ଟା, କାହାଳି, ମୃଦଙ୍ଗ, ଛତ୍ରୀ, ମଶାଲ, ସଂକୀର୍ତ୍ତନ ଓ ପାଟପଟୁଆର

## ଦଶହରା ଅନୁକୂଳ ପାଇଁ ବିମାନରେ ବିଜେ ହୁଅନ୍ତି ଠାକୁର



ଆବର୍ଜନାପୂର୍ଣ୍ଣ ଦଶହରା ପଡିଆ।

ସହିତ ବିଜେ କରିଥାନ୍ତି । ସୂଚନାଯୋଗ୍ୟ ଯେ, ନୀଳମାଧବ ଜୀଉଙ୍କ ଚଳନ୍ତିପ୍ରତିମା ମଦନମୋହନ ଜୀଉ ସନ୍ଧ୍ୟାରେ ମନ୍ଦିର ବେଢା ପରିକ୍ରମା କରି ସିଂହଦ୍ୱାର, କଣ୍ଟିଲୋ ଫକୀର ଅତବୁଦ୍ଧି ପାଟଣା ପରେ ମହାନଦୀ ଦକ୍ଷିଣପାର୍ଶ୍ୱ ମାଳବନ୍ଧ ଉପର ଦେଇ ଏହି ଦଶହରା ପଡିଆକୁ ବିଜେ ହୋଇଥାନ୍ତି। ଠାକୁରଙ୍କ ଏହି କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ଦେବୋତ୍ତର ବିଭାଗ ରହିଥିଲେ ହେଁ ଜଳସମ୍ପଦ ଓ ବିଦ୍ୟୁତ୍ ବିଭାଗ ସହଯୋଗ କଲେ ଠାକୁର ଅନ୍ଧାର ରାତିରେ ବି ସୁରକ୍ଷିତ ଭାବେ ପଡିଆକୁ ବିଜେ ହୋଇପାରନ୍ତେ ବୋଲି ମତପ୍ରକାଶ ପାଉଛି। ଫକୀର ଅତବୁଦ୍ଧିପାଟଣାଠାରୁ କମେଇ ନଦୀ ପର୍ଯ୍ୟନ୍ତ ମାଳବନ୍ଧର ଦୂରତା ମାତ୍ର ୪୮୦ ମିଟର। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା କ୍ରମଶଃ ସଙ୍କୁଚିତ ହେଉଥିବାବେଳେ ଉଭୟ ପାର୍ଶ୍ୱ ଅନାବନା ଗଛରେ ପରିପୂର୍ଣ୍ଣ ହୋଇଯାଇଛି। ଫଳରେ ରାତିରେ ସରୀସୃପଙ୍କ ଯୋଗୁ ମାଳବନ୍ଧ ଦେଇ ଯାତାୟାତ କରିବା ନିରାପଦ ନୁହେଁ। ତେବେ ଏହିସବୁ କାର୍ଯ୍ୟ ପାଇଁ ମୁଖ୍ୟତଃ ଦେବୋତ୍ତର ବିଭାଗର ମୁଖ୍ୟ ଭୂମିକା ରହିଛି। ବିଶେଷ କରି ଠାକୁର ପରମ୍ପରା କ୍ରମେ ଏହି ପଡିଆକୁ ବିଜେ ହେଉଥିବାରୁ ସେଠାରେ ଏକ ସ୍ଥାୟୀ ବେଦୀ ନିର୍ମାଣର ଆବଶ୍ୟକତା ରହିଛି। ଆଉ ମାତ୍ର ୧୨ଦିନ ପରେ ଠାକୁର ଏହି ସ୍ଥାନକୁ ବିଜେ ହେବେ। ଏଥିପାଇଁ ଉକ୍ତ ସ୍ଥାନର ସଫାସୁତୁରା ସହ ମାଳବନ୍ଧର ରକ୍ଷଣାବେକ୍ଷଣ କରାଯିବା ଜରୁରୀ। କଣ୍ଟିଲୋ ଜଳସମ୍ପଦ ବିଭାଗ ଅଧିକାରୀ ଶଙ୍କର ଦଳେଇ ମାଳବନ୍ଧର ଆବଶ୍ୟକ ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଖଣ୍ଡପଡା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଅନୀତା ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ରାତିରେ ଠାକୁର ବିମାନ ଯୋଗେ ମାଳବନ୍ଧ ଉପରେ ଯେପରି ସୁବିଧାରେ ବିଜେ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ।

## ସଂକ୍ଷେପରେ

### ବଧୂ ନିର୍ଯାତନା ଅଭିଯୋଗରେ ବାପ, ପୁଅ ଗିରଫ



**ବ୍ରହ୍ମପୁର ଅଫିସ୍,୨୮।୯:** ବଧୂ ନିର୍ଯାତନା ଅଭିଯୋଗରେ ବ୍ରହ୍ମପୁର ଗୋଷାଣୀନୂଆଗାଁ ପୋଲିସ ଦ୍ୱିତୀୟ ତୋଟାସାହିର ବାପ ବି.ଗଣପତି ରେଡ୍ଡୀ ଏବଂ ପୁଅ ବି.ଶ୍ରୀନିବାସ ରେଡ୍ଡୀଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି।

ପ୍ରକାଶଯେ, ବି.ମଣି ୧୦ ବର୍ଷ ପୂର୍ବେ ଶ୍ରୀନିବାସଙ୍କୁ ବିବାହ କରିଥିବା ବେଳେ ଉଭୟ ସ୍ୱାମୀ ଓ ଶ୍ୱଶୁର ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଛନ୍ତି। ଗତ ଅଗଷ୍ଟ ୭ରେ ମଣିଙ୍କୁ ଶ୍ୱଶୁର ଗଣପତି ଗରମ ଆଇରନ ଲଗାଇ ଦେଇଥିବା ବେଳେ ଗତ ୨୩ରେ ସ୍ୱାମୀ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ । ଅତ୍ୟାଚାରରେ ଅତିଷ୍ଠ ହୋଇ ମଣି ଗତ ୨୫ ତାରିଖରେ ଥାନାର ଦ୍ୱାରସ୍ଥ ହୋଇ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ନଂ. ୧୧୪/୧୮ରେ ଏକ ମାମଲା ରୁଜୁ କରି ଉଭୟ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି କୁଳମଣି ସେଠୀ ସୂଚନା ଦେଇଛନ୍ତି ।

### ବିଏସ୍ଏନ୍ଏଲ କାଜୁଆଲ କର୍ମଚାରୀ ସଂଘର ଆମରଣ ଅନଶନ

**ବ୍ରହ୍ମପୁର ଅଫିସ୍,୨୮।୯:** ବିଏସ୍ଏନ୍ଏଲ କାଜୁଆଲ କର୍ମଚାରୀ ସଂଘ ପକ୍ଷରୁ ୭ ଦଫା ଦାବି ନେଇ ଶୁକ୍ରବାର ବ୍ରହ୍ମପୁର ବିଏସ୍ଏନ୍ଏଲ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯାଇଛି । ଅଶୋକ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସଭାପତି ଜେ.କାମେଶ୍ୱର ରାଓ, ଉପସଭାପତି ମହେଶ କୁମାର ଜେନା, ଶାଖା ସମ୍ପାଦକ ସୋମନାଥ ମହାପାତ୍ର ପ୍ରମୁଖ ଯୋଗଦେଇ ଚିଫ୍ ଜେନେରାଲ ମ୍ୟାନେଜର୍ଙ୍କ ଚିଠି ସଂଖ୍ୟା ଆର.ଆଇ/୮-୩/(ପିଟି-୧)/୬ ୭ ମାର୍ଚ୍ଚ ୨୦୧୮ର ସମସ୍ତ ନିର୍ଦ୍ଦେଶାନାମା ଏଯାବତ୍ କାର୍ଯ୍ୟକାରୀ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ । ସେହିପରି ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ସମାନ କାମକୁ ସମାନ ଦରମା ପ୍ରଦାନ, ୭ ଦିନ ମଧ୍ୟରେ ମାସିକ ବେତନ କାର୍ଯ୍ୟକାରୀ କରିବା, କାଜୁଆଲ ଏବଂ ଚୁକ୍ତି ଶ୍ରମିକମାନଙ୍କୁ ଛଟେଇ କରା ନ ଯାଇ ସୁନିଶ୍ଚିତ କାର୍ଯ୍ୟ ସୁରକ୍ଷା ପ୍ରଦାନ କରିବା, ଇପିଏଫ୍, ଇଏସ୍ଆଇ, ବୋନସ ସୁବିଧା ସୁଯୋଗ ଭଳି ସାମାଜିକ ସୁରକ୍ଷା ପ୍ରଦାନ, ନିୟମାନୁସାରେ ସରକାରୀ ଛୁଟି ଏବଂ ପାର୍ବଣ ଛୁଟିରେ ମଜୁରି ପ୍ରଦାନ, ବେସରକାରୀ କରଣ ପ୍ରଥା ବନ୍ଦ କରିବା ଆଦି ୭ ଦଫା ଦାବି ପୂରଣ କରିବା ନେଇ ଅନଶନ କରାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

## ■ ୧୧ ଦଫା ଦାବିରେ ବ୍ୟବସାୟୀଙ୍କ ଧର୍ମଘଟ

# ବ୍ରହ୍ମପୁରରେ ବ୍ୟବସାୟ ଠପ୍

ବ୍ରହ୍ମପୁର ଅଫିସ,୨୮।୯

ଭାରତ ବଜାରରେ ଶତପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ(ଏଫଡିଆଇ)କୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ପ୍ରତିବାଦରେ ଶୁକ୍ରବାର କନଫେଡେରେଶନ ଅଫ ଅଲ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ସର୍ବଭାରତୀୟ ଧର୍ମଘଟ ଡାକରା ଦେଇଥିଲା। ୧୧ ଦଫା ଦାବି ନେଇ ସଂଗଠନ ପକ୍ଷରୁ ଡାକରା ଦିଆଯାଇଥିବା ଏହି ଧର୍ମଘଟରେ ଶୁକ୍ରବାର ଗଞ୍ଜାମ ଚାମ୍ବର ଅଫ କମର୍ସ ସମେତ ବହୁ ବ୍ୟବସାୟିକ ସଂଗଠନ ଏଥିରେ ସାମିଲ ହୋଇଥିଲେ। ଫଳରେ ଗଞ୍ଜାମ ଜିଲାର ବ୍ୟବସାୟ ପ୍ରାଣକେନ୍ଦ୍ର ବ୍ରହ୍ମପୁରରେ ବ୍ୟବସାୟ ଠପ୍ ହୋଇଯାଇଥିଲା । ସହରର ପ୍ରାୟ ୭ ହଜାରରୁ ଉର୍ଦ୍ଧ୍ୱ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା ।

ଅନ୍ୟପକ୍ଷରେ ଏହି ଧର୍ମଘଟକୁ ସଫଳ କରିବା ନେଇ ଗଞ୍ଜାମ ଚାମ୍ବର ଅଫ କମର୍ସ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କମଲାବାରି ସାହି ସ୍ଥିତ ସଂଗଠନ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ବଡବଜାର, ସାନବଜାର, ବାଲୁଙ୍କେଶ୍ୱର ମନ୍ଦିର, ହରିଡାଖଣ୍ଡି ଛକ, ନଡିଆ ଗୁର୍ଜି, ଦେଶୀବେହେରା ସାହି, ହନୁମାନ ବଜାର, ଗିରିମାର୍କେଟ, ଏସ୍ଏନ୍ଟି ରୋଡ, ଅନ୍ନପୂର୍ଣ୍ଣାମାର୍କେଟ, ୱାନ ୱେ ଟ୍ରାଫିକ ରୋଡ, କମାପଲ୍ଲୀ ଛକ, ଗୋଷାଣୀନୂଆଗାଁ ନୂଆ ବସ୍ଷ୍ଟାଣ୍ଡ ସମେତ ସହରର ସମସ୍ତ ବ୍ୟବସାୟିକ ଛକ ପରିକ୍ରମା କରିବା ସହ ଧର୍ମଘଟକୁ ସାମିଲ ହେବା ନେଇ ସଚେତନ କରାଇଥିଲେ । ଚାମ୍ବର ଅଫ କମର୍ସ ସଭାପତି ଭିଭିଏନ୍ ରାଓ, ଉପସଭାପତି ଇ. ଶିବ ପ୍ରସାଦ ରାଓ, ସଂଯୋଜକ ମନୋଜ ପାଢୀ, ପୂର୍ବତନ ସଭାପତି ପି. ରବୀନ୍ଦ୍ର ନାଥ, ପି. ରାହୁଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ଚ୍ୟାମ୍ବର ଅଫ କମର୍ସ କର୍ମକର୍ତ୍ତାଙ୍କ ସମେତ ଦେଶୀବେହେରା ସାହି ବ୍ୟବସାୟୀ ସଂଘ, ଅର୍ବାନ ବ୍ୟାଙ୍କ ରୋଡ ବ୍ୟବସାୟିକ ସଂଘ, ବ୍ରହ୍ମପୁର ବ୍ୟବସାୟୀ ମହାସଂଘ, ଜୁଏଲେରୀ ଆସୋସିଏଶନ ସମେତ ୧୦୦ରୁ ଉର୍ଦ୍ଧ୍ୱ ବ୍ୟବସାୟିକ ସଂଗଠନ ସାମିଲ ହୋଇଥିଲେ। କେତେକ ଛୋଟ ଚା, ପାନ ଦୋକାନୀଙ୍କୁ ଛାଡି ସହରରେ ସମସ୍ତ ବୃହତ୍ କ୍ଷୁଦ୍ର ବ୍ୟବସାୟିକ ଅନୁଷ୍ଠାନ, ଦୋକାନବାଜର ବନ୍ଦ ରହିଥିଲା। ସେହିପରି ସର୍ବଭାରତୀୟ ଔଷଧ ବ୍ୟବସାୟୀ ସଂଗଠନ ଏଆଇଓସିଡି ଏବଂ ୟୁସିଡିଏର ମିଳିତ ଆହ୍ୱାନ କ୍ରମେ ଗଞ୍ଜାମ ଫୁଲବାଣୀ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ମଧ୍ୟ ଏହି ଧର୍ମଘଟରେ ସାମିଲ ହୋଇଥିଲା । ଇ-ଫାର୍ମାସୀ ପ୍ରସ୍ତାବକୁ ବିରୋଧ କରି ବ୍ରହ୍ମପୁର ସମେତ ସମଗ୍ର ଗଞ୍ଜାମ ଜିଲାର ସମସ୍ତ ଔଷଧ ଦୋକାନ ବନ୍ଦ ରହିଥିଲା । କେବଳ ଜରୁରୀ ଔଷଧ ବିତରକଙ୍କୁ ବାଦ ଦେଇ ଜିପିସିଡିଏ ଅନ୍ତର୍ଗତ ଜିଲାର ପ୍ରାୟ ୨୦୦୦ ବ୍ୟବସାୟୀ ଏଥିରେ ସାମିଲ ହୋଇଥିଲେ । ଜିପିସିଡିଏର ସଭାପତି କୃଷ୍ଣ ପ୍ରସାଦ ପଣ୍ଡା, ସମ୍ପାଦକ ତଥା ୟୁସିଡିଏ ସଭାପତି ପି. ସତ୍ୟନାରାୟଣଙ୍କ ନେତୃତ୍ୱରେ କମଲାବାରୀ ସାହି କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଚାମ୍ବର ଅଫ କମର୍ସ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏଆଇଓସିଡି ଯୁଗ୍ମ ସମ୍ପାଦକ ଭି. ଜଗନ୍ନାଥ ରାଓ,କୋଷାଧ୍ୟକ୍ଷ ଭି. ଚନ୍ଦ୍ରଶେଖର, ଅଫିସ ସମ୍ପାଦକ ଅବନୀ ସାହୁ, ଆଲୋକ ଜେନା, କେଦାର ଜେନା ପ୍ରମୁଖଙ୍କ ସମେତ ସଂଘର ଶତାଧିକ ସଭ୍ୟ ଏଥିରେ ଯୋଗ ଦେଇଥିଲେ ।



ଧର୍ମଘଟକୁ ସଫଳ କରିବାକୁ ବ୍ୟବସାୟୀଙ୍କ ଶୋଭାଯାତ୍ରା ।

**ବନ୍ଦ ରହିଲା ୭ ହଜାରରୁ ଉର୍ଦ୍ଧ୍ୱ ଦୋକାନ**

# ୧୦ ଦଫା ଦାବିରେ ଅଖିଳ ଭାରତ ଯୁବ-ଛାତ୍ର ସଂଘର ରାସ୍ତାରୋକୋ




ଅଖିଳ ଭାରତ ଯୁବ-ଛାତ୍ର ସଂଘ ପକ୍ଷରୁ ବ୍ରହ୍ମପୁର ପୁରୁଣା ବସ୍ଷ୍ଟାଣ୍ଡରେ ରାସ୍ତାରୋକୋ କରାଯାଇଛି ।

ବ୍ରହ୍ମପୁର ଅଫିସ୍,୨୮।୯

୧୦ ଦଫା ଦାବି ନେଇ ରାଜ୍ୟ ବ୍ୟାପୀ ରାସ୍ତାରୋକୋ ଡାକରାକୁ ସମର୍ଥନ ଜଣାଇ ଅଖିଳ ଭାରତ ଯୁବ-ଛାତ୍ର ସଂଘ ପକ୍ଷରୁ ବ୍ରହ୍ମପୁର ପୁରୁଣା ବସ୍ଷ୍ଟାଣ୍ଡରେ ରାସ୍ତାରୋକୋ କରାଯାଇଛି। ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସମ୍ପାଦକ ପ୍ରଦୀପ ସେଠୀ ଏବଂ ଅଖିଳ ଭାରତ ଛାତ୍ର ସଂଘ ଜିଲା ସଭାପତି କାମଦେବ ନାହାକଙ୍କ ନେତୃତ୍ୱରେ ଅନୁଷ୍ଠିତ ରାସ୍ତାରୋକୋରେ କେନ୍ଦ୍ର ସରକାର ବର୍ଷକୁ ୨ କୋଟି ଯୁବକଙ୍କୁ ମିଥ୍ୟା ନିଯୁକ୍ତି ପ୍ରତିଶ୍ରୁତିର ପ୍ରତିବାଦ କରାଯାଇଥିଲା । ୨ ଘଣ୍ଟା ରାସ୍ତାରୋକୋ ପରେ ଟାଉନଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲା । ବୁଝାଶୁଝା କରିବା ପରେ ଆନ୍ଦୋଳନକାରୀ ରାସ୍ତାରୋକୋରୁ ହଟିଥିଲେ । ଭଗତ୍ ସିଂ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ପ୍ରଣୟନ, ସମସ୍ତଙ୍କ ପାଇଁ ସମାନ, ମାଗଣା ଓ ବିଜ୍ଞାନସମ୍ମତ ଶିକ୍ଷା, ନିର୍ବାଚନ ସଂସ୍କାର, ସମ୍ବିଧାନ ଓ ଧର୍ମନିରପେକ୍ଷତାର ସୁରକ୍ଷା, ରାଜ୍ୟର ସମସ୍ତ ଘରୋଇ ଶିଳ୍ପ କାରଖାନା ନିଯୁକ୍ତିରେ ସଂରକ୍ଷଣ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସୁରକ୍ଷା, ରାଜ୍ୟର ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନରେ ଖାଲି ପଡିଥିବା ପଦବୀ ପୂରଣ, ରାଜ୍ୟର ସମସ୍ତ କର୍ମ ନିଯୁକ୍ତି କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥିବା ବେକାରୀ ଯୁବତୀ, ଯୁବକଙ୍କୁ ତୁରନ୍ତ ନିଯୁକ୍ତି, ବେକାରି ଭତ୍ତା ବ୍ୟବସ୍ଥା, ତୈଳଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବୃଦ୍ଧି ନିୟନ୍ତ୍ରଣ ଭଳି ୧୦ ଦଫା ଦାବି ନେଇ ଏହି ରାସ୍ତାରୋକୋ କରାଯାଇଥିବା ଆନ୍ଦୋଳନକାରୀମାନେ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅଜୟ ଗୌଡ, ମହେନ୍ଦ୍ର ପାତ୍ର, ରୋହିତ ବିଷୋୟୀ, କୁମାର ସ୍ୱାଇଁ, ବୁଲୁ ସ୍ୱାଇଁ, କୃଷ୍ଣ ମହାରଣା ଓ ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ ।

### ଅପରେଶନ୍ ପରୀ-୨
## ଆନ୍ଧ୍ରରୁ ୪୯ ଶିଶୁ ଉଦ୍ଧାର କରିଲା ବ୍ରହ୍ମପୁର ପୋଲିସ

**ବ୍ରହ୍ମପୁର ଅଫିସ,୨୮।୯:** ବ୍ରହ୍ମପୁର ପୋଲିସ ଦ୍ୱାରା ପଡୋଶୀ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଅଞ୍ଚଳରୁ ଅପରେଶନ୍ ପରୀ-୨ କାର୍ଯ୍ୟକ୍ରମ ଦ୍ୱାରା ୪୯ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି । ନିର୍ଯାତିତ ହୋଇ ଘରୁ ଚାଲିଯାଇଥିବା ତଥା ଅର୍ଥାଭାବରୁ ବିଭିନ୍ନ ଅନୁଷ୍ଠାନ, ପ୍ରତିଷ୍ଠାନ ଓ ଶିଳ୍ପାନୁଷ୍ଠାନ ଆଦିରେ କାର୍ଯ୍ୟ କରୁଥିବା ୧୪ ବର୍ଷରୁ କମ୍ ୪୯ ଶିଶୁଙ୍କୁ ଶୁକ୍ରବାର ସୁଦ୍ଧା ଉଦ୍ଧାର କରାଯାଇଛି। ଉଦ୍ଧାର କାର୍ଯ୍ୟ ଶନିବାର ଶେଷ ହେବ ବୋଲି ବ୍ରହ୍ମପୁର ଏସ୍ପି ପିନାକ ମିଶ୍ର ସୂଚନା ଦେଇଛନ୍ତି । ଗତ ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଅପରେଶନ ପରୀ-୨ର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ୧୫ରୁ ଆରମ୍ଭ ହୋଇଛି । ଦକ୍ଷିଣାଞ୍ଚଳ ଡିଆଇଜି ଆଶିଷ ସିଂଙ୍କ ନିର୍ଦ୍ଦେଶକ୍ରମେ କନ୍ଧମାଳ ଜିଲାର ଇନ୍ସପେକ୍ଟର ତୁଶୀଳ ମାଝିଙ୍କ ନେତୃତ୍ୱରେ ୧୨ ଜଣିଆ ପୋଲିସ ଟିମ୍ ଆନ୍ଧ୍ରକୁ ଯାଇ ତଦନ୍ତ ଆରମ୍ଭ କରିଥିଲା । ବିଭିନ୍ନ ସ୍ଥାନରୁ ୪୯ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ସେଥିରେ ୨୬ ଜଣ ନାବାଳକ ଏବଂ ୨୩ ଜଣ ନାବାଳିକା ରହିଥିବା ସୂଚନା ମିଳିଛି। ସମସ୍ତଙ୍କୁ ଖୋର୍ଦ୍ଧା ଶିଶୁ ମଙ୍ଗଳ ବିଭାଗକୁ ହସ୍ତାନ୍ତର କରାଯାଇଛି । ବ୍ରହ୍ମପୁର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରୁ ୨୭୪ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ସେଥିରେ ୨୬୯ ନାବାଳକ ଏବଂ ୫ନାବାଳିକା ଥିବା ସୂଚନା ମିଳିଛି ।

## ସିମନବାଡ଼ି ବଜାର ବନ୍ଦ ହେବନି ଆଜି

ଦାରିଙ୍ଗବାଡ଼ି,୨୮।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ବଣିକ ସଂଘର ମାସିକ ବୈଠକ ଶୁକ୍ରବାର ସଭାପତି ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତି ମାସ ଶେଷ ଶନିବାର ସିମନବାଡି ଦୋକାନ ବଜାର ବନ୍ଦ କରାଯାଉଥିଲା। ମାତ୍ର ଚଳିତ ମାସ ଶେଷ ଶନିବାର ବଜାର ଖୋଲାରହିବ ବୋଲି ସଂଘ ନିଷ୍ପତ୍ତି ନେଇଛି। ଶୁକ୍ରବାର ଭାଜପାର ମହିଳା ମୋର୍ଚ୍ଚା ପକ୍ଷରୁ କନ୍ଧମାଳ ବନ୍ଦ ଡାକରା ଦିଆଯାଇଥିବାରୁ ବଜାର ବନ୍ଦ ରହିଥିଲା। ଏଥିପାଇଁ ଖାଉଟିମାନେ ହଇରାଣ ହୋଇଥିଲେ। ଶନିବାର ପୁଣି ବନ୍ଦ କରାଗଲେ ଅଞ୍ଚଳବାସୀ ହଇରାଣ ହେବା ଆଶଙ୍କା ଥିବାରୁ ତାହାକୁ ସ୍ଥଗିତ ରଖାଯାଇଛି। ସେହିପରି ବୈଠକର ଦ୍ୱିତୀୟ ପର୍ଯ୍ୟାୟରେ ମା' ଦୁର୍ଗାପୂଜା କମିଟିର ସଭାପତି ଜିତେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମା'ଙ୍କ ଶାରଦୀୟ ପୂଜା ଏବଂ ସାଂସ୍କୃତିକ କର୍ଯ୍ୟକ୍ରମ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବଣିକ ସଂଘର ଉପସଭାପତି ପୀତାମ୍ବର ସାହୁ, ପୂର୍ବତନ ସଭାପତି ଏସ.ନାଗେଶ୍ୱର ରାଓ ସୁବୁଦ୍ଧି, ରାଜୁ ସାହୁ, ବାସୁଦେବ ସାହୁ, ସୀମାଞ୍ଚଳ ସାହୁ, ଅଶୋକ କୁମାର ବେହେରା, ଚିତ୍ତ ରଞ୍ଜନ ପ୍ରଧାନ, ଅଜିତ ସାହୁ. ମନୋଜ ସାହୁ, ପୂଜା କମିଟିର ଧୋବା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମଦ ଜବତ, ଜଣେ ଗିରଫ

**ଦିଗପହଣ୍ଡି,୨୮।୯(ଡି.ଏନ.ଏ.)** ଦିଗପହଣ୍ଡି ବ୍ଲକ ବମକେଇ ଗ୍ରାମର ମଦ ବିକ୍ରେତା ବି. କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଗୁରୁବାର କେ.ନୂଆଗାଁ ପୋଲିସ ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବାବେଳେ ପୋଲିସ ୧୨୩ଟି ଚୋରା ଦେଶୀ ମଦ ପାଉଚ ଜବତ କରିଥିଲେ। ଥାନା ମାମଲା ନଂ.୧୧୪/୧୮ରେ ଅଭିଯୁକ୍ତଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରାଯାଇଥିବା ଆଇଆଇସି ସୁଜିତ କୁମାର ନାୟକ ଜଣାଇଛନ୍ତି।

### ■ ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ
## ରାସ୍ତା ଅବରୋଧ କଲେ ଉତ୍ତ୍ୟକ୍ତ ଲୋକେ

ଭଞ୍ଜନଗର,୨୮।୯(ଡି.ଏନ.ଏ.)

ଭଞ୍ଜନଗର ଥାନା ଅନ୍ତର୍ଗତ ଭାଲିଆଖାଇର ଖଦାଳ ଭୂୟାଁଙ୍କ ଶୁକ୍ରବାର ସକାଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା। ସେ ବାଉଁଶ ଦ୍ୱାରା ନଳା ସଫା କରୁଥିବା ବେଳେ ଘର ସମ୍ମୁଖରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ତାରରେ ବାଉଁଶଟି ବାଜିଯିବାରୁ ଗୁରୁତର ଆହତ ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଭଞ୍ଜନଗର ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଖଦାଳଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଖବର ଗ୍ରାମରେ ପ୍ରଚାର ହୋଇଯିବା ପରେ ଉତ୍ତ୍ୟକ୍ତ ଲୋକେ ମୃତଦେହକୁ ଗ୍ରାମ ଛକରେ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଭଞ୍ଜନଗର-ଆସିକା ମୁଖ୍ୟ ରାସ୍ତା ୪ ଘଣ୍ଟା ବନ୍ଦ ରହିଥିଲା । କ୍ଷତିପୂରଣ ସହ ଗ୍ରାମ ମଝିରେ ଥିବା ଟ୍ରାନ୍ସଫର୍ମର ହଟାଇବା ପାଇଁ ଦାବି କରିଥିଲେ। ପରେ ଉପ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ମେଡ଼ିକାଲକୁ ପଠାଇଛି । ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଉପ ଜିଲାପାଳ ସେଠୀ କହିଛନ୍ତି ଯେ, ସାଉଥ୍କୋ ପକ୍ଷରୁ ଆଗାମୀ ଦିନରେ ଆଇନ ଅନୁଯାୟୀ ଖଦାଳଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯିବ । ଖଦାଳଙ୍କ ଦୁଇ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ମାଗଣା କିଭଳି ହୋଇପାରିବ ସେ ନେଇ ପଦକ୍ଷେପ ନିଆଯିବ । ମୃତଦେହ ସତ୍କାର ପାଇଁ ୨୦ ହଜାର ଟଙ୍କା ଯୋଗାଇ ଦିଆଯାଇଛି ।

## ବିଶ୍ୱ ଶ୍ରବଣ ବାଧିତ ସପ୍ତାହରେ ଜିଲାସ୍ତରୀୟ କର୍ମଶାଳା

ବ୍ରହ୍ମପୁର ଅଫିସ,୨୮।୯

ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲିପିକା ଓ କାର୍ଡ ପକ୍ଷରୁ ବିଶ୍ୱ ଶ୍ରବଣ ବାଧିତ ସପ୍ତାହ ଶୁକ୍ରବାର ପାଳିତ ହୋଇଯାଇଛି। ଗେଟବଜାରସ୍ଥିତ ଏନ୍ଜିଓ ହଲରେ ଏକ ଜିଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଆଡିଶନାଲ ଏସ୍ପି ଶାନ୍ତନୁ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରବଣ ବାଧିତ ଯୁବତୀଙ୍କ ସୁରକ୍ଷା ଓ ସେମାନଙ୍କ ଉପରେ ଘଟୁଥିବା ହିଂସାକୁ କିପରି ରୋକାଯାଇ ପାରିବ, ସେ ନେଇ ଗୁରୁତ୍ୱାରୋପ କରିଥିଲେ । ଜିଲା ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତୀକରଣ ଅଧିକାରୀ ବଳରାମ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରବଣ ବାଧିତଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ନିର୍ଦ୍ଦେଶକ ଡା. କମଳକାନ୍ତ ପାଣିଗ୍ରାହୀ, ରଞ୍ଜିତା ଦାଶ, କାର୍ଡ ନିର୍ଦ୍ଦେଶକ ସୁରେଶ ସାହୁ ଓ ଡିସିପିଓ ସୁବୋଧ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏଥିରେ ୫୦ରୁ ଉର୍ଦ୍ଧ୍ୱ ଶ୍ରବଣବାଧିତ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରବଣ ବାଧିତଙ୍କ ପାଇଁ ଥାନା, ବ୍ୟାଙ୍କ, ହସ୍ପିଟାଲ ଓ ପୋଷ୍ଟ ଅଫିସରେ ଇଣ୍ଟରପ୍ରିଟର ରଖିବା ନେଇ ଦାବି କରାଯାଇଥିଲା । କାର୍ଡ ଅନୁଷ୍ଠାନ ସଂଯୋଜିକା ମମତା ଶତପଥୀ ଧନ୍ୟବାଦ ଦେଇଥିବା ବେଳେ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

### ■ ଗଞ୍ଜାମ ଜିଲା ଭାଜପାର ଅଭିଯୋଗ
# ନବୀନ ସରକାର ଓଡ଼ିଆଙ୍କ ସ୍ୱାର୍ଥବିରୋଧୀ

ବ୍ରହ୍ମପୁର ଅଫିସ,୨୮।୯

କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟ ବିଜେଡି ସରକାର ବିରୋଧ କରୁଛନ୍ତି । ଫଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆଙ୍କ ସ୍ୱାର୍ଥ ବିରୋଧୀ ସାଜିଛନ୍ତି। ଆୟୁଷ୍ମାନ ଯୋଜନାକୁ ଚ୍ୟାଲେଞ୍ଜ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଘୋଷଣା କରି ନାଟକ ରଚିଛନ୍ତି। ଗଞ୍ଜାମ ଜିଲା ଭାଜପା ପକ୍ଷରୁ ଏହି ଅଭିଯୋଗ କରାଯାଇଛି ଏବଂ ଆଗାମୀ ନିର୍ବାଚନରେ ଓଡ଼ିଶାବାସୀ ଏହାର ଜବାବ ଦେବା ପାଇଁ ଆହ୍ୱାନ ଦିଆଯାଇଛି। ଶୁକ୍ରବାର ବ୍ରହ୍ମପୁର ଜିଲା ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସମ୍ପାଦକ ବିଭୂତି ଜେନା ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆୟୁଷ୍ମାନ ଭାରତ ଯୋଜନା ସମ୍ପର୍କରେ ଗଞ୍ଜାମ ସମେତ ସବୁ ଜିଲାରେ ଆସନ୍ତା ୩୦ରୁ ସପ୍ତାହ ବ୍ୟାପୀ ଜନ ସଚେତନତା ସୃଷ୍ଟି କରାଯିବା କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଓଡ଼ିଶା ସରକାରଙ୍କ ଓଡ଼ିଆ ବିରୋଧୀ କାର୍ଯ୍ୟର ବାର୍ତ୍ତା ପୁରପଲ୍ଲୀର ଘରେ ଘରେ ପହଞ୍ଚାଇବା ସହିତ କେନ୍ଦ୍ରର ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ନିମନ୍ତେ ଦସ୍ତଖତ ସଂଗ୍ରହ କରାଯିବ ।

ଭାଜପା ନେତା ସୂଚାଇଥିଲେ, କେବଳ ଓଡ଼ିଶା ନୁହେଁ ରାଜ୍ୟ ବାହାରେ ଥିବା ଓଡ଼ିଆମାନେ ଆୟୁଷ୍ମାନ ଯୋଜନାରେ ସାମିଲ ହୋଇପାରିବାର ବ୍ୟବସ୍ଥା ରହିଛି। ତେବେ କ୍ଷମତାନ୍ଧ ହୋଇଯାଇଥିବା ମୁଖ୍ୟମନ୍ତ୍ରୀ ଏଭଳି ଏକ ଲୋକାଭିମୁଖୀ ଯୋଜନାକୁ ବିରୋଧ କରୁଛନ୍ତି । ଆୟୁଷ୍ମାନ ଯୋଜନାରେ ଯେ କୌଣସି ସ୍ଥାନରେ ଥିବା ଓଡ଼ିଆ ଲୋକ କ୍ୟାନସରରେ ଆକ୍ରାନ୍ତ ହେଲେ ତାଙ୍କୁ ବମ୍ବେସ୍ଥ ଟାଟା ମେମୋରିଆଲ କ୍ୟାନସର ହସ୍ପିଟାଲ ସମେତ ଦେଶର ଅନ୍ୟ ବଡ଼ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସା ସୁବିଧା ରହିଛି । ମାଗଣାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରାଯାଇଛି। ତେଣୁ କେନ୍ଦ୍ରୀୟ ଯୋଜନା ବାଧ୍ୟତାମୂଳକ ଭାବେ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ଲୋକେ ସ୍ୱର ଉତ୍ତୋଳନ କରିବା ଉପରେ ଜେନା ଗୁରୁତ୍ୱାରୋପ କରିଛନ୍ତି । ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ଓ ଉପସଭାପତି ପ୍ରଭାତ ଷଡ଼ଙ୍ଗୀ ଉପସ୍ଥିତ ଥିଲେ ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ ।

### ■ ବ୍ରହ୍ମପୁର ମହିଳା ବିଜେଡି ସମାବେଶରେ ନିଷ୍ପତ୍ତି
# କେନ୍ଦ୍ର ବିରୋଧରେ ମହିଳାଙ୍କୁ ସଚେତନ କରାଯିବ

ବ୍ରହ୍ମପୁର ଅଫିସ,୨୮।୯

ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ମହିଳା ଜନତା ଦଳର ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଡାଇମଣ୍ଡ ଜୁବିଲି ଟାଉନ ହଲରେ ଆୟୋଜିତ ସମାବେଶରେ ରାଜ୍ୟ ବିଜେଡି ସରକାରଙ୍କ ସାମୂହିକ ସଫଳତା ଏବଂ ଭାଜପା ନେତୃତ୍ୱାଧୀନ ମୋଦି ସରକାରଙ୍କ ସାମଗ୍ରିକ ବିଫଳତାର ବାର୍ତ୍ତା ଘରକୁ ଘର ଯାଇ ମହିଳାମାନଙ୍କ ନିକଟରେ ପହଞ୍ଚାଇବାକୁ ନେତ୍ରୀ, କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା । ମହିଳା ବିଜେଡି ଗଞ୍ଜାମ ଜିଲା ସଭାନେତ୍ରୀ ଆଇନଜୀବୀ ସଂଘମିତ୍ରା ଦଳାଇ ଏଥିରେ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ରର ଭାଜପା ସରକାର ମହିଳାଙ୍କ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ବିକାଶ ଘଟାଇବା ପରିବର୍ତ୍ତେ ତାଚ୍ଛଲ୍ୟପୂର୍ଣ୍ଣ ମନ୍ତବ୍ୟ ନେଇ ଅପମାନିତ କରୁଥିବା ସେ କଟାକ୍ଷ କରିଥିଲେ । ଆଗାମୀ ନିର୍ବାଚନରେ ଭାଜପାକୁ ଠିକଣା ଜବାବ ଦେବା ପାଇଁ ବିଜେଡି ମହିଳା କର୍ମୀମାନେ ସଂକଳ୍ପବଦ୍ଧ ହେବାକୁ ସଂଘମିତ୍ରା ଆହ୍ୱାନ ଦେଇଥିଲେ । ସମାବେଶରେ ମେୟର କେ. ମାଧବୀ, ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, ଗଞ୍ଜାମ ଜିଲା ପରିଷଦ ଉପସଭାନେତ୍ରୀ ସ୍ନେହଲତା ପଣ୍ଡା, ପୂର୍ବତନ ରାଜ୍ୟସଭା ସଦସ୍ୟା ରେଣୁବାଳା ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଢ଼େ ୧୮ ବର୍ଷ ଶାସନରେ ମହିଳାଙ୍କୁ ଗୁରୁତ୍ୱ ଦିଆଯାଇ ସେମାନଙ୍କ ପାଇଁ ହୋଇଥିବା ବହୁମୁଖୀ କଲ୍ୟାଣ ଯୋଜନା ସମ୍ପର୍କରେ ବଖାଣିଥିଲେ। ରାଜ୍ୟ ପ୍ରତି କେନ୍ଦ୍ର ସରକାରଙ୍କ ଲଗାତର ଅବହେଳା ଏବଂ ଓଡ଼ିଶାର ସ୍ୱାର୍ଥ ପ୍ରତି ବୈମାତୃକ ମନୋଭାବ ସମ୍ପର୍କରେ ମହିଳାଙ୍କୁ ସଚେତନ କରାଇବା ଉପରେ ଉପରୋକ୍ତ ନେତ୍ରୀମାନେ କର୍ମୀଙ୍କୁ ପରାମର୍ଶ ଦେଇଥିଲେ । ଜିଲା ଉପସଭାନେତ୍ରୀ ଜେ. ସୁଷମା ରାଣୀ, ସାଧାରଣ ସମ୍ପାଦିକା ପି. ଆଶାରାଣୀ, ରାଜ୍ୟ ମହିଳା ବିଜେଡି ସାଧାରଣ ସମ୍ପାଦିକା ଜ୍ୟୋତ୍ସ୍ନା ପାଢ଼ୀ, ନାରୀ ନେତ୍ରୀ ଲକ୍ଷ୍ମୀପ୍ରିୟା ପାଢ଼ୀଙ୍କ ସମେତ ବିଏମ୍ସିର ଅନେକ ମହିଳା କର୍ପୋରେଟର ଭାଷଣ ପ୍ରସଙ୍ଗରେ ତୃଣମୂଳସ୍ତରରୁ ମହିଳାଙ୍କୁ ସଂଗଠିତ କରିବା ଏବଂ ନବୀନ ସରକାରଙ୍କ ସଫଳତାର ବାର୍ତ୍ତା ନେଇ ମହିଳାଙ୍କୁ ଅବଗତ କରାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଛାତ୍ର ବିଜେଡି ଜିଲା ସଭାପତି ପ୍ରଶାନ୍ତ ପଣ୍ଡା, ଯୁବ ବିଜେଡି ମହାନଗର ସଭାପତି ମୁକୁନ୍ଦ ଗୌଡ଼ ଓ ସଞ୍ଜୟ ଜେନା ପ୍ରମୁଖ ମହିଳା କର୍ମୀଙ୍କୁ ଉତ୍ସାହିତ କରିଥିଲେ । ବହୁ ସଂଖ୍ୟକ ମହିଳା କର୍ମୀ ଉପସ୍ଥିତ ଥିଲେ ।




ମହିଳା ବିଜେଡି ସମାବେଶରେ ନେତ୍ରୀ ଓ ନେତାମାନେ ।